# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 85 | ଭାଗ ୩୪ | ସଂଖ୍ୟା ୮୫ | Bhubaneswar | Tuesday 17 June 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୭ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା








## ମୋଦିଙ୍କୁ ସାଇପ୍ରସର ସର୍ବୋଚ୍ଚ ସମ୍ମାନ



**ନିକୋସିଆ,୧୬।୬:** ଅନ୍ତର୍ଜାତୀୟ ସ୍ତରରେ ଦିନକୁ ଦିନ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଢୁଥିବା ବେଳେ ସମ୍ପ୍ରତି ସେ ସାଇପ୍ରସ୍ ଗସ୍ତରେ ଅଛନ୍ତି। ଏଠାରେ ଆଜି ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି। ସେଠାକାର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୁଲିଡ୍ସ ଶ୍ରୀ ମୋଦିଙ୍କୁ ଏହି 'ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ମାକାରିଓସ୍ ୩' ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ସାଇପ୍ରସର ପ୍ରଥମ ରାଷ୍ଟ୍ରପତି ଆର୍ଚବିଶପ୍ ମାକାରିଓସ୍ ୩ଙ୍କ ନାମରେ ନାମିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀମୋଦି ଏହି ସମ୍ମାନକୁ ୧୪୦ କୋଟି ଭାରତୀୟଙ୍କୁ ଉତ୍ସର୍ଗ କରିଛନ୍ତି। ସମ୍ମାନିତ ହେବା ପରେ ଶ୍ରୀ ମୋଦି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହା ଭାରତ-ସାଇପ୍ରସର ବିଶ୍ୱସ୍ତ ବନ୍ଧୁତା ପାଇଁ ଏକ ସମ୍ମାନ। ଭାରତ ଖୁବଶୀଘ୍ର ବିଶ୍ୱର ତୃତୀୟ ଅର୍ଥ ବ୍ୟବସ୍ଥା ହେବା ଦିଗରେ ଗତି କରୁଛି। ଭାରତ ସହ ଉତ୍ତମ ସମ୍ପର୍କ ରଖୁଥିବା ପ୍ରତିଟି ରାଷ୍ଟ୍ର ଏ ଦିଗରେ ଭାରତକୁ ସହଯୋଗ କରିବେ ବୋଲି ତାଙ୍କର ଆଶା। ଆଗାମୀ ଦିନରେ ସାଇପ୍ରସ୍ ଓ ଭାରତ ପାରସ୍ପରିକ ଉନ୍ନତି ସହ ସମଗ୍ର ବିଶ୍ୱର ବିକାଶ ଦିଗରେ ମଧ୍ୟ ଚିନ୍ତା କରିବେ ବୋଲି ଶ୍ରୀ ମୋଦି କହିଛନ୍ତି। ➪ପୃଷ୍ଠା-୬

**୧୧ ବର୍ଷରେ ସମ୍ମାନିତ କରିସାରିଲେଣି ୨୩ ରାଷ୍ଟ୍ର**

## ଯାଜପୁରରେ ହଇଜା ହାହାକାର
# ପୂର୍ବ ସରକାରଙ୍କ କୃତକର୍ମର ଫଳ

✪କୁଆଡେ ଗଲା ମେଗା ପାନୀୟ ଜଳ ପ୍ରକଳ୍ପ
✪ମେଗା ପାନୀୟ ଜଳ ନାଁରେ 'ମେଘା' ସ୍କାମ
✪କାମ ଅଧା ହୋଇନି, କମ୍ପାନୀକୁ ୯୦% ପେମେଣ୍ଟ
✪ବିଲେଇ ତୀର୍ଥ କରିବା ପରି ନବୀନ ଦେଉଛନ୍ତି ପରାମର୍ଶ





**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ହଇଜାରେ ସରକାରୀ ଭାବେ ୫ ଜଣଙ୍କ ମୃତ୍ୟୁ ହୋଇଛି। ବେସରକାରୀ ଭାବେ ଦେଖିଲେ ୧୫ ଜଣଙ୍କ ହଇଜାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ଯାଜପୁର ଭଳି ଉନ୍ନତ ଜିଲ୍ଲାରେ ହଇଜା କାହିଁକି ବ୍ୟାପିଛି, ଏକଥାକୁ କେହି ସହଜରେ ହଜମ କରିପାରୁନଥିବା ବେଳେ ସୂଚନା ଅଧିକାର ବଳରେ ମିଳିଥିବା ଏକ ତଥ୍ୟ ଚମକାଇ ଦେଲା ଭଳି ରହିଛି। ଏହି ତଥ୍ୟକୁ ବିଶ୍ଳେଷଣ କଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ପୂର୍ବ ସରକାରର କୃତକର୍ମର ଫଳ ଏବେ ବିଜେପି ସରକାର ଭୋଗୁଛି।

ଯାଜପୁରରେ ହଇଜା ବୀଜାଣୁ ଚିହ୍ନଟ ହେବାର କିଛି ଦିନ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ 'ଏକ୍ସ'ରେ ସରକାରଙ୍କୁ ଲମ୍ବାଚଉଡା ପରାମର୍ଶ ଦେବା ସହ ସମାଲୋଚନା ମଧ୍ୟ କରିଛନ୍ତି। ୨୪ ବର୍ଷ ଧରି ରାଜ୍ୟର ଶାସନ ଭାର ମୁଣ୍ଡେଇଥିବା ଦଳ ଓ ଯେଉଁ ଜିଲ୍ଲାରେ ହଇଜା ବ୍ୟାପିଛି ସେହି ଜିଲ୍ଲା ଥିଲା ସେସମୟରେ ଦ୍ୱିତୀୟ କ୍ଷମତା କେନ୍ଦ୍ର। ଏହି ଜିଲ୍ଲାର ଜଣେ ବିଧାୟକ ପ୍ରଣବ ପ୍ରକାଶ ଦାସ ଥିଲେ ସରକାରରେ ଦ୍ୱିତୀୟ ପାୱାର ସେଣ୍ଟର। ଏକଦା ଯାଜପୁରରେ ମିନି ସଚିବାଳୟ ପାଇଁ ମଧ୍ୟ ସ୍ୱପ୍ନ ଦେଖାଯାଇଥିଲା। ଏବେ ଯାଜପୁରରେ କାହିଁକି ହଇଜା ବ୍ୟାପିଛି, ତା'ର ଅସଲ କାହାଣୀକୁ ଯିବା। ୨୦୦୦ ମସିହାରୁ ବିଜେଡି ସରକାର ରାଜ୍ୟରେ ହଇଜାକୁ ନିୟନ୍ତ୍ରଣ କରିପାରିନଥିଲେ। ଏକଥା ଆମେ କହୁନୁ, ➪ପୃଷ୍ଠା-୬

## ଯାଜପୁରରେ ମାରାତ୍ମକ ଭିବ୍ରିଓ କଲେରା
# ପାଣ୍ଡେମିକ୍ ନୁହେଁ, ଏଣ୍ଡେମିକ ଷ୍ଟେଜରେ ଅଛି



**ଭୋଜିଭାତ ଓ ଷ୍ଟ୍ରିଟ ଫୁଡ ଉପରେ କଟକଣା**

**୬ ଜିଲ୍ଲାକୁ ବ୍ୟାପିଲାଣି ଝାଡାବାନ୍ତି ସଂକ୍ରମଣ**

ଜିଲ୍ଲା ପରେ ଜିଲ୍ଲାକୁ ମାଡ଼ି ଚାଲିଛି ଝାଡ଼ାବାନ୍ତି। ହଟ୍‌ସ୍ପଟ୍ ଯାଜପୁରରେ ମାରାତ୍ମକ ଭିବ୍ରିଓ କଲେରାର ଉପସ୍ଥିତି ନେଇ କେନ୍ଦ୍ରୀୟ ଟିମ୍ ସ୍ପଷ୍ଟ କରିଥିବା ବେଳେ ଏହା ଏଣ୍ଡେମିକ୍ ଷ୍ଟେଜରେ ଥିବା ସୂଚନା ଦେଇଛନ୍ତି। ସେପଟେ ସ୍ଥିତିର ମୁକାବିଲା ପାଇଁ ଲୋକଙ୍କୁ ଭୋଜିଭାତ ସହ ବାହାରେ ଖିଆପିଆ ଆଦି କରିବାକୁ ମନା କରାଯାଉଥିବା ବେଳେ ହୋଟେଲ୍ ଓ ଜଳଖିଆ ଦୋକାନ ଆଦି ଖୋଲିବା ଉପରେ ବି କଟକଣା ଲାଗିଛି। ଜଣଙ୍କୁ ମେଡିକାଲରେ ଭର୍ତ୍ତି କଲା ବେଳକୁ ➪ପୃଷ୍ଠା-୬

## ୧୮ ପରିବର୍ତ୍ତେ ୨୦ରେ ଖୋଲିବ ସ୍କୁଲ୍

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ୨୦ ତାରିଖରୁ ଖୋଲିବ ସ୍କୁଲ୍। ପୂର୍ବରୁ ଏହା ୧୮ ତାରିଖରେ ଖୋଲାଯିବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ଆଜି ଏ ସଂକ୍ରାନ୍ତରେ ହୋଇଥିବା ଏକ ନିଷ୍ପତ୍ତି କ୍ରମେ ସ୍କୁଲ୍‌ଗୁଡ଼ିକର ଖରା ଛୁଟିକୁ ଦୁଇ ଦିନ ବଢ଼ାଇ ଦିଆଯାଇଛି ଏବଂ ଆସନ୍ତା ୧୮ ତାରିଖ ପରିବର୍ତ୍ତେ ୨୦ ତାରିଖରେ ଖୋଲାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ



ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ସବୁ ଜିଲ୍ଲାର ଶିକ୍ଷାଧିକାରୀମାନଙ୍କୁ ମଧ୍ୟ ଚିଠି ପଠାଯାଇଛି। ସୂଚନାଯୋଗ୍ୟ ଯେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗତ ଏପ୍ରିଲ୍ ୨୩ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସେପଟେ ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାଙ୍କୁ ମଧ୍ୟାହ୍ନଭୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତାଗିଦ୍ ➪ପୃଷ୍ଠା-୬

## ୫ ବିଭାଗରେ ୯୬୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ
# ଯୁବଶକ୍ତି ବିକାଶ ରଥର ସାରଥୀ



**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ଯୁବ ଶକ୍ତି ହେଉଛନ୍ତି ଆମ ରାଜ୍ୟର ବିକାଶ ରଥର ସାରଥୀ। ଯୁବଶକ୍ତିଙ୍କ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଉପରେ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଉଦବୋଧନ ଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳା ଆୟୋଜିତ

● ବର୍ଷକରେ ସରକାର ଦେଇସାରିଛନ୍ତି ୭୩ ହଜାର ନିଯୁକ୍ତି

● ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି କାମ କରିବା ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ହୋଇଥିଲା। ଏଥିରେ ପୂର୍ତ୍ତ ବିଭାଗର ୫୬୩ଟି, ଜଳ ସମ୍ପଦ ବିଭାଗର ୬୨ଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୧୧୭ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ଟି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହିସବୁ ପଦବୀ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ଆଦି ରହିଛି।

ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବନିଯୁକ୍ତଙ୍କୁ ରଜ ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ସରକାରୀ ଚାକିରି ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ବୋଲି ଭାବି ସେମାନଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରିବା ➪ପୃଷ୍ଠା-୬

# ଦ୍ୱିତୀୟ ବର୍ଷ ଆରମ୍ଭରୁ ଶିଳ୍ପାୟନକୁ ବୁଷ୍ଟର ଡୋଜ

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ଆରମ୍ଭରୁ ଶିଳ୍ପାୟନକୁ ମିଳିଛି ବଡ଼ ସଫଳତା। ବେଦାନ୍ତ ପକ୍ଷରୁ ୧.୨୮ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ସମେତ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କାର ୮ଟି ପ୍ରକଳ୍ପକୁ ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥୋରିଟି ବୈଠକରେ ମଞ୍ଜୁରୀ ମିଳିଛି। ମଞ୍ଜୁରୀପ୍ରାପ୍ତ ୮ଟି ପ୍ରକଳ୍ପରେ ୧ ଲକ୍ଷ ୫୧ ହଜାର ୨୩୯ କୋଟି ୫୦ ଲକ୍ଷ ଟଙ୍କାର ପୁଞ୍ଜିନିବେଶ




● ୧.୨୮ ଲକ୍ଷ କୋଟିର ନିବେଶ କରିବ ବେଦାନ୍ତ

● ୮ଟି ପ୍ରକଳ୍ପକୁ ମିଳିଲା ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ

କରାଯିବ। ଏହାଦ୍ୱାରା ପ୍ରାୟ ୬୦ ହଜାର ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପାୟନର ବିରାଟ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ସକାରାତ୍ମକ ଯୋଜନା ଓ ସହଯୋଗ ପାଇଁ ବହୁ ସଂଖ୍ୟାରେ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଜି ମଞ୍ଜୁରୀ ପାଇଥିବା ପ୍ରକଳ୍ପଗୁଡ଼ିକ ଢେଙ୍କାନାଳ, ଯାଜପୁର, ➪ପୃଷ୍ଠା-୬

## ଆଇସିପିଆର୍‌ର ନୂଆ ଲୋଗୋ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ
# ଭାରତୀୟ ଜ୍ଞାନ ପରମ୍ପରାର ଏଆଇ ମଡେଲିଂ ଜରୁରୀ



**ନୂଆଦିଲ୍ଲୀ,୧୬।୬:** ଭାରତୀୟ ଜ୍ଞାନ ପରମ୍ପରାର ଐତିହ୍ୟ ବହୁତ ପୁରୁଣା। ଆମେ ଏହାକୁ କେବଳ ପୂଜା ଓ ଗର୍ବ ରୂପେ ଦେଖିବା ଉଚିତ୍ ନୁହେଁ, ବରଂ ଆମକୁ ବର୍ତ୍ତମାନର ଚ୍ୟାଲେଞ୍ଜ ଓ ଭବିଷ୍ୟତର ପ୍ରବାହ ଅନୁସାରେ ବିଶ୍ଳେଷଣ ସହ ଏଆଇ ମଡେଲିଂ କରିବାକୁ ପଡ଼ିବ ବୋଲି ଆଜି ଏଠାରେ ଇଣ୍ଡିଆନ କାଉନସିଲ୍ ଅଫ୍ ଫିଲୋସୋଫିକାଲ ରିସର୍ଚ୍ଚ (ଆଇସିପିଆର)ର ନୂଆ ଲୋଗୋ ଉନ୍ମୋଚନ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଇସିପିଆରର ଗବେଷଣା ପୁସ୍ତକର ଉନ୍ମୋଚନ କରିବା ସହ ଆଇସିପିଆର ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରିଥିଲେ। ଶ୍ରୀ ପ୍ରଧାନ ଆଇସିପିଆର ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ଆଇସିପିଆର ବିଗତ ୫ ଦଶକ ଧରି ଭାରତୀୟ ଜ୍ଞାନ ପ୍ରବାହକୁ ସମୃଦ୍ଧ କରିବା ଦିଗରେ ଲେଖନୀ ଚାଳନା ମାଧ୍ୟମରେ ବହୁତ ଯୋଗଦାନ ଦେଇଛି। ଆଜି ବିଶ୍ୱର ପୁରାତନ ସଭ୍ୟତାଗୁଡ଼ିକ ଧ୍ୱଂସାବଶେଷ କିମ୍ବା ପର୍ଯ୍ୟଟନସ୍ଥଳୀ ହୋଇସାରିଥିବା ବେଳେ ଭାରତରେ ଆଜି ବି ଏପରି ➪ପୃଷ୍ଠା-୬

# ଦୁଇଟି ପର୍ଯ୍ୟାୟରେ ହେବ ୨୦୨୭ ଜନଗଣନା



● ୨୦୨୬ ଅକ୍ଟୋବର ୧ରୁ ପ୍ରଥମ ପର୍ଯ୍ୟାୟ ଗଣନା
● ଖର୍ଚ୍ଚ ହେବ ପାଖାପାଖି ୧୨ ହଜାର କୋଟି

**ନୂଆଦିଲ୍ଲୀ,୧୬।୬:** ଆଗାମୀ ୨୦୨୭ରେ ହେବାକୁ ଥିବା ଜନଗଣନା ସକାଶେ ଆଜି କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି ଯେ ଆଗାମୀ ଜନଗଣନା ୨ଟି ପର୍ଯ୍ୟାୟରେ କରାଯିବ। ଦେଶର ଅଧିକାଂଶ ଅଞ୍ଚଳରେ ୧ ମାର୍ଚ୍ଚ ୨୦୨୭ ମଧ୍ୟରାତ୍ରିକୁ ଜନଗଣନା ପାଇଁ ମୂଳ ତାରିଖ ଭାବେ ବିବେଚନା କରାଯିବ। ତଥାପି ଲଦାଖ, ଜମ୍ମୁ ଓ କଶ୍ମୀରର କିଛି ଅଂଶ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି ଥଣ୍ଡା ଏବଂ ତୁଷାରପାତ ଅଞ୍ଚଳଗୁଡ଼ିକରେ ଏହି ତାରିଖ ୧ ଅକ୍ଟୋବର ୨୦୨୬ ସ୍ଥିର କରାଯାଇଛି। ଏହି ଅଞ୍ଚଳଗୁଡ଼ିକ ପାଇଁ କଷ୍ଟକର ପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଗତ ୨୦୧୯ରେ ଜାରି ହୋଇଥିବା ପୁରୁଣା ନିର୍ଦ୍ଦେଶକୁ ବାତିଲ କରି ଏହି ନୂତନ ବିଜ୍ଞପ୍ତି କାର୍ଯ୍ୟକାରୀ କରାଯାଇଛି। ସରକାରଙ୍କ ଏହି ପଦକ୍ଷେପ ଦେଶର ଜନସଂଖ୍ୟା, ସାମାଜିକ-ଆର୍ଥିକ ଅବସ୍ଥା ଓ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବ, ଯାହା ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରିବ। ବିଜ୍ଞପ୍ତି ପ୍ରକାଶ ସହ ଜନଗଣନା ମଧ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ୧୮୭୨ରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଏହା ଷୋଡ଼ଶ ଜନଗଣନା ଓ ସ୍ୱାଧୀନତା ପରେ ଏହା ଅଷ୍ଟମ ଜନଗଣନା। ଗତ ୨୦୧୧ରେ ହୋଇଥିବା ଜନଗଣନା ପରି ଆଗାମୀ ୨୦୨୭ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ପ୍ରଥମ ପର୍ଯ୍ୟାୟକୁ ଘର ତାଲିକା କିମ୍ବା ଘର ଗଣନା କୁହାଯାଏ। ଏଥିରେ ପ୍ରତ୍ୟେକ ପରିବାରର ଘରର ଅବସ୍ଥା, ଏଥିରେ ଉପଲବ୍ଧ ସୁବିଧା ଏବଂ ସମ୍ପତ୍ତି ସମ୍ପର୍କିତ ସୂଚନା ସଂଗ୍ରହ କରାଯିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ଘରେ ରହୁଥିବା ବ୍ୟକ୍ତିଙ୍କ ➪ପୃଷ୍ଠା-୬

# ଆଞ୍ଚଳିକ ଦଳମୁହାଁ ଓଡ଼ିଶା ରାଜନୀତି

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଆଞ୍ଚଳିକ ଦଳ ଜନ୍ମ ନେବାକୁ ଯାଉଛି । ଦୁଇ ବିରୋଧୀଦଳ ବିଜେଡି ଓ କଂଗ୍ରେସର କିଛି ଅସନ୍ତୁଷ୍ଟ ନେତା ଏହାକୁ ବଳ ଦେଉଥିବା ବେଳେ ବିଜେଡି

● ବଳ ଗୋଟାଉଛନ୍ତି ଅସନ୍ତୁଷ୍ଟ ନେତା
● ନଜର ରଖିଛି ବିଜେପି

ଢାଞ୍ଚାରେ ଏହି ନୂଆ ଦଳ ଜନ୍ମ ନେବାର ଆଭାସ ମିଳୁଛି। ତେବେ ଯେଉଁ ଗତିରେ ଏହି ପ୍ରକ୍ରିୟା ଆଗକୁ ବଢୁଛି, ଆସନ୍ତା ଦୁର୍ଗାପୂଜା ସୁଦ୍ଧା ଏହା ଚିତ୍ର ସ୍ପଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରମୁଖ ବିରୋଧୀଦଳ ବିଜେଡିରେ ଏବେ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି। ଯଦିଓ ବାହାରେ କେହି ମୁହଁ ଖୋଲୁନାହାନ୍ତି, କିନ୍ତୁ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। କିଛିଦିନ ତଳେ ଦଳର ବରିଷ୍ଠ ନେତାମାନେ ଏକାଠି ହୋଇ ନବୀନଙ୍କ ଉପରେ ଚାପ ପକାଇଥିଲେ। ହେଲେ ତାହା ସେଭଳି କିଛି କାମ ଦେଲାନାହିଁ। ବରଂ ନବୀନଙ୍କ ରାଜନୈତିକ ବ୍ୟାପାର କମିଟିରେ ବରିଷ୍ଠମାନଙ୍କୁ ସ୍ଥାନ ମିଳିଲା ନାହିଁ। ସେବେଠାରୁ ବିଜୁ ଲିଗାସୀର ଏହି ବରିଷ୍ଠମାନେ ମନେ ମନେ ରକ୍ତଚାଉଳ ଚୋବାଉଛନ୍ତି।ସେହିଭଳି ଦଳରେ ଥିବା ବିଜୁ ଲିଗାସୀଙ୍କ ପୁତ୍ରମାନେ ବି ତୁହାକୁ ତୁହା




ଗୁପ୍ତ ବୈଠକ ଚଳାଇଛନ୍ତି। କେତେବେଳେ ରାଜ୍ୟ ଭିତରେ ତ ଆଉ କେତେବେଳେ ରାଜ୍ୟ ବାହାରେ ଏକାଠି ହେଉଛନ୍ତି। ତେବେ ଦଳ ଭିତରେ ରହି ଚାପ ସୃଷ୍ଟି କରି ସୁଧାର ଆଣିବାର ଯେଉଁ ଉଦ୍ୟମ ଚଳାଇଥିଲେ, ତାହା ସଫଳ ହେଉନଥିବାରୁ ଏମାନେ ବାଟ କାଟି ଚାଲିଯିବାକୁ ସ୍ଥିର କରିଥିବା ସୂଚନା ମିଳିଛି। କାରଣ ଏହି ଯୁବନେତାମାନଙ୍କ ସମ୍ମୁଖରେ ଲମ୍ବା ରାଜନୈତିକ ଭବିଷ୍ୟତ ରହିଛି। ସେହିଭଳି କଂଗ୍ରେସର କିଛି ନେତାଙ୍କ ଅବସ୍ଥା। ଦୀର୍ଘଦିନ ପରେ ପ୍ରଦେଶ କଂଗ୍ରେସର ନୂଆ ମୁଖିଆ ନିଯୁକ୍ତି ପରେ ଦଳ ରକେଟ ଗତିରେ ଆଗକୁ ବଢ଼ିବ ବୋଲି ଯେଉଁ ଯୁବ ନେତାମାନେ ସ୍ୱପ୍ନ ଦେଖୁଥିଲେ, ଧିରେ ଧିରେ ସେମାନଙ୍କ ସ୍ୱପ୍ନ ଚୂରମାର୍ ହେବାରେ ଲାଗିଛି। ତେଣୁ ବେଳ ଥାଉ ଥାଉ ଏମାନେ ବିକଳ୍ପ ସନ୍ଧାନରେ ରହିଛନ୍ତି। ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in



## ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍ ଉଦଘାଟିତ

**କେନ୍ଦ୍ରାପଡ଼ା,୧୬।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ. ଆର.ଏସ. କର୍ଣ୍ଣର ଠାରେ ବିଧାୟକ ମହାକାଳପଡ଼ା ଡ. ଦୁର୍ଗା ପ୍ରଶନ ନାୟକ "ଷ୍ଟପ ଡାଇରିଆ" କ୍ୟାମ୍ପେନ ୨୦୨୫କୁ ଶୁଭଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ୧୬ଜୁନ ରୁ ଆରମ୍ଭ ହୋଇ ୩୧ଜୁଲାଇ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ର କୁମାର ଶତପଥି, ଏ.ଡି.ଏମ.ଓ (ମେଡିକାଲ) ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ସୁକାନ୍ତ କୁମାର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭକାନ୍ତ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଘାଟନୀ ସମୟରେ ବିଧାୟକ ଷ୍ଟପ ଡାଇରିଆ କ୍ୟାମ୍ପେନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବୁଝିଥିଲେ । ଏହି ଷ୍ଟପ ଡାଇରିଆ କାର୍ଯ୍ୟକ୍ରମରେ ଗ୍ରାମାଳରେ ଆଶାକର୍ମୀ ମାନେ ଘରକୁ ଘର ଯାଇ ଓ. ଆର. ଏସ. ଏବଂ ଜିଙ୍କ ବଟିକା ପ୍ରଦାନ କରିବେ । ସେହିପରି ମହିଳା ସ୍ୱାସ୍ଥ୍ୟ କର୍ମୀ ଓ କମ୍ୟୁନିଟି ହେଲଥ ଅଫିସର ମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାଇରିଆ କେସକୁ ପରିଚାଳନା କରିବେ । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସବ ଡିଭିଜନାଲ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଡାଇରିଆର ପରିଚାଳନା କରିବେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଜିଲ୍ଲାସ୍ତରରୁ ତଦାରଖ କରାଯିବ ।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୧୬।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡଖିର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗୋପପୁର ଉପସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ଗ୍ରହଣ କରିଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ମାନସୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପଞ୍ଚାୟତ ନିବାସୀ ଓଜେଏସ୍ ଲାଭ କରିଥିବା ସୁଶ୍ରୀ ଶ୍ରାବଣୀ ପରିଡ଼ାଙ୍କ ସମେତ ମାଟ୍ରିକ ପରୀକ୍ଷାରେ କୃତିତ୍ୱର ସହ ସର୍ବୋଚ୍ଚ ନମ୍ବର ରଖୁଥିବା ଏସ୍.ବି ଲିଳାରାଣୀ ସାଥୁଆ, ଅମ୍ରିତା ରାଉଳ,ଧନଞ୍ଜୟ ରାଉତ,ବର୍ଷା ପ୍ରିୟଦର୍ଶିନୀ ସାହୁଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପଞ୍ଚାୟତର ସରପଞ୍ଚ ହିଂମାଂଶୁ ନାରାୟଣ ମଲ୍ଲଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଗୋଳି ସେଠୀ, ମୁଖ୍ୟବକ୍ତା ଭାବେ ମହନ୍ତ ଅନନ୍ତରାମ ଦାସ,ସମ୍ମାନିତ ଅତିଥି ଭାବେ ଆୟୁଷ ଡାକ୍ତର ଜାପାନୀ ମହାପାତ୍ର, ଆଇନଜୀବୀ ତ୍ରିଲୋଚନ ପରିଡ଼ା, ଶିକ୍ଷାବିତ୍ ଜୟଦେବ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ବିନୋଦ ସାମଲ, ସିଏଚ୍ଓ ରୁପାଲି ରୂପଶ୍ରୀ ଗଦେଇ ପ୍ରମୁଖ ଯୋଗଦେଇ କୃତିତ୍ୱ ଲାଭ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମିତିସଭ୍ୟ ପ୍ରଦୋଷ କୁମାର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଆଶା କର୍ମୀ, ଅଙ୍ଗନବାଡ଼ିକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ପଞ୍ଚାୟତ ସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ନାଏବ ସରପଞ୍ଚ ମାନସୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାର୍ଶାଘାଇ ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି



### ମୋଟ ୫୪ଟି ଅଭିଯୋଗ ମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ

**କେନ୍ଦ୍ରାପଡ଼ା,୧୬।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦.୩୦ ଘଟିକାଠାରୁ ୧ ଘଟିକା ମଧ୍ୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣୀରେ ମୋଟ ୫୪ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୪୨ ଟି ବ୍ୟକ୍ତିଗତ ଓ ୧୨ ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜନଶୁଣାଣିରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ବିଡିଓ, ତହସିଲଦାର, ଜିଲ୍ଲା, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ବାରମ୍ବାର ବିଦ୍ୟୁତ କାଟରେ ଅତିଷ୍ଠ ଜନସାଧାରଣ

## ଡିଭିଜନ କାର୍ଯ୍ୟାଳୟରେ ଉପଭୋକ୍ତାଙ୍କ ପ୍ରତିବାଦ




**ମହାକାଳପଡ଼ା/ମାର୍ଶାଘାଇ,୧୬।୬ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କୁ ଦିନକୁ ଦିନ ଅତିଷ୍ଠ କରୁଛି ଅତର୍କିତ ବିଦ୍ୟୁତ କାଟ। ଗରମ ଗୁଳୁଗୁଳିରେ ବିଦ୍ୟୁତ ସେବା ନପାଇ ଉପଭୋକ୍ତା ଅସନ୍ତୋଷ ଦେଖାଇଥିଲେ। ହେଲେ ବିଦ୍ୟୁତ କାଟ୍ ନିତିଦିନିଆ ଭାବେ ଚାଲିବାରୁ ଲୋକଙ୍କ ଧର୍ଯ୍ୟ ଶେଷ ହୋଇଛି। ଆଜି ଗୋଟିଏ ଦିନରେ ପୃଥକ୍ ପୃଥକ୍ ଭାବରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାମାନେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ବିରୋଧରେ ନାରା ବାଜି କରିବା ସହିତ ଅତର୍କିତ ବିଦ୍ୟୁତ କାଟର ସମାଧାନ ପାଇଁ ଅଡ଼ି ବସିଥିଲେ।

ଆଜି ମାର୍ଶାଘାଇ ବ୍ଲକ୍ ରେ ଜିଲ୍ଲା ପ୍ରଶାସନ ର ମିଳିତ ଅଭିଯୋଗ ଶୁଣାଣୀ ଚାଲିଥିବା ସମୟରେ ଉପଭୋକ୍ତାମାନେ ଅଭିଯୋଗ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ଦାବି ଜଣାଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ବସନ୍ତ କୁମାର ଦାସ ୧୫ ଦିନ ସମୟ ମଧ୍ୟରେ ବିଦ୍ୟୁତ ସରବରାହ ନିରନ୍ତର ଯୋଗାଇବାକୁ ପ୍ରତିଶ୍ରୁତି ଦେବାପରେ ଲୋକେ ଫେରିଥିଲେ। ସେହିପରି ମହାକାଳପଡାର କେୟାରବାଙ୍କ ସେକ୍ସନରେ ସ୍ଥାନୀୟ ମଙ୍ଗଳପୁର ଗ୍ରାମର ମହିଳାମାନେ ବିଦ୍ୟୁତ କାଟକୁ ବିରୋଧ କରି କାର୍ଯ୍ୟାଳୟ ଆଗରେ ନାରାବାଜି କରିଥିଲେ। ଅପାରଗ ଯନ୍ତ୍ରୀ ଓ ଅଧିକାରୀ ମାନଙ୍କ ପାଇଁ ଏମିତି ଅବସ୍ଥା ଦେଖାଦେଇଛି ବୋଲି ମହିଳାମାନେ କହିଥିଲେ। ତୁରନ୍ତ ଏନେଇ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ ନକଲେ ଆଗକୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଆମେ ଏସଡିଓ ବାବୁଲାଲ ହାତିଙ୍କୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ସହିତ ଯୋଗାଯୋଗ ହୋଇ ପାରିନଥିଲା।

### ଡାଇରିଆ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

## ଦୂଷିତ ଖାଦ୍ୟ ଓ ପାଣିରୁ ଦୂରେଇ ରହିବାକୁ ପରାମର୍ଶ



**କେନ୍ଦ୍ରାପଡ଼ା,୧୬।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଡାଇରିଆର ଭୀଷଣ ପରିସ୍ଥିତି ପରେ ପଡୋଶୀ କେନ୍ଦ୍ରାପଡ଼ା ଜିଲ୍ଲାକୁ ବ୍ୟାପିବା ଘଟଣା ସାମ୍ନାକୁ ଆସିବା ପରେ ସୋମବାର ଜିଲ୍ଲା ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଭାସି ମାଧ୍ୟମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା,ଜିଲ୍ଲା ମୁଖ୍ୟଚିକିତ୍ସାଅଧିକାରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ଦୂଷିତ ପାଣି ଓ ଖାଦ୍ୟଠାରୁ ଦୁରେଇ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହା ସହିତ ଡାଇରିଆ ନିରାକରଣ ନିମନ୍ତେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଲୋକଙ୍କୁ ସଚେତନ କରିବା ସହିତ ଦୂଷିତ ଖାଦ୍ୟ ଓ ପାଣିରେ ବିକ୍ରି କରୁଥିବା ଅସାଧୁ ଦୋକାନକୁ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଡାଇରିଆକୁ ମାତ ଦେବା ନିମନ୍ତେ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା କରିବାକୁ କୁହାଯାଇଛି ।



## ରେସୱ୍ୱା ପକ୍ଷରୁ ରଜ ମହୋତ୍ସବ ପାଳିତ

**କେନ୍ଦ୍ରାପଡ଼ା,୧୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପାୟତର ଗରାପୁର ସ୍ଥିତ ରେସେୱ୍ୱା ଶିଶୁ ଯତ୍ନ ଅନୁଷ୍ଠାନରେ ରଜ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । କିଟ ଓ କିସ୍ର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡ.ଅଚ୍ୟୁତ ସାମନ୍ତଙ୍କ ତ୍ୱବଧାନ ଓ ସମାଜ ସେବୀ ଦିଲ୍ଲୀପ ନାୟକଙ୍କ ପ୍ରତିନିଧିତ୍ୱରେ ରେସୱ୍ୱା ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କୁ ନୂତନ ବସ୍ତ୍ର ଏବଂ ସମସ୍ତ ପିଲାମାନଙ୍କ ରଜ ଉପକରଣ ମାନ ଯୋଗାଇ ଦିଆଯାଇଛି। ଫଳରେ ପିଲାମାନେ ରଜ ମହୋତ୍ସବକୁ ଧୁମଧାମରେ ପାଳନ କରିଛନ୍ତି । ଅନୁଷ୍ଠାନର ଅନ୍ତେବାସୀ ଶିଶୁମାନେ ଖୁସିରେ ରଜ ପାଳନ କରିବା ସହିତ ଡ.ଅଚ୍ୟୁତ ସାମନ୍ତ ଏବଂ ତାଙ୍କ ପ୍ରତିନିଧି ଦିଲ୍ଲୀପ ନାୟକଙ୍କୁ ଖୁବ ପ୍ରଂଶସା କରିଛନ୍ତି । ଏଥିସହିତ ଅନୁଷ୍ଠାନର ଅଧୀକ୍ଷିକା ମିନତୀ ମହାରଣା ମଧ ଡ. ସାମନ୍ତଙ୍କୁ ପ୍ରଂଶସା କରିବା ସହ ସାଧୁବାଦ ଜଣାଇଛନ୍ତି ।

### କୁଆଡେ ଗଲେ ଯୌନ କେଳେଙ୍କାରୀ ଶିକ୍ଷକ

## ଭିଡିଓ ଭାଇରାଲକୁ ମାସେ ପୂରିଲା, ପୁଲିସ ହାତ ଖାଲି



**ଆଳି,୧୬।୬ (ସଂଚାର ବ୍ୟୁରୋ):** ଗୁରୁ ଶିଷ୍ୟ ସମ୍ପର୍କରେ ଲାଗି ଥିଲା କଳଙ୍କର ଛିଟା। ଏବେବି ଖୁଲମ ଖୁଲା ବୁଲୁଛନ୍ତି ରଙ୍ଗିଲା ଶିକ୍ଷକ। ଏବେବି ପୁଲିସ ହାତ ଖାଲିଥିବା ଅଭିଯୋଗ। ମାସରୁ ଉର୍ଦ୍ଧ ହେବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ଶିକ୍ଷକ କଳା କାରନାମା ସଭ୍ୟ ସମାଜ ଓ ଶିକ୍ଷକଙ୍କ ପାଇଁ କଳଙ୍କ ହୋଇ ଥିଲା। ଯାହାକି ଶିକ୍ଷକଙ୍କୁ ଧରିବାରେ ପୁଲିସ ପ୍ରଶାସନ ଏକ ପ୍ରକାର ଫେଲ ମାରିଛି। ଅନ୍ୟ ପକ୍ଷରେ ଆଳି ଅଞ୍ଚଳର ବେସରକାରୀ ବିଦ୍ୟାଳୟ ସିତାଦେବି ପବ୍ଲିକ ସ୍କୁଲର ଯୌନ କେଳଙ୍କାରି କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ ପୁଲିସର ନିରବତା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ କିଛି ଦିନ ତଳେ ଛାତ୍ରୀର ମା ଏନେଇ ଏସପି ଙ୍କୁ ଭେଟି ଝିଅକୁ ନ୍ୟାୟ ଦେବା ସହ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ଯାଏ କାର୍ଯ୍ୟାନୁଷ୍ଠାନ ଶୁନ।

ଅନ୍ୟ ପଟେ ଏହି ଘଟଣାରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପୁଲିସ ଘରୁ ଉଠାଇ ନେଇ ପଚରା ଉଚରା କରି ଛାଡି ଥିବା ବେଳେ ଆଜି ପର୍ଯ୍ୟନ୍ତ ଶିକ୍ଷକଙ୍କୁ ନ ଧରିବା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏଠି ପ୍ରଶ୍ନ ଉଠେ ଯଦି ସାମ୍ବାଦିକଙ୍କୁ ପୁଲିସ ତାଙ୍କ ଘରୁ ଉଠାଇ ନେଇ ପଚରା ଉଚରା କରିପାରୁଛି ତାହେଲେ କାହିଁକି ଏତେ ବଡ଼ ଜଘନ୍ୟ ଘଟଣାରେ ପୁଲିସ ଆଜି ପର୍ଯ୍ୟନ୍ତ ଶିକ୍ଷକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। କୁଆଡେ ଗଲେ ରସିକ ଶିକ୍ଷକ। କାହିଁକି ପୁଲିସ ଧରୁନାହିଁ ଶିକ୍ଷକଙ୍କୁ । କାହା ଚାପରେ ଚେପା ଏଠି ପୁଲିସ। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି। ଅନ୍ୟପଟେ କେଳେଙ୍କାରୀର ଭିଡିଓ ସମଗ୍ର ଆଳି ଅଞ୍ଚଳ ପାଇଁ ଲଜ୍ୟାର ବିଷୟ ହୋଇଥିବା ବେଳେ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ତୀବ୍ର ଅସନ୍ତୋଷ ପ୍ରକାଶ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଶୀଘ୍ର ଶିକ୍ଷକଙ୍କୁ ଗିରଫ କରି ଆଇନ ଅନୁଯାଇ ଦଣ୍ଡ ପାଇଁ ଦାବି ହୋଇଛି।

### ଗୃହରକ୍ଷୀଙ୍କ ପୁଅ ପାଇଲେ ନିଟ୍ ସଫଳତା



### ସର୍ବଭାରତୀୟ ସ୍ତରରେ ରଖିଲେ ୧୫,୯୩୦ ରାଙ୍କ୍

## ମହାକାଳପଡ଼ା ପାଇଁ ଗୌରବ

**ମହାକାଳପଡ଼ା,୧୬।୬ (ସଂଚାର ବ୍ୟୁରୋ):** ଜଣେ ଗୃହରକ୍ଷୀଙ୍କ ପୁଅ ସର୍ବ ଭାରତୀୟ ମେଡିକାଲ୍ ପ୍ରବେଶିକା ପରୀକ୍ଷା- ୨୦୨୫ ରେ ସଫଳତା ହାସଲ କରି ମହାକାଳପଡ଼ା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ମହାକାଳପଡ଼ା ବ୍ଲକ ଅଧୀନ ମହାକାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ପଟଣା ଗ୍ରାମର ଜ୍ଞାନ ରଞ୍ଜନ ସାମଲଙ୍କ ଜ୍ୟେଷ୍ଠ ପୁତ୍ର ଜ୍ୟୋତିରଞ୍ଜନ ସାମଲ ଚଳିତ ବର୍ଷ ହୋଇଥିବା ସର୍ବଭାରତୀୟ ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ୭୨୦ ରୁ ୫୪୨ ନମ୍ବର ରଖି ୧୫,୯୩୦ ରାଙ୍କ ହାସଲ କରିଛନ୍ତି। ଜ୍ୟୋତିରଞ୍ଜନଙ୍କ ବାପା ଜ୍ଞାନ ରଞ୍ଜନ ମହାକାଳପଡ଼ା ଥାନାରେ ଜଣେ ଗୃହରକ୍ଷୀ ପଦବୀରେ କାର୍ଯ୍ୟ କରୁଛନ୍ତି। ନିଜର ସ୍ୱଳ୍ପ ଦରମାରେ ପୁଅର ଉଚ୍ଚ ଶିକ୍ଷା ଇଚ୍ଛାକୁ ସାକାର କରିବା ପାଇଁ ନିଜର ସମସ୍ତ ପୁଞ୍ଜି ବିନିଯୋଗ କରି ପୁଅକୁ ପଢ଼ାଉଥିଲେ। ବାପାଙ୍କର ଭରଷାକୁ ବାସ୍ତବତାର ରୂପ ଦେବା ପାଇଁ ଜ୍ୟୋତିରଞ୍ଜନ ଦିନକୁ ୧୪ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ସେ ବାପା ମାଆଙ୍କ ବିଶ୍ୱାସ, ଆଶୀର୍ବାଦ ଓ ଶିକ୍ଷକ ମାନଙ୍କୁ ଦେଇଛନ୍ତି। ତାଙ୍କ ସଫଳତାରେ ବିଭିନ୍ନ ବ୍ୟକ୍ତି ବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଭରତପୁରରେ ଜିଲ୍ଲାସ୍ତରୀୟ ରଜ ପର୍ବ ଉଦ୍ଯାପିତ



**କେନ୍ଦ୍ରାପଡ଼ାର,୧୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ଉପକଣ୍ଠସ୍ଥ ଭରତପୁର ଗ୍ରାମର ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ଥିବା ମୁକ୍ତ ମଠରେ କେନ୍ଦ୍ରାପଡା ଜିଲ୍ଲାର ସର୍ବ ପୁରାତନ ସାଂସ୍କତିକ ଅନୁଷ୍ଠାନ "ବାଗ ଦେବୀ କଳା ମନ୍ଦିର" ଅନୁକୂଲ୍ୟର ଜିଲ୍ଲା ସ୍ତରୀୟ ରଜପର୍ବ ମହାସମାରୋହରେ ଉଦ୍ଯାପିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ଅଧକ୍ଷତାରେ ୧୪ ଓ ୧୫ତାରିଖ ଦୁଇଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ ଘଟିକାରୁ ବିଭିନ୍ନ ପାରଂପାରିକ ପ୍ରତିଯୋଗୀତା ଗୁଡିକ ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ କୃ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ଓଡିଶାର ନାମୀଦାମୀ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ତଥା ନୃତ୍ୟ ଭିକ କାର୍ଯ୍ୟକ୍ରମ କରାଯାଇଛି ବିଶିଷ୍ଟ ମଞ୍ଚ ଘୋଷକ ତଥା କବି ଅଶୋକ କୁମାର ସାହୁଙ୍କ ସଂଯୋଜନା ଓ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଓଡିଶାର ପ୍ରତିଷ୍ଠିତ ବ୍ୟଙ୍ଗ କବି ଶ୍ରୀଧର ମହାନ୍ତି ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିଥିବା ବେଳେ କବି ପ୍ରେମାନନ୍ଦ ଜେନା, ରଞ୍ଜନ ବାଇ, ରଜନୀ କାନ୍ତ ଦାସ, କବୟତ୍ରୀ ବିଷ୍ଣୁପ୍ରୟା ସାମଲ ପ୍ରମୁଖ ଓଡିଶା ପାରଂପାରିକ ରଜ ପର୍ବ ଉଦେଶ୍ୟରେ କବିତା ପାଠନ କରିଥିଲେ। ଜିଲ୍ଲାର ପ୍ରତିଷ୍ଠିତ ଓଡିଶୀନୃତ୍ୟ ଦଳଗୁଡିକ ଓଡିଶୀନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଭୁବନେଶ୍ୱର ବିଶିଷ୍ଟ ଶୀଲ୍ପପତି ତଥା ପରିବେଶବିତ୍ ଶରତ ପଟ୍ଟନାୟକ ଏବଂ ଆୟବା ଗ୍ରାମର କୃଷ୍ଣ ଚନ୍ଦ୍ର ନାୟକଙ୍କୁ ହିନ୍ଦୁ ଧର୍ମର ଗୋମାତା ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶୀ ନୃତ୍ୟରେ ଆକାଂକ୍ଷା ସେନାପତି ପ୍ରଥମ ହୋଇଥିବା ବେଳେ ବାଗଦେବୀ କଳାମନ୍ଦିର ସମ୍ବଲପୁରୀ ନୃତ୍ୟରେ ସୋନାଲି ମଲ୍ଲିକ ପ୍ରଥମ, ଗ୍ରୁପ ନୃତ୍ୟରେ ସଙ୍ଗୀତା ଦାସ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ରଜ୍ୟ ସଂସ୍କୃତି ଓଡିଆ ଭାଷ ଓ ସାହିତ୍ୟ ବିଭାଗ ଦ୍ୱାରା ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରଜ ଦୋଳି, ଝୋଟି, ରାଜ ପାନ ଭଳି ଏକାଧିକ ପାରମ୍ପାରିକ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା ।



### ମହାଆଡମ୍ବରରେ ରଜ ଉତ୍ସବ ପାଳନ କଲା

## ଭାତପଡା ବିକାଶ ମଞ୍ଚ ପରିଷଦ

**ସାଲେପୁର,୧୬।୬ (ସଂଚାର ବ୍ୟୁରୋ):** ତିନି ଦିନ ବ୍ୟାପି ସାଲେପୁର ଅଞ୍ଚଳରେ ଅନେକ ସ୍ଥାନରେ ରଜ ମହୋତ୍ସବ ପାଳନ ହୋଇ ଆସୁଥିବା ବେଳେ ପ୍ରତି ବର୍ଷ ପରି ଏହି ବର୍ଷ ମଧ ମହା ଆଡମ୍ବରରେ ରଜ ମହୋତ୍ସବ ପାଳନ କଲା ଭାତପଡା ବିକାଶ ମଞ୍ଚ ପରିଷଦ । ବିଭିନ୍ନ ପ୍ରକାର ଦୋଳି ସହିତ କବାଡି ଖେଳ ଏବଂ ତୃତୀୟ ରଜର ଶେଷ ସଂନ୍ଧ୍ୟା ରେ ଅନେକ ସୁନାମ ଧନ୍ୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକର୍ମ ଉପସ୍ଥାପନ କରାଯାଇଥିଲା । ଯାହା କୁନିକୁନି ପିଲା, ଛୋଟ, ବଡ ଝିଅ ପିଲାଙ୍କ ସହିତ ହଜାର ହଜାର ଦର୍ଶକଙ୍କୁ ଏକତ୍ରିତ କରିବାରେ ଏହି ମଞ୍ଚ ସକ୍ଷମ ହୋଇଛି ।

## ଆଦର୍ଶ ଜନ ଜାଗରଣ ମଞ୍ଚ ତରଫରୁ ସଫେଇ କାର୍ଯ୍ୟକ୍ରମ

**ମହାକାଳପଡ଼ା,୧୬।୬ (ସଂଚାର ବ୍ୟୁରୋ):** ଆଦର୍ଶ ଜନ ଜାଗରଣ ମଞ୍ଚ,କେନ୍ଦ୍ରାପଡ଼ା ତରଫରୁ ବଳିପାଳ ପଞ୍ଚାୟତର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଜ ସଙ୍କ୍ରାନ୍ତି ଅବସରରେ ମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରରେ ଜରି,କାଗଜ ଆଦି ପଡ଼ି ଅସୁନ୍ଦର ଦିଶୁଥିଲା। ଆଜି ସଦସ୍ୟମାନେ ଏକତ୍ରିତ ହୋଇ ମନ୍ଦିର ପରିସରକୁ ସଫେଇ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ରାଉତ, ବୀରେନ ବହେରା, ସୁନୀଲ ଗନ୍ତାୟତ, ସୁଦର୍ଶନ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



## ଆଶା ଆଶଙ୍କାରେ ଗ୍ରାମବାସୀ: କେବେ ସରିବ ପଥର ସ୍ପର୍ କାମ

### ସ୍ୱପ୍ନ ପୂରଣ କଲେ ସରକାର
### ନଦୀ କୂଳରେ ପଥର ପକାଇ ଛୁ ମାରିଲେ ଠିକାଦାର



**ଆଳି,୧୬।୬ (ସଂଚାର ବ୍ୟୁରୋ):** ପଥର ସ୍ପର ନିର୍ମାଣ ନକରି ନଦୀ କୂଳରେ ପଥର ପକାଇ ଛୁ ମାରିଛି ଠିକାଦାର। ଏଭଳି ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କୋଳିଡ଼ିହ ପଞ୍ଚାୟତ ଜାମୁଦଣ୍ଡା ଗ୍ରାମବାସୀ । କୂଳ ଖାଉଛି ଖରସ୍ରୋତା ନଦୀ, ଗାଁ ଆଡ଼କୁ ମାଡ଼ିଆସୁଛି ବିପଦ। ଧୀରେ ଧୀରେ ନଦୀ ଆସି ଗାଁ ନିକଟରେ ପହଁଚିଲାଣି। ଏମିତି କି ଚାଷବାସ ସବୁକିଛି ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଦୀର୍ଘ ୨୦ ବର୍ଷ ପରେ ନଦୀପାର୍ଶ୍ୱରେ ପଥର ପ୍ୟାକିଙ୍ଗ କରିବା ପାଇଁ ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁରୀ କଲେ। କିନ୍ତୁ ଠିକାଦାର କିଛି ପଥର ପକାଇ ଛୁ ମାରିଥିବା ଅଭିଯୋଗ ହୋଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନ୍ୟପଟେ କୂଳ ଲଙ୍ଘୁଛି ଖରସ୍ରୋତା ନଦୀ ଆତଙ୍କିତ ଅବସ୍ଥାରେ ଜାମୁଦଣ୍ଡା ଗ୍ରାମବାସୀ। ନଦୀର ପ୍ରଖର ସ୍ରୋତରେ ଖସୁଛି ବଡ଼ ବଡ଼ ମାଟି ଅତଡା ଆଉ ଉଜୁଡି ଯାଉଛି ଚାଷବାସ। ପ୍ରତିବର୍ଷ ନଦୀ ଶଯ୍ୟାକୁ ୧୫ରୁ ୨୦ଫୁଟ ଯାଏଁ ଖାଇ ଖାଇ ଚାଲିଛି ଖରସ୍ରୋତା ନଦୀ। ଏହାରି ଭିତରେ ୧୦/୧୨ଟି ଘର ମଧ ନଦୀ ଗର୍ଭରେ ଚାଲିଗଲାଣି। ଶହ ଶହ ଏକର ଚାଷ ଜମିବି ନଦୀରେ ଲୀନ ହୋଇଗଲାଣି। ଏମିତି କି ଅନେକ ଲୋକ ଗାଁ ଛାଡି ଅନ୍ୟତ୍ର ଚାଲିଗଲେଣି। ବେଳ ଥାଉ ଥାଉ ଯଦି କାର୍ଯ୍ୟ ଶେଷ ନହୁଏ ଆଗକୁ ଜାମୁଦଣ୍ଡା ଗ୍ରାମବାସୀଙ୍କ ପାଇଁ ବଡ଼ବିପଦ ଦେଖାଦେଇ ପାରେ। କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ମନମୁଖି ଭାବେ କାର୍ଯ୍ୟ କରିବା ସହ ଅଧା ପନ୍ତରୀୟା କାର୍ଯ୍ୟ କରି ଛୁ ମାରିବା ଲୋକେ ଏବେ ଆଶା ଆଶଙ୍କାରେ ରହିଛନ୍ତି । ତୁରନ୍ତ କାମ କରନ୍ତୁ ନଚେତ ଆଗାମୀ ଦିନରେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ସିଆଇସିଙ୍କ ବିଭ୍ରାନ୍ତିକର ରାୟ, ଆବେଦନକାରୀ ନିରାଶ

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟ ମୁଖ୍ୟ ସୂଚନା କମିଶନର୍ (ସିଆଇସି) ସୁଶାନ୍ତ କୁମାର ମହାନ୍ତି ଏକ ନିର୍ଦ୍ଦିଷ୍ଟ ମାମଲାରେ ଦେଇଥିବା ରାୟରେ ଆବେଦନକାରୀ ନିରାଶ ହୋଇଛନ୍ତି। ଆବେଦନକାରୀଙ୍କ ମାମଲାର ଶୁଣାଣି ପ୍ରଥମ ଆପିଲେଟ୍ ଅଥରିଟି କରିନଥିବା ବେଳେ ସିଆଇସି ତାଙ୍କୁ ଏନେଇ ନୋଟିସ୍ କରିଥିଲେ। କିନ୍ତୁ ସେ ଏହାକୁ ଅଣଦେଖା କରିଥିଲେ ହେଁ ସିଆଇସି ଶେଷରେ ଉକ୍ତ ମାମଲାଟିକୁ ପୁନର୍ବାର ତାଙ୍କ ପାଖକୁ ବିଚାର କରିବା ସକାଶେ ପଠାଇବା ସହ ମାମଲାକୁ ବନ୍ଦ କରିଦେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, କୋରାପୁଟର ରଞ୍ଜନ କୁମାର ମିଶ୍ର କୋରାପୁଟ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ କେତେକ ତଥ୍ୟ ସୂଚନାଧିକାରୀ ଆଇନ୍ ବଳରେ ମାଗିଥିଲେ। କିନ୍ତୁ ସେଠାରୁ ତାଙ୍କୁ କୌଣସି ତଥ୍ୟ ମିଳିଲା ନାହିଁ। ତେଣୁ ଏହା ବିରୋଧରେ ଶ୍ରୀ ମିଶ୍ର ପ୍ରଥମ ଆପିଲେଟ୍ ଅଥରିଟିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ବେଶ୍ କିଛିଦିନ ବିତିଯାଇଥିଲେ ମଧ୍ୟ ପ୍ରଥମ ଆପିଲେଟ୍ ଅଥରିଟି କୌଣସି ଶୁଣାଣି କରିନଥିଲେ। ତେଣୁ ଶ୍ରୀ ମିଶ୍ର ବାଧ୍ୟ ହୋଇ ଦ୍ୱିତୀୟ ଆପିଲେଟ୍ ଅଥରିଟିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଗତ ମାସରେ ସିଆଇସି ଶ୍ରୀ ମହାନ୍ତି ପୁନର୍ବାର ଉକ୍ତ ମାମଲାଟିକୁ ଶୁଣାଣି କରିବା ସକାଶେ ପ୍ରଥମ ଆପିଲେଟ୍ ଅଥରିଟିଙ୍କ ନିକଟକୁ ପଠାଇଦେଇଥିଲେ। ଶୁଣାଣି ସମୟରେ ସିଆଇସି ପ୍ରଥମ ଆପିଲେଟ୍ ଅଥରିଟି ଓ ପିଆଇଓଙ୍କୁ ନୋଟିସ୍ କରିବା ସହ ଜବାବ ତଲବ କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ବି କେହି ହାଜର ହୋଇନଥିଲେ। ତେଣୁ ସେମାନଙ୍କୁ ପୁଣିଥରେ ନୋଟିସ୍ କରାଯିବାର ଆବଶ୍ୟକତା ଥିଲା। କିନ୍ତୁ ଏହା ନ କରି ସିଆଇସି ପୁନର୍ବାର ମାମଲାଟିକୁ ପ୍ରଥମ ଆପିଲେଟ୍ ଅଥରିଟିଙ୍କ ନିକଟକୁ ବିଚାର କରିବା ସକାଶେ ପଠାଇ ମାମଲାଟିକୁ ବନ୍ଦ କରିଦେଇଛନ୍ତି। ଏପରି କ୍ଷେତ୍ରରେ ନିୟମ ଉଲ୍ଲଙ୍ଘନ କରି ହାଜର ହୋଇନଥିବା ଓ ପୂର୍ବରୁ ମାମଲାଟିକୁ ବିଳମ୍ବିତ କରିଥିବା ଅଥରିଟିଙ୍କଠାରୁ ଆବେଦନକାରୀ କିପରି ନ୍ୟାୟ ପାଇବେ ବୋଲି ମାନବାଧିକାର କର୍ମୀ ପ୍ରଦୀପ ପ୍ରଧାନ ପ୍ରଶ୍ନ କରିଛନ୍ତି।



### ଲିଙ୍ଗଭିତ୍ତିକ ହିଂସା ଓ ପୀଡ଼ିତାଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ

# ମହିଳା ହିଂସା ପ୍ରତି ଶୂନ୍ୟ ସହନଶୀଳତା ସରକାରଙ୍କ ପ୍ରତିବଦ୍ଧତା

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ଲିଙ୍ଗଭିତ୍ତିକ ହିଂସା ଓ ପୀଡ଼ିତାମାନଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବା କହିଛନ୍ତି। ସେ କହିଛନ୍ତି ଯେ ସଖୀ-ୱାନ ଷ୍ଟପ ସେଣ୍ଟର ଭଳି କେନ୍ଦ୍ରର ପୀଡ଼ିତମାନଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜୀବିତ କରି ବଞ୍ଚିବାର ରାହା ପ୍ରଦାନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିସହ ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ ମାମଲାଗୁଡ଼ିକୁ ସମ୍ବେଦନଶୀଳତାର ସହ ସମାଧାନ କରିବା ପୁଲିସ୍ କର୍ମଚାରୀଙ୍କ କର୍ତ୍ତବ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।




ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୁଭା ଶର୍ମା ଲିଙ୍ଗଭିତ୍ତିକ ହିଂସା ରୋକିବା ନିମନ୍ତେ ରାଜ୍ୟସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିବା ସହ ପୀଡ଼ିତାମାନଙ୍କ ମନକୁ ବୁଝି ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା ପୁଲିସ ମହାନିରୀକ୍ଷକ ସାଇନି ଏସ. ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଏଥିପାଇଁ ସମାଜରେ ମନୋଭାବ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ୟୁଏନଏଫପିଏ ଇଣ୍ଡିଆ ରିପ୍ରେଜେଣ୍ଟେଟିଭ ଓ କଣ୍ଟ୍ରି ଡିରେକ୍ଟର, ଭୁଟାନ, ମିସ ଆନ୍ଦ୍ରିୟା ଏମ. ୱଜନର ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଧନ୍ୟବାଦ ଦେଇଥିଲେ। ଲିଙ୍ଗଭିତ୍ତିକ ହିଂସା ଲୋପ କରିବା ନିମନ୍ତେ ସେ ସାମୂହିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସମାଜସେବୀ ତଥା ହାଇଦ୍ରାବାଦସ୍ଥିତ ପ୍ରଜ୍ୱଳା, ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ସୁନିତା କ୍ରିଷ୍ଣନ ସମ୍ବଳ ବ୍ୟକ୍ତି ଭାବେ ଯୋଗଦାନ କରି ବିଶେଷ ଉପସ୍ଥାପନା ସହ ଅଂଶଗ୍ରହଣକାରୀମାନଙ୍କୁ ଏ ପ୍ରସଙ୍ଗରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବ୍ୟକ୍ତିବିଶେଷ, ଅନୁଷ୍ଠାନର କର୍ମକର୍ତ୍ତା, ନୀତି ପ୍ରସ୍ତୁତକାରୀ, ଆଇନଜୀବୀ, ପରାମର୍ଶ ସେବା ପ୍ରଦାନକାରୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସଖୀ-ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ରେଞ୍ଜ କାର୍ଯ୍ୟାଳୟରେ ବୋମାମାଡ଼




**ଭଞ୍ଜନଗର,୧୬।୬(ସଂଚାର ବ୍ୟୁରୋ):** ଢେଙ୍କାନାଳ ବନଖଣ୍ଡର ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳିକରି ହତ୍ୟା ଘଟଣାର ଆତଙ୍କ ଥମି ନ ଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧୀନସ୍ଥ ଜଗନ୍ନାଥପ୍ରସାଦ ରେଞ୍ଜ କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ରେଞ୍ଜ କାର୍ଯ୍ୟାଳୟରେ ଶୋଇଥିବା ଗୋଟିଏ କୁକୁରର ମୃତ୍ୟୁ ଘଟିଥିବା ବେଳେ ଗୋଦାମ ଗୃହର କବାଟ ଭାଙ୍ଗିଯାଇଛି। ଏଥିସହ କେତେକ ସାଇକେଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିନ୍ତୁ ନିକଟରେ ଶୋଇଥିବା କର୍ମଚାରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବିଭାଗୀୟ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଥିବା ବେଳେ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ କିଏ ଏହି ବୋମାମାଡ଼ କରିଛି ଓ ଏହା ପଛର କାରଣ କ'ଣ, ସେନେଇ କିଛି ବି ଜଣାପଡ଼ିନାହିଁ। ରେଞ୍ଜ ପକ୍ଷରୁ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଏତଲା ଦିଆଯାଇଛି। ବିଭାଗୀୟ କର୍ମଚାରୀଙ୍କ କାହା ସହ ସେପରି କିଛି ଶତ୍ରୁତା ନଥିବା ବେଳେ ଏହି ବୋମାମାଡ଼ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି ଅଫିସ କାର୍ଯ୍ୟରେ ବ୍ରହ୍ମପୁର ଯାଇଥିବା ସମୟରେ ଏସିଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଏନେଇ ଡିଏଫ୍ଓ ଶ୍ରୀ ମହାନ୍ତିଙ୍କ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି। ଏଥିସହ ଥାନାରେ ମଧ୍ୟ ଏତଲା ଦିଆଯାଇଛି। ଏନେଇ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ବ୍ରହ୍ମପୁର ଜୋନ୍ ସଭାପତି ଅନୁପ କୁମାର ବିଷୋୟୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୋଷୀମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରାଯିବାର ଆବଶ୍ୟକତା ରହିଛି।

# ପଟିଆଗଡ଼ ରଜ ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ପଟିଆସ୍ଥିତ ଏଲ୍ଏ ଲନ୍ଠାରେ ପଟିଆଗଡ଼ ରଜ ଉତ୍ସବ ଉଦ୍‌ଯାପିତ ହୋଇଛି। ଅଭୟ ବଡଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ୩ଦିନ ଧରି ପଟିଆ ଓ ଆଖପାଖ ଗ୍ରାମର ସବୁ ବର୍ଗର ଲୋକେ ରଜ ଉତ୍ସବର ମଜା ନେଇଥିଲେ। ସୁସଜ୍ଜିତ ଏଲଏ ଲନ୍‌ରେ ଲାଗିଥିବା ପଟା ଦୋଳି, ବାଉଁଶ ଦୋଳି ଓ ଚରିକି ଦୋଳି ଖେଳିବା ସହ ସେମାନେ ନାଚଗୀତର ବି ମଜା ଉଠାଇଥିଲେ। ମହିଳାମାନେ ଝୋଟି, ଚିତା, ମୁରୁଜ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନ୍ଦର କଳାକୃତୀ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ଲଳିତା ଜେନା ଯୋଗଦେଇ ପର୍ବପର୍ବାଣୀ ଗ୍ରାମାଞ୍ଚଳରେ ଭାଇଚାରାକୁ ଦୃଢ଼ୀଭୂତ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ଅକ୍ଷୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ରାୟ, ଦାଶରଥି ଦାସ ଯୋଗଦେଇ ପଟିଆ ଗ୍ରାମର ଏକତାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋଜ ତ୍ରିପାଠୀ ଓ ନବକିଶୋର ଜେନା



### ଅଭିଯୁକ୍ତର ଗିରଫଦାରୀକୁ ବିରୋଧ।

# ପୁଲିସ୍‌କୁ ଆକ୍ରମଣ, ୬ ଆହତ




**ବାଲିକୁଦା,୧୬।୬(ସଂଚାର ବ୍ୟୁରୋ):** ଅଭିଯୁକ୍ତକୁ ଧରିବାକୁ ଯାଇଥିବା ସମୟରେ ବାଲିକୁଦା ପୁଲିସ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଜଣେ ଏସଆଇ, ଦୁଇ ଜଣ ଏଏସଆଇ ଓ ୩ ଜଣ କନଷ୍ଟେବଲ ଏହିପରି ମୋଟ ୬ ଜଣ ପୁଲିସ୍ କର୍ମୀ ଆହତ ହୋଇଛନ୍ତି। ଏପରିକି ଆକ୍ରମଣରୁ ଖୋଦ ଥାନାଧିକାରୀ ସୁଶାନ୍ତ ସାହୁ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏକ ଚୋରି ସିମେଣ୍ଟ ବାଲି ଗୋଳା ମିକ୍ସର ମେସିନ ଜବତ କରିବାକୁ ଯାଇ ପୁଲିସ ଏପରି ଆକ୍ରମଣର ଶିକାର ହୋଇଛି। ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରାହାଣ ଅଞ୍ଚଳରୁ ଉକ୍ତ ମିକ୍ସର ମେସିନ ଚୋରି ହୋଇଥିବା ନେଇ ବାଲିକୁଦା ଥାନାରେ ପୂର୍ବରୁ ଅଭିଯୋଗ ହୋଇଥିଲା। ପୁଲିସ ଏହି ଅଭିଯୋଗର ତଦନ୍ତ କରିବାକୁ ସାଦା ପୋଷାକରେ ଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ କାବୁ କରିଥିଲା। ତେବେ ଉକ୍ତ ଅଭିଯୁକ୍ତ ଜଣକ ତା'ର ପରିବାର ଲୋକଙ୍କୁ ଫୋନ୍ କରି ଜଣାଇଦେବା ପରେ ପାଖାପାଖି ୧୫ ଜଣ ଲୋକ ରାହାଣ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ସେମାନଙ୍କର ପୁଲିସ ସହ ଯୁକ୍ତିତର୍କ ସହ ଠେଲାପେଲା ହୋଇଥିଲା। ପରେ ସେମାନେ ପୁଲିସକୁ ଆକ୍ରମଣ କରି ଲହୁଲୁହାଣ କରିପକାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ଥାନାଧିକାରୀ ଶ୍ରୀ ସାହୁଙ୍କ ସମେତ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହିଛନ୍ତି।

# ଦୋକାନ ଭିତରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

**ବାଲିଗୁଡ଼ା,୧୬।୬(ସଂଚାର ବ୍ୟୁରୋ):** ଦୋକାନ ଘର ଭିତରୁ ମିଳିଛି ବ୍ୟବସାୟୀଙ୍କ ମୃତଦେହ। ଘରେ କେହି ନଥିବା ବେଳେ ମାନସିକ ଭାରସାମ୍ୟ ହରାଇ ବ୍ୟବସାୟୀ ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ବ୍ୟବସାୟୀ ଜଣଙ୍କ ହେଉଛନ୍ତି ପାବୁରିଆ ଗାଁର ବ୍ୟବସାୟୀ ଶିବାନନ୍ଦ ଦାସ ଓ ତାଙ୍କ ଘର କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅନ୍ତର୍ଗତ ପାବୁରିଆ ଗ୍ରାମରେ। ମିଳିଥିବା ସୂଚନାନୁସାରେ, ଆଜି ସକାଳୁ ଶିବାନନ୍ଦ ଦୋକାନ ନ ଖୋଲିବାରୁ ପାଖ ପଡ଼ୋଶୀ ଲୋକେ କବାଟ ବାଡ଼େଇ ଡାକିଥିଲେ। ଭିତରୁ କିଛି ଉତ୍ତର ନ ପାଇବାରୁ ସେମାନଙ୍କର ସନ୍ଦେହ ବଢ଼ିଥିଲା ଓ ଶେଷରେ ସେମାନେ ପୁଲିସକୁ ଖବର ଦେଇଥିଲେ। ସାରଙ୍ଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଉଦ୍ଧାର କରାଯିବା ସହ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ପୁଲିସ୍ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଜାଗାବାଡ଼ି କିଣାବିକାକୁ ନେଇ ଲକ୍ଷାଧିକ ଟଙ୍କା ଦେଇ ହତାଶ ହୋଇ ଶେଷରେ ଶିବାନନ୍ଦ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ପରିବାର ଲୋକେ କହିଛନ୍ତି।

# ପୋଲ ଉପରେ ୩ ଫୁଟର ପାଣି: ଟାଙ୍ଗୀ କାଳୁପଡା ଘାଟ ଯୋଗାଯୋଗ ବିଚ୍ଛିନ୍ନ

**ଟାଙ୍ଗୀ, ୧୬।୬ (ସଂଚାର ବ୍ୟୁରୋ) :** ପୋଲ ଉପରେ ୩ ଫୁଟର ପାଣି। ଧୋଇଗଲା ଅସ୍ଥାୟୀ ରାସ୍ତା । ବର୍ଷା ପାଣିରେ ବୁଡ଼ି ରହିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-କାଳୁପଡ଼ାଘାଟ ବଡ଼ଶଙ୍ଖ ସ୍ଥିତ ଅସ୍ଥାୟୀ ରାସ୍ତା । ଟାଙ୍ଗୀ କାଳୁପଡା ଘାଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଛି ଟାଙ୍ଗୀ କାଳୁପଡା ଘାଟ ରାସ୍ତା ପ୍ରଶସ୍ତି କରଣ କାମ ସହ ବଡ଼ଶଙ୍ଖ ପୋଲ କାମ। ଠିକା ସଂସ୍ଥାର ମନମାନି ଯୋଗୁ କାମ ଧିମା ଗତିରେ ଚାଲିଥିବା ଅଭିଯୋଗ । ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି । ପ୍ରଶାସନ ହସ୍ତକ୍ଷେପ ଲୋଡ଼ିଛନ୍ତି ସ୍ଥାନୀୟ ଲୋକ ।



# ଚିନି ଉତ୍ପାଦନ, ଆତ୍ମନିର୍ଭରଶୀଳ କେବେ ?

**ଭୁବନେଶ୍ୱର,୧୬।୬:** ଓଡ଼ିଶା ପାଇଁ ବର୍ଷକୁ ପାଖାପାଖି ୩ଲକ୍ଷ ମେଟ୍ରିକ୍ ଟନ୍ ଚିନି ଆବଶ୍ୟକ ହେଉଥିବାବେଳେ ରାଜ୍ୟରେ ୪୦ ହଜାର ମେଟ୍ରିକ୍ ଟନ୍‌ରୁ କମ୍ ଚିନି ଉତ୍ପାଦନ ହେଉଥିବାରୁ ଏ କ୍ଷେତ୍ରରେ ଓଡ଼ିଶାକୁ ଅନ୍ୟ ରାଜ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ଓଡ଼ିଶାରେ ଆଖୁଚାଷ ଓ ଚିନି ଉତ୍ପାଦନ ପାଇଁ ଅନୁକୂଳ ବାତାବରଣ ଥିବାବେଳେ ଏହାର ଉପଯୋଗ କରାଯାଉ ନ ଥିବାରୁ ଆଳୁ, ତେଲ, ଅଣ୍ଡା, ପରିବା ଭଳି ଓଡ଼ିଶାକୁ ବି ଚିନି କ୍ଷେତ୍ରରେ ନିର୍ଭରଶୀଳ ହେବାକୁ ପଡୁଛି ।



ରାଜ୍ୟରେ ଏବେ ଆସିକା ସମବାୟ ଚିନିକଳ ଓ ଢେଙ୍କାନାଳର ଶକ୍ତି ସୁଗାର କାର୍ଯ୍ୟକ୍ଷମ ରହିଛି । ଆସିକା ସମବାୟ ଚିନିଶିଳ୍ପ ବ୍ୟତୀତ ଓଡ଼ିଶାରେ ବରଗଡ଼ ସମବାୟ ଚିନିଶିଳ୍ପ, ବଲାଙ୍ଗୀର ଜିଲ୍ଲାର ବିଜୟାନନ୍ଦ ସମବାୟ ଚିନିଶିଳ୍ପ, କଟକ ଜିଲ୍ଲାରେ ବଡମ୍ବା ସମବାୟ ଚିନିଶିଳ୍ପ ଓ ନୟାଗଡ଼ରେ ନୟାଗଡ଼ ସମବାୟ ଚିନିଶିଳ୍ପ ଥିଲା । ଏଥିରୁ ନୟାଗଡ଼ ଓ ବଡମ୍ବା ଚିନିଶିଳ୍ପକୁ ଘରୋଇ ସଂସ୍ଥା ହାତରେ ଟେକି ଦିଆଯାଇଥିଲା ।

ବଡମ୍ବା ଚିନିକଳ ୨୦୧୩ ମସିହାରୁ ବନ୍ଦ ଥିବାବେଳେ ବଲାଙ୍ଗୀର ଜିଲ୍ଲାରେ ବିଜୟାନନ୍ଦ ସମବାୟ ଚିନି ଶିଳ୍ପ ୨୦୧୪ରୁ, ନୟାଗଡ଼ ଚିନିକଳ ୨୦୧୫ରୁ ଓ ବରଗଡ଼ ଚିନିକଳ ୨୦୧୭ ମସିହାରୁ ବନ୍ଦ ରହିଛି । ଏହି ଚିନିକଳଗୁଡ଼ିକୁ କେନ୍ଦ୍ରକରି ଆଖପାଖ ଅଞ୍ଚଳରେ ଆଗେ ବ୍ୟାପକ ଆଖୁଚାଷ କରାଯାଉଥିଲା । ଆଖୁଭଳି ଅର୍ଥକରୀ ଫସଲରୁ ଚାଷୀମାନେ ବେଶ୍ ଲାଭ ପାଉଥିଲେ ଏବଂ ଏହି ଆଖୁକୁ ବ୍ୟବହାର କରି ପର୍ଯ୍ୟାପ୍ତ ପରିମାଣର ଚିନି ଏକଦା ଓଡ଼ିଶାରେ ଉତ୍ପାଦିତ ହେଉଥିଲା ଏବଂ ଓଡ଼ିଶାର ଉନ୍ନତମାନର ଚିନିର ଚାହିଦା ଅନ୍ୟ ରାଜ୍ୟମାନଙ୍କରେ ବି ଢେର ଥିଲା ।

ପରିଚାଳନାଗତ ତ୍ରୁଟି ଓ ରାଜନୈତିକ ହସ୍ତକ୍ଷେପ ଯୋଗୁ ଚିନିକଳଗୁଡ଼ିକ ବନ୍ଦ ହେବା ସହ ଆଖୁ ଚାଷ ବି କମି ଆସିଲା। ପୂର୍ବରୁ ଗାଁ ଗାଁରେ ଲୋକେ ଆଖୁଚାଷ କରି ସେଥିରୁ ଗୁଡ଼ ଉତ୍ପାଦନ କରୁଥିଲେ। ଯେଉଁ ଅଞ୍ଚଳର ଆଖୁଚାଷୀମାନଙ୍କ ଉପରେ ନିର୍ଭର କରି ଚିନିକଳମାନ ଗଢ଼ି ଉଠିଥିଲା ସେ ଅଞ୍ଚଳରେ ଗୁଡ଼ ଉତ୍ପାଦନ ଉପରେ ସରକାରୀ ଭାବେ କଟକଣା ଜାରି କରାଯାଇଥିଲା । କାରଣ ସଂଖ୍ୟାଧିକ କ୍ଷେତ୍ରରେ ଆଖୁଚାଷୀମାନଙ୍କୁ ବିହନ, ସାର ସମେତ ଚାଷ ପାଇଁ ଆର୍ଥିକ ସହାୟତା ଚିନିକଳମାନେ ଯୋଗାଉଥିଲେ। ବିନା ସୁଧରେ ଏମାନେ ଆଖୁ ଚାଷ ପାଇଁ ଅର୍ଥ ଦେଇ ତା'ବଦଳରେ ଚାଷୀଙ୍କ ଠାରୁ ଉଚିତ୍ ମୂଲ୍ୟରେ ଆଖୁ କିଣି ନେଉଥିଲେ।

ଚିନିକଳ ବନ୍ଦ ହେବା ପରେ ଗୁଡ଼ ଉତ୍ପାଦନ ଉପରେ ଆଉ ବିଶେଷ ଧ୍ୟାନ ଦିଆଗଲା ନାହିଁ । ଫଳରେ ନୟାଗଡ଼ ଭଳି କେତେକ ଅଞ୍ଚଳକୁ ଛାଡ଼ିଦେଲେ ଆଉ ଅନ୍ୟତ୍ର ଆଖୁ ପେଡ଼ା କିମ୍ବା ଗୁଡ଼ ରନ୍ଧା ଦେଖାଯାଉ ନାହିଁ । ଏମିତିକି ଅନେକ ସ୍ଥାନରୁ ଆଖୁପେଡ଼ା ଘଣା ଓ ଗୁଡ଼ ରନ୍ଧା କଡ଼େଇ ମଧ୍ୟ ଲୋପ ପାଇଗଲାଣି ।

କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ଓଡ଼ିଶାରେ ଚିନି ଉତ୍ପାଦନ ପାଇଁ ଥିବା ଅନୁକୂଳ ଭିତ୍ତିଭୂମିର ଠିକଣା ଉପଯୋଗ କରାଗଲେ ଲକ୍ଷ ଲକ୍ଷ ଚାଷୀ ଓ କୃଷି ଶ୍ରମିକଙ୍କ ଆର୍ôଥକ ବିକାଶ ଘଟିବା ସହିତ ରାଜ୍ୟ ଅର୍ଥନୀତି ସୁଦୃଢ଼ ହେବ ଏବଂ ଦାଦନ ସମସ୍ୟା ମଧ୍ୟ ବହୁ ପରିମାଣରେ କମିଯିବ ।

ଏହାଛଡ଼ା ଲୋକେ ଆଖୁ ଭଳି ଅର୍ଥକରୀ ଫସଲ ଉପରେ ଗୁରୁତ୍ୱ ଦେଲେ ଧାନର ଅଭାବୀ ବିକ୍ରି ସମସ୍ୟା ବି ବହୁ ପରିମାଣରେ ହ୍ରାସ ପାଇବ ଏବଂ ଧାନ କିଣିବା ପାଇଁ ମିଲ୍ ମାଲିକମାନଙ୍କ କଟ୍‌ନୀ ଛଟ୍‌ନୀ ଓ ମାନ ପରୀକ୍ଷା ଧମକ ମଧ୍ୟ ଉଭେଇ ଯିବ । ରାଜ୍ୟ ସରକାର ଏ ଦିଗ ପ୍ରତି ଦୃଷ୍ଟି ଦେଇ ମିଶନ ମୋଡ଼ରେ ଆଖୁଚାଷ ସହିତ ଚିନି ଶିଳ୍ପ ପ୍ରତିଷ୍ଠା କଲେ ଓଡ଼ିଶାରେ ବର୍ଷକୁ ୩୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଚିନି ସମେତ ବିପୁଳ ପରିମାଣର ଗୁଡ଼ ମଧ୍ୟ ଉତ୍ପାଦିତ ହୋଇପାରିବ ବୋଲି କୃଷି ବିଶେଷଜ୍ଞମାନେ କହୁଛନ୍ତି । (ତଥ୍ୟ)

### ରାଜଧାନୀରେ ସିରିଜ ଦୁର୍ଘଟଣା

# ଦୁଇ ଟ୍ରକକୁ ପଛରୁ ପିଟିଲା କଣ୍ଟେନର

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜଧାନୀରେ ଘଟିଛି ସିରିଜ ଦୁର୍ଘଟଣା। ୨ଟି ଟ୍ରକକୁ ପଛପଟୁ ଏକ ବଡ଼ କଣ୍ଟେନର ଧକ୍କା ଦେଇଛି। ଷ୍ଟିଅରିଂ ଫେଲ ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଜଣଙ୍କ ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣାରେ ଉଭୟ ଟ୍ରକ୍‌ର ଡ୍ରାଇଭର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଏମ୍‌ସରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜାତୀୟ ରାଜପଥ ୧୬ରେ ଏହି ସିରିଜ ଦୁର୍ଘଟଣା ଘଟିଛି। ପାତ୍ରପଡା ଓଭରବ୍ରିଜ ଉପରେ ଉକ୍ତ କଣ୍ଟେନରର ଷ୍ଟିଅରିଂ ଫେଲ୍ ହେବାରୁ ସାମ୍ନାରେ ଯାଉଥିବା ୨ଟି ଟ୍ରକକୁ ତାହା ପଛପଟୁ ଧକ୍କା ଦେଇଥିଲା। ଫଳରେ କଣ୍ଟେନରଟି ଭାରସାମ୍ୟ ହରାଇ ଡିଭାଇଡର ସହ ପିଟି ହୋଇଯାଇଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକର ସମ୍ମୁଖ ଭାଗ ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ଜାତୀୟ ରାଜପଥ ୧୬ରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏନେଇ ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ଡ୍ରାଇଭରଙ୍କୁ ଉଦ୍ଧାର କରି ଏମ୍ସ ହସ୍ପିଟାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ୩ ଟ୍ରକକୁ ରାସ୍ତାରୁ ହଟାଇଥିଲା। ଫଳରେ ଦୁର୍ଘଟଣାର ୨ ପ୍ରାୟ ୨ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡ଼ି ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା କଣ୍ଟେନର୍‌ଟି ମଧ୍ୟପ୍ରଦେଶରୁ ଆସିଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣା ଘଟାଇବା ପରେ ଉକ୍ତ କଣ୍ଟେନର୍‌ର ଚାଳକ ଜଣଙ୍କ ଫେରାର୍ ହୋଇଯାଇଛନ୍ତି।

### ନାବାଳିକାଙ୍କୁ ଅପହରଣ ଉଦ୍ୟମ

# ଦୁଇ ବଙ୍ଗୀୟ ଯୁବକ ଅଟକ

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ରାଜଧାନୀରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା। ଜନୈକା ନାବାଳିକାଙ୍କୁ ଅପହରଣ ଉଦ୍ୟମ ହୋଇଛି। ନିଶା ଦେଇ ଉକ୍ତ ନାବାଳିକାଙ୍କୁ ଅପହରଣ ପାଇଁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଧରିଛନ୍ତି। ମୁମୂର୍ଷୁ ଅବସ୍ଥାରେ ନାବାଳିକାଙ୍କୁ ନେଇ ଯାଉଥିବା ସମୟରେ ଧରାପଡିଥିବା ଦୁଇ ଯୁବକ ହେଲେ ପଶ୍ଚିମବଙ୍ଗର ବାସିନ୍ଦା। ଉଭୟଙ୍କୁ ଅଟକ ରଖି ସ୍ଥାନୀୟ ଖଣ୍ଡଗିରି ଥାନା ପୁଲିସ ପଚରାଉଚରା କରୁଛି। ଉଭୟ ଯୁବକ ନିଶାସକ୍ତ ଅବସ୍ଥାରେ ଅପହରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଉଦ୍ଧାର କରାଯାଇଥିବା ନାବାଳିକାଙ୍କୁ ପୁଲିସ୍ ଚିକିତ୍ସା ପାଇଁ ନିକଟସ୍ଥ ଏମ୍ସକୁ ପଠାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଉକ୍ତ ଦୁଇ ଯୁବକ ନାବାଳିକାଙ୍କୁ ଡୁମୁଡୁମାରୁ ପୋଖରୀପୁଟ ଆଡ଼େ ନେଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେତେବେଳେ ନାବାଳିକା ଜଣଙ୍କ ଅଚେତ ଅବସ୍ଥାରେ ଥିଲେ। ଏହା ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ତେଣୁ ସେମାନେ ଉଭୟ ଯୁବକଙ୍କୁ ପଚରାଉଚରା କରିବା ସମୟରେ ସେମାନେ ପଶ୍ଚିମବଙ୍ଗର ମେଦିନୀପୁର ଅଞ୍ଚଳର ବାସିନ୍ଦା ବୋଲି କହିଥିଲେ। ସେମାନେ ଡୁମଡୁମା ଅଞ୍ଚଳରେ ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିବା ସ୍ଥାନୀୟ ଲୋକଙ୍କୁ କହିଥିଲେ। କିନ୍ତୁ ସେମାନେ ସାଙ୍ଗରେ ନେଉଥିବା ନାବାଳିକାଙ୍କ ସଂକ୍ରାନ୍ତରେ କୌଣସି ତଥ୍ୟ ଦେଇପାରିନଥିଲେ। ତେଣୁ ଲୋକମାନେ ସେମାନଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଉକ୍ତ ଦୁଇ ଯୁବକ ହେଲେ ଗୋପାଳ ମଜୁମଦାର ଓ ମୃତ୍ୟୁଞ୍ଜୟ ଘୋଷ। ଅନ୍ୟପକ୍ଷରେ ଉଦ୍ଧାର ହୋଇଥିବା ନାବାଳିକାଙ୍କ ଚିକିତ୍ସା ପରେ ଡାକ୍ତରୀ ମାଇନା କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ନାବାଳିକାଙ୍କ ଚେତା ଫେରିବା ପରେ ଉକ୍ତ ଯୁବକମାନଙ୍କ ଅସଲ ଉଦ୍ଦେଶ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି।



### ● ଯୁବକଙ୍କ ନାରକୀୟ କାଣ୍ଡ

# ଆକ୍ରମଣରେ ସ୍ତ୍ରୀ ଓ ୨ ପୁଅ ଗୁରୁତର

**ଭୋଗରାଇ,୧୬।୬(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନସ୍ଥ ଆରୁହାବୃତ୍ତି ୨ (ଦହମୁଣ୍ଡା ) ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଜନୈକ ଯୁବକ ନାରକୀୟ କାଣ୍ଡ ଘଟାଇଛନ୍ତି। ଗ୍ରାମର ପ୍ରଶାନ୍ତ ଜେନା ଓରଫ ପଲଟୁ (୪୪) ଘରୋଇ କଳହରୁ ଭାରସାମ୍ୟ ହରାଇ ମରଣାନ୍ତକ ଆକ୍ରମଣ କରିବାରୁ ଏଥିରେ ସ୍ତ୍ରୀ ଦେବୀରାଣୀ ଜେନା (୩୨) ଓ ତାଙ୍କର ଦୁଇ ପୁଅ ବଡ଼ପୁଅ କାର୍ତ୍ତିକ (୫) ଓ ଗଣେଶ (୨) ଗୁରୁତର ଭାବେ ଆହତ ହୋଇଛନ୍ତି। ପଲ୍‌ଟୁ ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କ ମୁଣ୍ଡ, ଗୋଡ଼ ଓ ହାତକୁ ହାଣିଦେବା ସହ ଗଣେଶକୁ ଘରର ସିମେଣ୍ଟ ଖୁଣ୍ଟକୁ ଠେଲିଦେଇ ଘରୁ ଫେରାର ହୋଇଯାଇଛନ୍ତି। ଘରେ ମାତାପିତା ଥିବା ସତ୍ତ୍ୱେ ପଲ୍‌ଟୁ ଏପରି କାଣ୍ଡ ଭିଆଇଥିବା ବେଳେ ଏହା ପଡ଼ୋଶୀଙ୍କୁ ଚକିତ କରିଛି। ପଡ଼ିଶା ଲୋକେ ଘରେ ଚିତ୍କାର ଶୁଣି ଛୁଟି ଆସିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତିନିହେଁଙ୍କୁ ଦେଖିବାକୁ ପାଇଥିଲେ। ସେମାନେ ଉଭୟଙ୍କୁ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ୩ ଜଣଯାକଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ଆଜି ସକାଳୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଉଭୟ ଦେବୀରାଣୀ ଓ କାର୍ତ୍ତିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଗଣେଶ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିବା ଜଣାପଡ଼ିଛି। ଖବର ପାଇ କମର୍ଦ୍ଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପଲ୍‌ଟୁ ପାଠୁଆ ହୋଇଥିଲେ ହେଁ ଜଣେ ଗରିବ କୃଷକ ଭାବେ ଜୀବିକା ନିର୍ବାହ କରିଆସୁଥିଲେ। ଅଭାବ ଅନାଟନରେ ପରିବାର ଗତି କରୁଥିବା ବେଳେ ଦେବୀରାଣୀଙ୍କ ଅଷ୍ଟାଜନିତ ରୋଗ ପାଇଁ ଅନେକ ଖର୍ଚ୍ଚାନ୍ତ ହୋଇସାରିଥିଲେ। ଆର୍ଥିକ ସ୍ଥିତି ଖରାପ ଥିବାରୁ ଏହାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳିଝଗଡ଼ା ଲାଗୁଥିବା ପଡ଼ୋଶୀମାନେ କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ପଲ୍‌ଟୁ ଏପରି କାଣ୍ଡ ଭିଆଇଛନ୍ତି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କିଛି ଜଣାପଡ଼ିନାହିଁ।

# ରାତିରେ ହେବ ଭୟଙ୍କର ଆକ୍ରମଣ

## ଇସ୍ରାଏଲକୁ ଇରାନ୍‌ର କଡ଼ା ଚେତାବନୀ



ନୂଆଦିଲ୍ଲୀ,୧୬।୬: ଇରାନ ନିଜର ଶତ୍ରୁ ଦେଶ ଇସ୍ରାଏଲକୁ ବଡ଼ ଚେତାବନୀ ଦେଇଛି। ଇରାନର ସେନା ଏକ୍ସରେ ଲେଖିଛି ଯେ, 'ଆଜି ରାତିରେ ଆକ୍ରମଣ ଆହୁରି କଠୋର ହେବ... ସତର୍କ ରୁହନ୍ତୁ।' ଏହା ଏବେ ସୁଦ୍ଧା ଇସ୍ରାଏଲକୁ ଇରାନର ସବୁଠାରୁ ବଡ଼ ଚେତାବନୀ ବୋଲି କୁହାଯାଉଛି । ଏହି ପୋଷ୍ଟ ସହିତ, ଇରାନ ସେନା ଏକ ଭିଡିଓ ମଧ୍ୟ ସେୟାର କରିଛି । ଯେଉଁଥିରେ କ୍ଷେପଣାସ୍ତ୍ର ମାଡ଼ କରାଯାଉଥିବା ଦେଖାଯାଉଛି। ଇସ୍ରାଏଲ ଏବଂ ଇରାନ ଅନେକ ଦିନ ଧରି ପରସ୍ପର ଉପରେ ଲଗାତାର ଆକ୍ରମଣ କରିଆସୁଛନ୍ତି।

ପ୍ରଥମେ ଇସ୍ରାଏଲ ୨୦୦ରୁ ଅଧିକ ଲଢୁଆ ବିମାନ ସାହାଯ୍ୟରେ ଇରାନର ସମସ୍ତ ପରମାଣୁ ଏବଂ ସେନା ଠିକଣାକୁ ଟାର୍ଗେଟ କରିଥିଲା। ପରଦିନ ଇରାନ ମଧ୍ୟ ଇସ୍ରାଏଲ ଉପରେ ୧୫୦ ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏବେ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ ଜାରି ରଖିଛନ୍ତି। ଏହାରି ମଧ୍ୟେର ଇରାନ ସେନାର ଏହି ଟ୍ୱିଟ୍ ଦର୍ଶାଉଛି ଯେ, ଆଜି ରାତିରେ ଇସ୍ରାଏଲ ବିରୁଦ୍ଧରେ କିଛି ବଡ଼ ହେବାକୁ ଯାଉଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଇରାନ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛି ଏବଂ କହିଛି ଯେ ଆଜି ରାତିରେ ଆକ୍ରମଣ ଆହୁରି କଠୋର ଏବଂ ତୀବ୍ର ହେବ। ଇରାନୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ସେମାନଙ୍କର ସୁରକ୍ଷା ଏବଂ ରଣନୈତିକ ପଦକ୍ଷେପ ବୃଦ୍ଧି କରୁଛନ୍ତି। ଯେକୌଣସି ପ୍ରକାର ଆକ୍ରମଣର ଉପଯୁକ୍ତ ଜବାବ ଦେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି।



## ଆମେରିକାକୁ ବି ଛାଡ଼ିଲାନି ଇରାନ: ଦୂତାବାସ ଉପରେ କଲା ମିଶାଇଲ୍ ମାଡ଼



ଜେରୁଜେଲମ,୧୬।୬: ଇରାନର ମିଶାଇଲ୍ ଇସ୍ରାଏଲର ତେଲ ଅଭିଭରେ ଥିବା ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ କରିଛି। ଦୂତାବାସ ଉପରେ ହୋଇଥିବା ଏହି ଆକ୍ରମଣରେ କୋଠାର ଏକ ଅଂଶ ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। କିନ୍ତୁ କୌଣସି କ୍ଷତିର ଖବର ନାହିଁ। ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟା କରୁଛି। ଏହି ଆକ୍ରମଣରେ କୌଣସି କ୍ଷତିର ଖବର ନାହିଁ, କିନ୍ତୁ ସତର୍କତା ସ୍ୱରୂପ, ତେଲ ଅଭିଭରେ ଥିବା କନସୁଲେଟ ଏବଂ ଜେରୁଜେଲମରେ ଥିବା ଦୂତାବାସକୁ ସାରା ଦିନ ପାଇଁ ବନ୍ଦ ରଖାଯାଇଛି। ଇରାନ ବିଶ୍ୱାସ କରେ ଯେ, ଇସ୍ରାଏଲ ଦ୍ୱାରା କରାଯାଉଥିବା ଆକ୍ରମଣ ପଛରେ ଆମେରିକାର ହାତ ଅଛି। ଆମେରିକା ଏପର୍ଯ୍ୟନ୍ତ ସିଧାସଳଖ ଗ୍ରହଣ କରିନାହିଁ ଯେ ଆକ୍ରମଣ ତା'ର ନିର୍ଦ୍ଦେଶରେ କରାଯାଇଛି, କିନ୍ତୁ ସ୍କ୍ରିପ୍ଟ ଏହା ଦ୍ୱାରା ଲେଖାଯାଇଛି। ଇସ୍ରାଏଲ ପାଖରେ ଯାହା ବି ଅସ୍ତ୍ର ଅଛି, ସେଗୁଡ଼ିକ ଆମେରିକା ଦ୍ୱାରା ଦିଆଯାଇଛି। ଇସ୍ରାଏଲ ଆମେରିକୀୟ ଏଫ୍-୩୫ ଲଢୁଆ ବିମାନ ମାଧ୍ୟମରେ ଇରାନ ଉପରେ ଆକ୍ରମଣ କରୁଛି। ଇରାନ ଆମେରିକା ଉପରେ ଆକ୍ରମଣ କରି ଯୁଦ୍ଧକୁ ବିସ୍ତାର କରିବାକୁ ଚେଷ୍ଟା କରୁଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ମିଶାଇଲ୍ ଯୁଦ୍ଧ ଆମେରିକୀୟ ଅଧିକାରୀମାନଙ୍କୁ ଭୟଭୀତ କରିଛି।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁଲେ ସାଇପ୍ରସ ସାଂସଦ



ସାଇପ୍ରସ,୧୬।୬: ସାଇପ୍ରସର ରାଜଧାନୀ ନିକୋସିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଗତ ସମାରୋହରେ ଏକ ହୃଦୟସ୍ପର୍ଶୀ ମୁହୂର୍ତ୍ତ ଦେଖିବାକୁ ମିଳିଛି। ନିକୋସିଆ ମ୍ୟୁନିସିପାଲ କାଉନସିଲର ସଦସ୍ୟା ମିଶାଏଲା କିଥ୍ରିଓଟି ମ୍ଲାପା ଐତିହାସିକ ନିକୋସିଆ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବା ସମୟରେ ଭାରତୀୟ ସଂସ୍କୃତି ଅନୁଯାୟୀ ସମ୍ମାନ ପ୍ରଦର୍ଶନ କରି ତାଙ୍କ ପାଦ ଛୁଇଁଥିଲେ। ଏହି ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତଗତିରେ ଭାଇରାଲ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ମିଶାଏଲାଙ୍କର ଏହି ଆତ୍ମୀୟତା ଓ ଭାରତୀୟ ସଂସ୍କୃତି ପ୍ରତି ତାଙ୍କର ପରିଚୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଘଟଣା ଭାରତୀୟ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରଭାବ ଓ ଭାରତର ବୃଦ୍ଧିଶୀଳ ଆନ୍ତର୍ଜାତିକ ପ୍ରତିଷ୍ଠାର ଏକ ଜୀବନ୍ତ ଉଦାହରଣ ବୋଲି ବିବେଚନା କରାଯାଉଛି। ଏହି ଗସ୍ତ ସମୟରେ ସାଇପ୍ରସର ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୁଲାଇଡସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ଗ୍ରାଣ୍ଡ କ୍ରସ ଅଫ ଦି ଅର୍ଡର ଅଫ ମାକାରିଓସ ତୃତୀୟ' ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ୧୪୦ କୋଟି ଭାରତୀୟ ଓ ଭାରତ-ସାଇପ୍ରସ ବନ୍ଧୁତା ପାଇଁ ଉତ୍ସର୍ଗ କରିଛନ୍ତି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି ଏବଂ ଭାରତୀୟ ସଂସ୍କୃତିର ବିଶ୍ୱବ୍ୟାପୀ ଗ୍ରହଣୀୟତାକୁ ପ୍ରତିଫଳିତ କରୁଛି।

## ଇରାନର ସରକାରୀ ଟିଭି ମୁଖ୍ୟାଳୟ ଉପରେ ବୋମା ପକାଇଲା ଇସ୍ରାଏଲ



ନୂଆଦିଲ୍ଲୀ,୧୬।୬: ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ତୀବ୍ର ସଂଘର୍ଷରେ ଏକ ନାଟକୀୟ ଘଟଣା ଘଟିଛି। ସୋମବାର ଇସ୍ରାଏଲ ଇରାନର ରାଜଧାନୀ ତେହେରାନରେ ଥିବା ଇସଲାମିକ ରିପବ୍ଲିକ ଅଫ ଇରାନ ବ୍ରଡ଼କାଷ୍ଟିଂ (ଆଇଆରବି) ମୁଖ୍ୟାଳୟ ଉପରେ ବୋମା ହମଲା କରିଛି। ଏହି ଆକ୍ରମଣ ଲାଇଭ୍ ପ୍ରସାରଣ ସମୟରେ ଘଟିଥିଲା, ଯେଉଁଥିରେ ଜଣେ ଆଙ୍କର ଖବର ପଢୁଥିବା ବେଳେ ବିସ୍ଫୋରଣ ହେବାରୁ ଧୂଳି ଓ ଧ୍ୱଂସାବଶେଷ ମଧ୍ୟରେ ତାଙ୍କୁ ପଳାଇବାକୁ ବାଧ୍ୟ ହେବାର ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଏହି ଆକ୍ରମଣ ସମୟରେ ଷ୍ଟୁଡିଓ ଧୂଳିରେ ଭରି ଯାଇଥିଲା ଏବଂ ଆଙ୍କର ଜଣଙ୍କ ଡେସ୍କ ଛାଡ଼ି ପଳାଇଥିବା ଦେଖାଯାଇଛି। ବିସ୍ଫୋରଣ ପରେ ପ୍ରସାରଣ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିଲା, କିନ୍ତୁ ପ୍ରାୟ ୩୦ ମିନିଟ ପରେ ଆଇଆରବି ଏକ ନୂଆ ଷ୍ଟୁଡିଓରୁ ପ୍ରସାରଣ ପୁନରାରମ୍ଭ କରିଥିଲା। ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ଆକ୍ରମଣ ପୂର୍ବରୁ କହିଥିଲେ, "ଇରାନର ପ୍ରଚାର ମୁଖପାତ୍ରକୁ ଚୁପ କରାଯିବ।" ଏହି ଆକ୍ରମଣକୁ ଇସ୍ରାଏଲର 'ଅପରେସନ ରାଇଜିଂ ଲାୟନ'ର ଅଂଶ ବୋଲି କୁହାଯାଉଛି, ଯାହା ଇରାନର ପରମାଣୁ ଏବଂ ବାଲିଷ୍ଟିକ ମିସାଇଲ କାର୍ଯ୍ୟକ୍ରମକୁ ବିଫଳ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି। ଇରାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ ଇସ୍ରାଏଲୀ ଆକ୍ରମଣରେ ଶୁକ୍ରବାରଠାରୁ ଇରାନରେ ପ୍ରାୟ ୨୫୦ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ, ଇରାନର ମିସାଇଲ ଆକ୍ରମଣରେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲୀ ଜରୁରୀକାଳୀନ ସେବା ସୂଚନା ଦେଇଛି।

## ମନି ଲଣ୍ଡରିଂ ମାମଲାରେ ରବର୍ଟ ଭଦ୍ରାଙ୍କୁ ଇଡିର ସମନ୍



ନୂଆଦିଲ୍ଲୀ,୧୬।୬: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସଞ୍ଜୟ ଭଣ୍ଡାରୀ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ପୁଣି ଥରେ ସମନ କରିଛି। ମାମଲାରେ ପଚରାଉଚରା ପାଇଁ ଇଡି ଆସନ୍ତାକାଲି (ମଙ୍ଗଳବାର) ରବର୍ଟ ଭଦ୍ରାଙ୍କୁ ସମନ ପଠାଇଛି। ଗତ ମଙ୍ଗଳବାର ମଧ୍ୟ ରବର୍ଟ ଭଦ୍ରାଙ୍କୁ ଇଡି ସମନ ପଠାଇଥିଲା। କିନ୍ତୁ ସେ ଇଡି କାର୍ଯ୍ୟାଳକୁ ଆସିନଥିଲେ। ଏହି କାରଣରୁ, ଏବେ ଇଡି ପୁଣି ଥରେ ତାଙ୍କୁ ସମନ ପଠାଇଛି ଏବଂ ଜୁନ୍ ୧୭ ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି । ଏହି ମାମଲା ସଞ୍ଜୟ ଭଣ୍ଡାରୀ ମାମଲା ସହିତ ଜଡିତ। ସଞ୍ଜୟ ଭଣ୍ଡାରୀ ଜଣେ ଅସ୍ତ୍ରଶସ୍ତ୍ର ପରାମର୍ଶଦାତା ଏବଂ ବ୍ରିଟେନରେ ରହୁଛନ୍ତି। ସଞ୍ଜୟ ଭଣ୍ଡାରୀ ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ରବର୍ଟ ଭଦ୍ରାଙ୍କୁ ପଚରାଉଚରା କରିବ। ଏହି ମାମଲାର ତଦନ୍ତ ପିଏମଏଲଏ ଅଧୀନରେ କରାଯାଉଛି। ପୂର୍ବରୁ ଭଦ୍ରାଙ୍କୁ ଜୁନ୍ ୧୦ ତାରିଖରେ ପଚରାଉଚରା ପାଇଁ ସମନ ପଠାଇଥିଲା। ଜୁନ୍ ୯ରେ ଭଦ୍ରା କହିଥିଲେ ଯେ, ତାଙ୍କଠାରେ ଫ୍ଲୁ ଭଳି ଲକ୍ଷଣ ରହିଛି ଏବଂ ପ୍ରୋଟୋକଲ୍ ଅନୁସାରେ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ପ୍ରକୃତରେ, ଇଡି ଅଭିଯୋଗ କରିଛି ଯେ, 'ସଞ୍ଜୟ ଭଣ୍ଡାରୀ ୨୦୦୯ ମସିହାରେ ଲଣ୍ଡନର ୧୨, ବ୍ରାୟନଷ୍ଟନ ସ୍କୋୟାରରେ ଏକ ଘର କିଣିଥିଲେ। ଏହି ଘରର ନବୀକରଣ ରବର୍ଟ ଭଦ୍ରାଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଥିଲା ଏବଂ ସେ ନିଜେ ଏଥିପାଇଁ ପାଣ୍ଠି ଯୋଗାଇଥିଲେ।' ରବର୍ଟ ଭଦ୍ରା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ ଲଣ୍ଡନରେ ତାଙ୍କର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ସମ୍ପତ୍ତି ଥିବା କଥାକୁ ଅସ୍ୱୀକାର କରିଛନ୍ତି। ସେ ଏହି ଅଭିଯୋଗଗୁଡ଼ିକୁ 'ରାଜନୈତିକ ଷଡ଼ଯନ୍ତ୍ର' ବୋଲି କହିଛନ୍ତି।

## ପୁଣି ଭାଇରାଲ ହେଲେଣି ମୋନାଲିସା



ମୁମ୍ବାଇ,୧୬।୬: ୨୦୨୫ର ମହାକୁମ୍ଭରେ ମାଳା ବିକ୍ରୟ କରିଥିବା ମୋନାଲିସା ଭୋଁସଲେ ଆଜି ଇଣ୍ଟରନେଟ ସେନସେସନ ପାଲଟିଛନ୍ତି। ମହାକୁମ୍ଭରୁ ଭାଇରାଲ ହେବା ପରେ ତାଙ୍କ ଭାଗ୍ୟ ଏତେ ଚମକି ଉଠିଲା ଯେ ତାଙ୍କ ପାଇଁ ଫିଲ୍ମ ଜଗତର ଦ୍ୱାର ଖୋଲିଗଲା। ସମ୍ପ୍ରତି ମୋନାଲିସା କହିଛନ୍ତି ଯେ ପ୍ରସିଦ୍ଧ ହେବା ପରେ ସେ ଆଜି କେତେ ରୋଜଗାର କରୁଛନ୍ତି। ମହାକୁମ୍ଭରୁ ଭାଇରାଲ ହେବା ପରେ ମୋନାଲିସାଙ୍କୁ ଫିଲ୍ମ ମିଳିଛି। ସମ୍ପ୍ରତି ତାଙ୍କର ପ୍ରଥମ ମ୍ୟୁଜିକ ଭିଡିଓ ସାଦଗୀ ମଧ୍ୟ ରିଲିଜ ହୋଇଛି। ଆଜିକାଲି ମୋନାଲିସା ତାଙ୍କର ମ୍ୟୁଜିକ ଭିଡିଓର ପ୍ରମୋସନ କରୁଛନ୍ତି। ଏହି ସମୟରେ, ସେ ଏକ ସାମ୍ପ୍ରତିକ ସାକ୍ଷାତକାରରେ ତାଙ୍କ ରୋଜଗାର ବିଷୟରେ ପ୍ରକାଶ କରିଛନ୍ତି। ମୋନାଲିସା ଇନଷ୍ଟାଣ୍ଟ ବଲିଉଡ ସହିତ ଏକ ଆଲୋଚନାରେ କହିଥିଲେ ଯେ ସେ କେତେ ଟଙ୍କା ରୋଜଗାର କରୁଛନ୍ତି। ଯେତେବେଳେ ତାଙ୍କୁ ପଚରାଗଲା ଯେ ଲୋକମାନେ କୁହନ୍ତି ଯେ ସେ ଏହି ସମୟରେ ଲକ୍ଷ ଲକ୍ଷ କୋଟି ରୋଜଗାର କରୁଛନ୍ତି। ତେବେ ଆପଣଙ୍କର କେତେ ରୋଜଗାର ହେଉଛି ଏବଂ ଆପଣଙ୍କର ଚାହିଦା କେତେ? ଏହି ପ୍ରଶ୍ନରେ ମୋନାଲିସା କହିଥିଲେ, 'ହଁ, ବାବା ମହାକାଳ ଏବଂ ଗଙ୍ଗା ମୈୟାଙ୍କ ଆଶୀର୍ବାଦ ଟିକେ ଆସୁଛି ଏବଂ ଯଦି ଲୋକମାନେ ଯାହା କହୁଛନ୍ତି ତାହା ସତ ହୁଏ, ତେବେ କୋଟି କୋଟି ଆସିଲେ ମଧ୍ୟ ଭଲ ହେବ।' ମୋନାଲିସାଙ୍କର ଆଉ ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ସେ କହୁଛନ୍ତି ଯେ ସେ ମୁମ୍ବାଇରେ ତାଙ୍କ ଘର ତିଆରି କରିବାକୁ ଯୋଜନା କରୁଛନ୍ତି। ଯେତେବେଳେ ତାଙ୍କୁ ପଚରାଗଲା ଯେ ଆପଣଙ୍କୁ ମୁମ୍ବାଇ କିପରି ଲାଗିଲା? ଏବଂ ଆପଣ ଏଠାରେ ରହିବାକୁ ଚାହାଁନ୍ତି କି? ମୁଁ ଶୁଣିଲି ଯେ ଆପଣ ମଧ୍ୟ ଏକ ଘର କିଣିବାକୁ ଚିନ୍ତା କରୁଛନ୍ତି?

## ବ୍ୟାଗରେ ଶିଶୁର ମୃତଦେହକୁ ଧରି ୯୦ କିମି ଯାତ୍ରା କଲେ ବ୍ୟକ୍ତି

ମୁମ୍ବାଇ,୧୬।୬: ମହାରାଷ୍ଟ୍ରର ନାସିକ ସିଭିଲ ହସ୍ପିଟାଲରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଆମ୍ବୁଲାନ୍ସ ସେବା ନ ମିଳିବାରୁ ଜଣେ ଆଦିବାସୀ ବ୍ୟକ୍ତି ସଖାରାମ କାଭାର ତାଙ୍କ ନବଜାତ ଝିଅର ମୃତଦେହକୁ ଏକ କ୍ୟାରି ବ୍ୟାଗରେ ନେଇ ୯୦ କିଲୋମିଟର ବସରେ ଯାତ୍ରା କରିଛନ୍ତି। ପିଟିଆଇ ରିପୋର୍ଟ ଅନୁଯାୟୀ, ସଖାରାମ କାଭାର କହିଛନ୍ତି, "ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବହେଳା ଓ ଉଦାସୀନତା ଯୋଗୁଁ ମୁଁ ମୋ ସନ୍ତାନକୁ ହରାଇଛି।" କାଭାର କହିଛନ୍ତି ଯେ ଜୁନ ୧୧ରେ ତାଙ୍କ ୨୬ ବର୍ଷୀୟ ପତ୍ନୀ ଖୋଦାଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ପ୍ରସବ ବେଦନା ଅନୁଭବ କରିଥିଲେ। ଏହା ତାଙ୍କର ତୃତୀୟ ସନ୍ତାନ ଥିଲା। ସେ ଆମ୍ବୁଲାନ୍ସ ପାଇଁ ଫୋନ କରିଥିଲେ, କିନ୍ତୁ କୌଣସି ପ୍ରତିକ୍ରିୟା ମିଳିନଥିଲା। ସେ ଆଶା କର୍ମୀଙ୍କୁ ମଧ୍ୟ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ ଉପସ୍ଥିତ ନଥିଲେ। ୧୦୮ ନମ୍ବରରେ କଲ କରିଥିଲେ ମଧ୍ୟ କୌଣସି ସାହାଯ୍ୟ ମିଳିନଥିଲା। ପରେ ସେ ଏକ ବ୍ୟକ୍ତିଗତ ଗାଡ଼ିର ବ୍ୟବସ୍ଥା କରି ତାଙ୍କ ପତ୍ନୀଙ୍କୁ ଖୋଦାଲା ପିଏଚସିକୁ ନେଇଥିଲେ। ପିଏଚସିରେ ଏକ ଘଣ୍ଟା ଅପେକ୍ଷା କରାଇଥିଲା କାଭାର ଅଭିଯୋଗ ଅନୁଯାୟୀ, ଖୋଦାଲା ପିଏଚସିରେ ପହଞ୍ଚିବା ପରେ ତାଙ୍କ ପତ୍ନୀଙ୍କୁ ଏକ ଘଣ୍ଟା ଅପେକ୍ଷା କରାଯାଇଥିଲା। ପରେ ତାଙ୍କୁ ମୋଖାଡା ସିଭିଲ ହସ୍ପିଟାଲକୁ ରେଫର କରାଯାଇଥିଲା।

## ବୋମା ଧମକ ପରେ, ମଝି ଆକାଶରୁ ବିମାନର ୟୁ-ଟର୍ଣ୍ଣ




ହାଇଦ୍ରାବାଦ,୧୬।୬: ପୁଣି ବିମାନକୁ ମିଳିଛି ବୋମା ଧମକ। ଫଳରେ ଜର୍ମାନୀ ଫେରିଯାଇଛି ବିମାନ। ହାଇଦ୍ରାବାଦରେ ଅବତରଣ ପାଇଁ ଅନୁମତି ନ ମିଳିବାରୁ ମଝି ଆକାଶରୁ ୟୁ-ଟର୍ଣ୍ଣ ମାରି ଫେରିଯାଇଛି ବିମାନ। ଉଡ଼ାଣର କିଛି ଘଣ୍ଟା ଭିତରେ ବିମାନ ଫେରିଯାଇଛି। ଏନେଇ ହାଇଦ୍ରାବାଦ ବିମାନବନ୍ଦରର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିମାନଟି ଭାରତୀୟ ବାୟୁକ୍ଷେତ୍ର ବାହାରେ ଥିବା ସମୟରେ ବୋମା ଧମକ ମିଳିଥିଲା। ଫଳସ୍ୱରୂପ ବିମାନଟି ଭାରତୀୟ ଅଞ୍ଚଳରେ ପ୍ରବେଶ କରି ନ ଥିଲା ଏବଂ ତା'ର ମୂଳ ସ୍ଥାନକୁ ଫେରି ଆସିଥିଲା। ବିମାନର ଅପ୍ରତ୍ୟାଶିତ ଭାବରେ ପରିବର୍ତ୍ତନ ପ୍ରଶ୍ନ ଉଠାଇଥିଲା, କାରଣ ବିମାନ କମ୍ପାନୀ ଅବତରଣ କ୍ଲିୟରାନ୍ସର ଅଭାବକୁ ଦର୍ଶାଇଥିଲା, ଯେତେବେଳେ ବିମାନବନ୍ଦର କର୍ତ୍ତୃପକ୍ଷ ଏହି ଘଟଣାକୁ ବୋମା ଧମକ ବୋଲି ଦାୟୀ କରିଥିଲେ।

## ସୁପ୍ରିମକୋର୍ଟରେ ହେଉ ତାମିଲରେ ବିତର୍କ: ଷ୍ଟାଲିନ



ଚେନ୍ନାଇ,୧୬।୬: ଭାଷା ବିବାଦ ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ସୋମବାର ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ତାମିଲ ଭାଷାକୁ ସୁପ୍ରିମକୋର୍ଟରେ କୋର୍ଟ ଲାଙ୍ଗୁଏଜର ମାନ୍ୟତା ମିଳୁ। ଷ୍ଟାଲିନ କହିଛନ୍ତି ଯେ ସୁପ୍ରିମକୋର୍ଟ ଓ ମାଡ୍ରାସ ହାଇକୋର୍ଟରେ ତାମିଲ ଭାଷାରେ ବିତର୍କକୁ ଅନୁମତି ମିଳିବା ଦରକାର ଏଥି ପାଇଁ ଦୀର୍ଘ ସମୟରୁ ଦାବି ହେଉଛି। ଏହି ପ୍ରସଙ୍ଗରେ ସେ ବିଚାରପତିମାନଙ୍କ ସମର୍ଥନ କାମନା କରିଛନ୍ତି। ତେବେ ତାମିଲ ଭାଷାରେ କୋର୍ଟ ରାୟ ଦେଉଥିବାରୁ ଷ୍ଟାଲିନ ପ୍ରସନ୍ନତା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଷ୍ଟାଲିନ ଦୀର୍ଘ ସମୟରୁ ତାମିଲ ଭାଷା ପ୍ରସଙ୍ଗ ଉଠାଉଛନ୍ତି। ସେ ସବୁବେଳେ ତାମିଲ ଭାଷାକୁ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଓ ଅଧିକାରୀକ ଭାଷାର ମାନ୍ୟତା ଦେବାକୁ ଓକିଲାତି କରିଆସୁଛନ୍ତି। ସେ ତାମିଲନାଡୁରେ ଲଗାତାର ହିନ୍ଦୀକୁ ବିରୋଧ ମଧ୍ୟ କରୁଛନ୍ତି। କହୁଛନ୍ତି କେନ୍ଦ୍ର ସରକାର ଆମ ଉପରେ ହିନ୍ଦୀକୁ ଲଦି ଦେଉଛନ୍ତି। ସେ କହିଛନ୍ତି ତାମିଲନାଡୁ କୌଣସି ଭାଷାକୁ ବିରୋଧ କରେନି। ହେଲେ କୌଣସି ଭାଷାକୁ ତାମିଲ ଉପରେ ବୋଝ ହେବାକୁ ମଧ୍ୟ ଆମେ ଦେବୁନି। ଷ୍ଟାଲିନ ଓ ତାଙ୍କ ପାର୍ଟି ଡିଏମକେ ତାମିଲନାଡୁରେ ଦୁଇଭାଷା (ତାମିଲ ଓ ଇଂରାଜୀ) ନୀତିକୁ ସମର୍ଥନ କରୁଛନ୍ତି। ସେ କେନ୍ଦ୍ର ସରକାରଙ୍କ ତ୍ରିଭାଷା (ତାମିଲ, ହିନ୍ଦୀ ଓ ଇଂରାଜୀ) ନୀତିକୁ ବିରୋଧ କରୁଛନ୍ତି। ପାର୍ଟିର କହିବା କଥା ହେଉଛି ତାମିଲ ଭାଷା ଓ ସଂସ୍କୃତିକୁ ହିନ୍ଦୀ ଦୁର୍ବଳ କରିବ। ଏଣୁ ଷ୍ଟାଲିନ ହିନ୍ଦୀକୁ ଅଣ ହିନ୍ଦୀଭାଷୀ ରାଜ୍ୟଙ୍କ ଉପରେ କେନ୍ଦ୍ର ସରକାର ଲଦିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ସେ କହିଛନ୍ତି ହିନ୍ଦୀ କେବଳ ଏକ ମୁଖା, ଏହା ପଛରେ ସଂସ୍କୃତକୁ ପ୍ରୋତ୍ସାହନ ଦେବା କେନ୍ଦ୍ର ସରକାରଙ୍କ ଅସଲ ଉଦ୍ଦେଶ୍ୟ। ଡିଏମକେ ୧୯୩୭-୩୯ ଓ ୧୯୬୫ ମସିହାରେ ହିନ୍ଦୀ ବିରୋଧୀ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଫଳରେ ତାମିଲନାଡୁର ଭାଷାଗତ ପରିଚୟ ମଜଭୁତ ହୋଇଥିଲା। ଷ୍ଟାଲିନ ଏହି ଆନ୍ଦୋଳନର ଐତିହ୍ୟକୁ କେବଳ ଆଗକୁ ବଢାଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସି.ଏନ.ଆନ୍ନା ଦୁରାଇ (ଆନ୍ନା) ୧୯୬୮ ମସିହାରେ ରାଜ୍ୟରେ ଦୁଇଭାଷା ନୀତିକୁ ଆଇନରେ ପରିଣତ କରିଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏଫଏଟିଏଫର ନିନ୍ଦା

### ଟଙ୍କା ଓ ଅର୍ଥ ପରିବହନର ସୁବିଧା ବିନା ସମ୍ଭବ ନୁହେଁ

ନୂଆଦିଲ୍ଲୀ,୧୬।୬: ଆନ୍ତର୍ଜାତିକ ଅର୍ଥ ଅପରାଧ ଓ ଆତଙ୍କବାଦୀ ଅର୍ଥଯୋଗାଣ ନିୟନ୍ତ୍ରଣ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ଜମ୍ମୁ ଓ କାଶ୍ମୀରର ପହଲଗାମରେ ୨୨ ଏପ୍ରିଲ ୨୦୨୫ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିଛି। ଏହି ଆକ୍ରମଣରେ ୨୬ ଜଣ ନାଗରିକ, ବିଶେଷତଃ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏଫଏଟିଏଫ କହିଛି ଯେ ଏପରି ଆକ୍ରମଣ ଟଙ୍କା ଓ ଆତଙ୍କବାଦୀ ସମର୍ଥକଙ୍କ ମଧ୍ୟରେ ଅର୍ଥ ପରିବହନର ସୁବିଧା ବିନା ସମ୍ଭବ ନୁହେଁ। ଏଫଏଟିଏଫ ଏକ ବିବୃତିରେ କହିଛି, "ଆତଙ୍କବାଦୀ ଆକ୍ରମଣ ବିଶ୍ୱବ୍ୟାପୀ ମଣିଷଙ୍କ ଜୀବନ ନଷ୍ଟ କରୁଛି ଓ ଭୟର ବାତାବରଣ ସୃଷ୍ଟି କରୁଛି। ପହଲଗାମରେ ୨୨ ଏପ୍ରିଲ ୨୦୨୫ରେ ଘଟିଥିବା ନିର୍ମମ ଆତଙ୍କବାଦୀ ଆକ୍ରମଣକୁ ଏଫଏଟିଏଫ ଗମ୍ଭୀର ଚିନ୍ତା ସହ ନିନ୍ଦା କରୁଛି। ଏହା ଓ ଅନ୍ୟାନ୍ୟ ସାମ୍ପ୍ରତିକ ଆକ୍ରମଣ ଆର୍ଥିକ ସମର୍ଥନ ଓ ଅର୍ଥ ପରିବହନ ବ୍ୟବସ୍ଥା ବିନା ହୋଇପାରିନଥାନ୍ତା।" ଏହି ବିବୃତି ଭାରତର ଏକ ଦୀର୍ଘଦିନର ଅଭିଯୋଗକୁ ସମର୍ଥନ କରୁଛି, ଯେଉଁଥିରେ ଭାରତ ପାକିସ୍ତାନକୁ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଓ ଅନ୍ତର୍ଜାତୀୟ ଆର୍ଥିକ ସହାୟତାକୁ ଅସ୍ତ୍ର କ୍ରୟ ପାଇଁ ବ୍ୟବହାର କରିବା ଅଭିଯୋଗ କରିଆସୁଛି। ଭାରତୀୟ ଅଧିକାରୀମାନେ ପାକିସ୍ତାନକୁ ପୁନର୍ବାର ଏଫଏଟିଏଫର 'ଗ୍ରେ ଲିଷ୍ଟ'ରେ ସାମିଲ କରିବା ପାଇଁ ଏକ ବିସ୍ତୃତ ଡଜିୟର ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ପାକିସ୍ତାନର ଆତଙ୍କବାଦୀ ଅର୍ଥଯୋଗାଣ ଓ ଅର୍ଥ ଅପରାଧ ନିୟନ୍ତ୍ରଣ ନିୟମ ଉଲ୍ଲଙ୍ଘନର ପ୍ରମାଣ ରହିଛି।

## ଭାରତୀୟ ତଟରକ୍ଷୀ ବାହିନୀରେ ଯୋଗ ଦେଲା ନୂଆ ପାଟ୍ରୋଲ ଜାହାଜ 'ଅଚଳ'



ଗୋଆ,୧୬।୬: ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ର ସାମୁଦ୍ରିକ ସମର୍ଥନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଗୋଆ ଶିପୟାର୍ଡ ଲିମିଟେଡ (ଜିଏସଏଲ) ଦ୍ୱାରା ନିର୍ମିତ ଆଠଟି ଫାଷ୍ଟ ପାଟ୍ରୋଲ ଭେସେଲ (ଏଫପିଭି) ମଧ୍ୟରୁ ପଞ୍ଚମ ଜାହାଜ 'ଅଚଳ'କୁ ଜୁନ ୧୬ ତାରିଖରେ ଗୋଆରେ ଉନ୍ମୋଚନ କରାଯାଇଛି। ୪୭୩ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ଏହି ଜାହାଜଟି ୫୨ ମିଟର ଲମ୍ବା ଏବଂ ୮ ମିଟର ଚଉଡା ଅଟେ। ଯାହାର ଓଜନ ୩୨୦ ଟନ ଅଟେ ବୋଲି ସୂଚନା ରହିଛି। 'ଅଚଳ' ଜାହାଜଟି କଣ୍ଟ୍ରୋଲେବଲ ପିଚ୍ ପ୍ରୋପେଲର (ସିପିପି) ପ୍ରପଲସନ ସିଷ୍ଟମରେ ସଜ୍ଜିତ। ଯାହା ଏହାକୁ ୨୭ ନଟିକାଲ ମାଇଲ ପର୍ଯ୍ୟନ୍ତ ଗତିରେ ଚାଲିବାରେ ସକ୍ଷମ କରେ। ଏହି ଜାହାଜ ସୁରକ୍ଷା, ନିରୀକ୍ଷଣ, ନିୟନ୍ତ୍ରଣ ଏବଂ ସର୍ଭେଲାନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଡିଜାଇନ କରାଯାଇଛି। ଯାହା ଭାରତର ପଶ୍ଚିମ ଉପକୂଳରେ ଥିବା ସୀମା ଏବଂ ଦ୍ୱୀପ ଅଞ୍ଚଳଗୁଡିକର ସୁରକ୍ଷା ବୃଦ୍ଧି କରିବ।

## ଭୟଭୀତ ପାକିସ୍ତାନ: ଧ୍ୱଂସ ଆଶଙ୍କାରେ ଜର୍ଜରିତ



ଇସଲାମାବାଦ୍,୧୬।୬: ମଧ୍ୟପ୍ରାଚ୍ୟରେ ଘଟୁଥିବା ଘଟଣାଗୁଡ଼ିକର ପ୍ରତିଧ୍ୱନି ଏବେ ପାକିସ୍ତାନରେ ମଧ୍ୟ ଶୁଣାଯାଉଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ସଂଘର୍ଷ ଏବେ ପରମାଣୁ ଅସ୍ତ୍ରଶସ୍ତ୍ର ଆଲୋଚନାକୁ ନେଇ ଆରମ୍ଭ ହୋଇଛି ଏବଂ ଏହା ହିଁ ପାକିସ୍ତାନକୁ ଥରହର କରିଛି। ଇସ୍ରାଏଲ ଗତ ସପ୍ତାହରେ ୧୩ ଜୁନରେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା। ଏହାର ଲକ୍ଷ୍ୟ ଥିଲା ତେହେରାନର ବର୍ଦ୍ଧିତ ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା। କିନ୍ତୁ ବର୍ତ୍ତମାନ ଇସ୍ରାଏଲ ସ୍ପଷ୍ଟ କରିଦେଇଛି ଯେ, ଏହି ଅଭିଯାନ ଜାରି ରହିବ, ପାକିସ୍ତାନର ରାଡାରରେ ବିପଦ ଘଣ୍ଟି ଆହୁରି ଜୋରଦାର ହୋଇଛି। ଇରାନ ଏହି ଯୁଦ୍ଧର ଏକ ସିଧାସଳଖ ପକ୍ଷ, କିନ୍ତୁ ପାକିସ୍ତାନ କାହିଁକି ଭୟଭୀତ? ଏହାର ଉତ୍ତର ନିଜେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଦେଇଛନ୍ତି। ସେ କହିଛନ୍ତି, ଯଦି ଇସ୍ରାଏଲ ଏପରି କାର୍ଯ୍ୟ ଆଗକୁ ଜାରି ରହେ, ତେବେ କେବଳ ଇରାନ ନୁହେଁ, ଆମେ ମଧ୍ୟ ଧ୍ୱଂସ ପାଇଯିବୁ। ଏହି ବିବୃତ୍ତି ଦର୍ଶାଉଛି ଯେ ଇସଲାମାବାଦ ନିଜ ଅସ୍ତିତ୍ୱ ବିଷୟରେ ଚିନ୍ତା କରିବା ଆରମ୍ଭ କରିଛି। ଆସିଫ କହିଛନ୍ତି ଯେ, ଇସ୍ରାଏଲ ଏକମାତ୍ର ଦେଶ ଯାହା କୌଣସି ଅନ୍ତର୍ଜାତୀୟ ପରମାଣୁ ଚୁକ୍ତିନାମା, ନା ଏନ୍‌ପିଟି, ନା କୌଣସି ଉତ୍ତରଦାୟିତ୍ୱର ଅଂଶ। ଏହା କୌଣସି ତଦାରଖ ବିନା ଖୋଲାଖୋଲି ଭାବରେ ବିଶ୍ୱକୁ ଧମକ ଦେଇପାରେ। ଅର୍ଥାତ୍, ଆଇଏଇଏ ଭଳି ଏଜେନ୍ସି ଇରାନ ଉପରେ କଡ଼ା ନଜର ରଖେ, ଇସ୍ରାଏଲ ପାଖରେ କୌଣସି ନିୟମ, କୌଣସି ଯାଞ୍ଚର ଭିଆପି ପାସ ଅଛି। ଏବଂ ଏହା ହିଁ ପାକିସ୍ତାନକୁ ସବୁଠାରୁ ଭୟଭୀତ କରେ କାରଣ ସେ ଜାଣେ ଯେ, ଯଦି ଯୁଦ୍ଧର ପରିସର ବୃଦ୍ଧି ପାଏ, ତେବେ ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ ଅନ୍ୟ କେହି ହୋଇପାରେ। ଆସିଫ ଇଙ୍ଗିତରେ ବିଶ୍ୱକୁ କହିଥିଲେ ଯେ, ପାକିସ୍ତାନ ମଧ୍ୟ ଏକ ପରମାଣୁ ଶକ୍ତି, କିନ୍ତୁ ଏହା ଏପର୍ଯ୍ୟନ୍ତ ବ୍ୟବହାର କରିନାହିଁ। ଆମେ ଆମର ନାଗରିକଙ୍କ ସୁରକ୍ଷା ଏବଂ ସାର୍ବଭୌମତ୍ୱ ପାଇଁ ପ୍ରସ୍ତୁତ, କିନ୍ତୁ ଆମେ ସର୍ବଦା ଅନ୍ତର୍ଜାତୀୟ ନିୟମ ପାଳନ କରୁ। ପାକିସ୍ତାନୀ ମନ୍ତ୍ରୀ ଆମେରିକା ଏବଂ ୟୁରୋପକୁ ମଧ୍ୟ ଟାର୍ଗେଟ୍‌କୁ ନେଇଥିଲେ। ସେ କହିଥିଲେ ଯେ, ଅନ୍ଧ ସମର୍ଥନ ଇସ୍ରାଏଲକୁ ଅନିୟନ୍ତ୍ରିତ କରୁଛି। ଯଦି ଏହା ଜାରି ରହେ, ତେବେ ନିଆଁ କେବଳ ମଧ୍ୟପ୍ରାଚ୍ୟରେ ନୁହେଁ ବରଂ ସମଗ୍ର ବିଶ୍ୱରେ ବ୍ୟାପିଯିବ। ଅର୍ଥାତ୍ ଇସଲାମାବାଦ ଏବେ ଇରାନ ପରେ ନିଜକୁ ପରବର୍ତ୍ତୀ ଧାଡିରେ ଠିଆ ହେଉଥିବାର ଦେଖୁଛି। ଏହି କାରଣରୁ ଏହାର ଭୟ ତେହେରାନ ଅପେକ୍ଷା ଅଧିକ।

# ମହିଳା ଦିନିକିଆ ବିଶ୍ୱକପ୍‌ର କାର୍ଯ୍ୟସୂଚୀ ଜାରି କଲା ଆଇସିସି

## ରାଉଣ୍ଡ-ରବିନ୍ ଫର୍ମାଟରେ ଖେଳାଯିବ ଟୁର୍ଣ୍ଣାମେଣ୍ଟ



**ନୂଆଦିଲ୍ଲୀ,୧୬।୬:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ବିଶ୍ୱକପରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ଏବଂ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ-ରବିନ୍ ଫର୍ମାଟରେ ଖେଳାଯିବ। ଏହାର ଅର୍ଥ ହେଉଛି ଯେ ସମସ୍ତ ୮ଟି ଦଳ ନିଶ୍ଚିତ ଭାବରେ ଗ୍ରୁପ୍ ପର୍ଯ୍ୟାୟରେ ଥରେ ପରସ୍ପରକୁ ସାମ୍ନା କରିବେ। ଏଥର ବିଶ୍ୱକପ୍ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି ଏବଂ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ବିଶ୍ୱକପ୍ ୩୦ ସେପ୍ଟେମ୍ବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହିଳା ଦିନିକିଆ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୧ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚ୍ ସହିତ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ସୂଚନାଥାଉକି, ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍‌ର ତାରିଖ ମଧ୍ୟ ସ୍ଥିର ହୋଇସାରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ହାଇ-ଭୋଲଟେଜ୍ ମ୍ୟାଚ୍ ୫ ଅକ୍ଟୋବରରେ ଶ୍ରୀଲଙ୍କାର ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ।

### ସମ୍ପୂର୍ଣ୍ଣ କ୍ରୀଡ଼ାସୂଚୀ

୩୦ ସେପ୍ଟେମ୍ବର - ଭାରତ ବନାମ ଶ୍ରୀଲଙ୍କା

୫ ଅକ୍ଟୋବର - ଭାରତ ବନାମ ପାକିସ୍ତାନ

୯ ଅକ୍ଟୋବର - ଭାରତ ବନାମ ଦକ୍ଷିଣ ଆଫ୍ରିକା

୧୨ ଅକ୍ଟୋବର - ଭାରତ ବନାମ ଅଷ୍ଟ୍ରେଲିଆ

୧୯ ଅକ୍ଟୋବର - ଭାରତ ବନାମ ଇଂଲଣ୍ଡ

୨୩ ଅକ୍ଟୋବର - ଭାରତ ବନାମ ନ୍ୟୁଜିଲ୍ୟାଣ୍ଡ

୨୬ ଅକ୍ଟୋବର - ଭାରତ ବନାମ ବାଂଲାଦେଶ

## ତେମ୍ବା ବଭୁମା ନାମ ହିଁ ଯଥେଷ୍ଟ

# ଦକ୍ଷିଣ ଆଫ୍ରିକାକୁ ଆଇସିସି ଟ୍ରଫି ଜିତାଇଲେ ପ୍ରଥମ କୃଷ୍ଣକାୟ କ୍ୟାପ୍ଟେନ୍

**ନୂଆଦିଲ୍ଲୀ,୧୬।୬:** ଦୀର୍ଘ ୨୭ ବର୍ଷର ଅନ୍ତ ଘଟାଇ ଶେଷରେ ଦକ୍ଷିଣ ଆଫ୍ରିକା ଆଇସିସି ଟ୍ରଫି ଜିତିବାରେ ସଫଳ ହୋଇଛି। ଏହା ପୁଣି ସମ୍ଭବ ହୋଇଛି ଜଣେ କୃଷ୍ଣକାୟ ଅଧିନାୟକ ତେମ୍ବା ବଭୁମାଙ୍କ ନେତୃତ୍ୱରେ। ଅଦ୍ଭୁତ ନେତୃତ୍ୱ ଶୈଳୀ ଏବଂ ଅବିଶ୍ୱସନୀୟ ପ୍ରଦର୍ଶନ ବଳରେ ବଭୁମା ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି । ଦକ୍ଷିଣ ଆଫ୍ରିକାରେ ଏବେବି ରହିଛି ବର୍ଣ୍ଣ ବୈଷମ୍ୟ । କ୍ରିକେଟ୍, ରଗବୀ ଓ ଆଥଲେଟିକ୍ସରେ ରହିଛି ବର୍ଣ୍ଣ ଅନୁସାରେ ସଂରକ୍ଷଣ ବ୍ୟବସ୍ଥା । ଏସବୁର ବହୁ ଊର୍ଦ୍ଧ୍ୱକୁ ଯାଇ ଶେଷରେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ହାସଲ କରି ନୂଆ ଇତିହାସ ରଚିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ୨୦୨୩-୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ଲଢ଼େଇ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆୟୋଜିତ ହୋଇଥିଲା । ଦକ୍ଷିଣ ଆଫ୍ରିକା ଶେଷରେ ୫ ୱିକେଟ୍‌ରେ ବିଜୟୀ ହୋଇ ବିଶ୍ୱ ବିଜେତା ହେବାର ସୌଭାଗ୍ୟ ଲାଭ କରିଥିଲା । ୧୯୯୯ରୁ ୨୦୨୫ ପର୍ଯ୍ୟନ୍ତ ଆଇସିସିର ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ୧୩ ଥର ନକ୍ ଆଉଟ୍‌ରେ ପରାଜିତ ହେବା ପରେ ଶେଷରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇଛି । ୧୯୯୯ ଦିନିକିଆ ବିଶ୍ୱକପ୍ ସେମି ଫାଇନାଲ, ୨୦୦୦ ଚାମ୍ପିଅନ୍ସ ଟ୍ରଫି ସେମି, ୨୦୦୨ ଓ ୨୦୦୬ ଚାମ୍ପିଅନ୍ସ ଟ୍ରଫି ସେମି, ୨୦୦୭ ଦିନିକିଆ ବିଶ୍ୱକପ୍ ସେମି, ୨୦୦୯ ଟି-ଟ୍ୱେଣ୍ଟି ବିଶ୍ୱକପ୍ ସେମି, ୨୦୧୧ ଦିନିକିଆ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ, ୨୦୧୩ ଚାମ୍ପିଅନ୍ସ ଟ୍ରଫି ସେମି, ୨୦୧୪ ଟି-ଟ୍ୱେଣ୍ଟି ବିଶ୍ୱକପ୍ ସେମି, ୨୦୧୫ ଦିନିକିଆ ବିଶ୍ୱକପ୍ ସେମି, ୨୦୨୩ ଦିନିକିଆ ବିଶ୍ୱକପ୍ ସେମି, ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିରେ ପରାଜିତ ହୋଇଥିଲା । ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଲା ଏବଂ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସର ଗଦା ଜିତିବାରେ ସଫଳ ହେଲା ।



### ପୂର୍ବତନ ଚୟନକର୍ତ୍ତାଙ୍କ ବଡ଼ ବୟାନ

# ସୂର୍ଯ୍ୟବଂଶୀଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆହୁରି ସମୟ ଲାଗିବ



**ନୂଆଦିଲ୍ଲୀ,୧୬।୬:** କ୍ରିକେଟ୍‌ର ନୂଆ ଉଦୀୟମାନ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୫ ପରଠୁ ଲଗାତାର ଚର୍ଚ୍ଚାରେ ଅଛନ୍ତି। ସମସ୍ତ ପ୍ରଶଂସକ ବୈଭବଙ୍କୁ ଶୀଘ୍ର ଭାରତୀୟ ଦଳର ଜର୍ସିରେ ଦେଖିବାକୁ ଚାହାନ୍ତି। କିଛି ତ ତାଙ୍କର ତୁଳନା ମହାନ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ସହ କରିଛନ୍ତି। ତେବେ ନିଜ ସମୟରେ ଖ୍ୟାତାନାମା ସ୍ପିନର ରହିଥିବା ତଥା ପୂର୍ବତନ ଚୟନକର୍ତ୍ତା ଭେଙ୍କଟପତି ରାଜୁଙ୍କ କହିବା କଥା ସୂର୍ଯ୍ୟବଂଶୀଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆହୁରି ସମୟ ଲାଗିପାରେ। ସଚିନଙ୍କ ସହ ତୁଳନାକୁ ସେ ଅଯଥା ବୋଲି କହିଛନ୍ତି। ବୈଭବ ବର୍ତ୍ତମାନ ୧୯ ବର୍ଷରୁ କମ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଏବଂ ଇଂଲଣ୍ଡ ଗସ୍ତରେ ଅଛନ୍ତି। ମାତ୍ର ୧୪ ବର୍ଷ ବୟସରେ ନିଜ ପ୍ରଦର୍ଶନ ବଳରେ କ୍ରିକେଟ୍ ଜଗତରେ ସେ ଚହଳ ପକାଇଛନ୍ତି। ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଏବଂ ପ୍ରଥମ ଭାରତୀୟ ବ୍ୟାଟରଙ୍କ ଭାବେ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି। ପୁଣି ୧୯ ବର୍ଷରୁ କମ ଭାରତୀୟ ଦଳର ଅଭ୍ୟାସ ମ୍ୟାଚ୍‌ରେ ୯୦ ବଲ୍‌ରେ ୧୯୦ ରନର ଧୂଆଁଧାର ଇନିଂସ ଖେଳିଛନ୍ତି। କଣ ଭାରତୀୟ ଦଳରେ ସୂର୍ଯ୍ୟବଂଶୀଙ୍କୁ ଶୀଘ୍ର ସ୍ଥାନ ମିଳିପାରେ ? ପୂର୍ବତନ ସ୍ପିନର ଭେଙ୍କଟପତି ରାଜୁଙ୍କୁ ଏମିତି ଲାଗୁ ନାହିଁ। ୨୦୦୭ ଟି-୨୦ ବିଶ୍ୱକପ୍ ବିଜେତା ଦଳର ଚୟନ କରିଥିବା ଚୟନକର୍ତ୍ତା ରାଜୁ କହିଛନ୍ତି, ବୈଭବଙ୍କୁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଆହୁରି ସମୟ ଅପେକ୍ଷା କରିବାକୁ ପଡିବ।

## ୧୨ଦିନ ଭିତରେ ଭାଙ୍ଗିଲା ନିର୍ବନ୍ଧ !

**ନୂଆଦିଲ୍ଲୀ,୧୬।୬:** ଟିମ୍ ଇଣ୍ଡିଆର ଷ୍ଟାର ବୋଲର କୁଲଦୀପ ଯାଦବ ଆଇପିଏଲ ଶେଷ ହେବା ପରେ ତାଙ୍କ ପିଲାଦିନର ବନ୍ଧୁ ବଂଶିକାଙ୍କ ସହ ନିର୍ବନ୍ଧ କରିଥିଲେ। ଲକ୍ଷ୍ନୌରେ ହୋଇଥିବା ଏହି ନିର୍ବନ୍ଧର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ କୁଲଦୀପ ଇଂଲଣ୍ଡ ଗସ୍ତରେ ଚାଲିଯାଇଥିଲେ, ଯେଉଁଠାରେ ଜୁନ୍ ୨୦ରୁ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେଉଛି। କିନ୍ତୁ ସେଠାକୁ ଯିବା ପରେ, କୁଲଦୀପ ଯାଦବ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ତାଙ୍କ ନିର୍ବନ୍ଧର ଫଟୋଗୁଡ଼ିକୁ ଡିଲିଟ୍ କରିଦେଇଥିବା ଦେଖାଯାଇଛି। କୁଲଦୀପ ଯାଦବ ଇନଷ୍ଟାଗ୍ରାମରେ ବଂଶିକାଙ୍କ ସହିତ ଏକ ଫଟୋ ସେୟାର କରିଥିଲେ, ଯାହାକୁ ସେ କିଛି ସମୟ ପରେ ହଟାଇ ଦେଇଥିଲେ। ନିର୍ବନ୍ଧ ଭାଙ୍ଗିବାରୁ ସେ ଏହା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଜଣାପଡ଼ିନାହିଁ। ଜୁନ୍ ୪ ତାରିଖରେ ଅନୁଷ୍ଠିତ କୁଲଦୀପ ଯାଦବଙ୍କ ନିର୍ବନ୍ଧରେ ଅନେକ କ୍ରିକେଟର ମଧ୍ୟ ଯୋଗ ଦେଇଥିଲେ। ହଟାଯାଇଥିବା ଫଟୋରେ କୁଲଦୀପ୍ କଳା ରଙ୍ଗର ପୋଷାକ ପିନ୍ଧିଥିବା ବେଳେ ତାଙ୍କ ଭାବି ପତ୍ନୀ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବା ଦେଖାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବ ସରକାରଙ୍କ...

ଏକଥା କହୁଛି ସିଏଜି ରିପୋର୍ଟ। ୨୦୧୭ରୁ ୨୦୨୨ ମଧ୍ୟରେ ରାଜ୍ୟରେ ପ୍ରାୟ ୫୦ ଲକ୍ଷ ଲୋକ ହଇଜା ଓ ଟାଇଫଏଡରେ ଆକ୍ରାନ୍ତ ହୋଇଥିଲେ ବୋଲି ଖୋଦ ସିଏଜିଙ୍କ ଏକ ସ୍ୱତନ୍ତ୍ର ଅଡିଟ ରିପୋର୍ଟ କହୁଛି। ଗୋଟେ ପଟେ ସିଏଜିଙ୍କ ସ୍ୱତନ୍ତ୍ର ଅଡିଟ ରିପୋର୍ଟ, ସେପଟେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଶୁଦ୍ଧ ପାନୀୟ ଜଳର ଉତ୍କଟ ସଙ୍କଟ। ଏହାର ସମାଧାନ ପାଇଁ ସେତେବେଳେ ରାଜ୍ୟ ସରକାର ଆରମ୍ଭ କରିଥିଲେ ମେଗା ପାନୀୟ ଜଳ ପ୍ରକଳ୍ପ। ପ୍ରକୃତରେ ଦେଖିଲେ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ଥିଲା ଏକ ମେଗା ସ୍କାମ। ପୂର୍ବରୁ ବିଜେପିର ଯେଉଁ ନେତାମାନେ ମେଗା ପାନୀୟ ଜଳ ପ୍ରକଳ୍ପକୁ ମେଗା ସ୍କାମ ବୋଲି କହୁଥିଲେ ସେମାନେ ଏବେ ନିରବ। ଏପରିକି ଏହି ସ୍କାମରେ ଜଡିତ ଲୋକଙ୍କୁ ପାତାଳରେ ଥିଲେ ବି ଖୋଜି ବାହାର କରାଯିବ ବୋଲି ଖୋଦ ପଞ୍ଚାୟତିରାଜ ମନ୍ତ୍ରୀ କହିଥିଲେ। ହେଲେ ଏବେ ବି ସ୍କାମଷ୍ଟରଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ। ଯାଜପୁରରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଏକ ବଡ ଜିରୋରେ ପରିଣତ ହୋଇଛି। ୨୦୨୧ରେ ଆରମ୍ଭ ହୋଇଥିଲା ଏହି ସ୍କିମ। ବଡ଼ଚଣା, ଧର୍ମଶାଳା, ରସୁଲପୁର, ଦାନଗଦି ଓ ଯାଜପୁର ଏହି ପାଞ୍ଚଟି ବ୍ଲକରେ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦୨୪ କୋଟି ୨୬ ଲକ୍ଷ ଖର୍ଚ୍ଚ କରିବାକୁ ଦୁଇଟି କମ୍ପାନୀ ସହ ଚୁକ୍ତି କରାଗଲା। ବଡଚଣା ପାଇଁ ୩୩୫ କୋଟି ୭୨ ଲକ୍ଷ, ରସୁଲପୁର ପାଇଁ ୧୬୭ କୋଟି ୧୬ ଲକ୍ଷ, ଦାନଗଦି ପାଇଁ ୧୬୭ କୋଟି ୧୬ ଲକ୍ଷ ଓ ଯାଜପୁର ପାଇଁ ୨୪୫ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ କରିବାକୁ ଚୁକ୍ତି ହୋଇଥିଲା। ମେଘା ଇଞ୍ଜିନିୟରିଂ ଏବଂ କେଇସି ବିଆରସିସି ନାମକ ଦୁଇଟି କମ୍ପାନୀ ସହ ସରକାର ଚୁକ୍ତି କରିଥିଲେ। ମେଘା ଇଂଜିନିୟରିଂକୁ ସର୍ବାଧିକ ପ୍ରାୟ ୭୦୦ କୋଟି ଟଙ୍କାର କାମ କେବଳ ଯାଜପୁର ଜିଲ୍ଲାରେ ଦିଆଯାଇଥିଲା। ୨୦୨୩ ଫେବୃଆରୀ ସୁଦ୍ଧା କାମ ସରିବା କଥା। କିନ୍ତୁ ବର୍ତ୍ତମାନର ସ୍ଥିତି କହୁଛି କେଉଁଠି ବି କାମ ସମ୍ପୂର୍ଣ୍ଣ ହୋଇନାହିଁ। ସରକାରୀ ଭାବେ କିନ୍ତୁ ୫୫ରୁ ୮୫ ପ୍ରତିଶତ ପର୍ଯ୍ୟନ୍ତ କାମ ସରିଥିବା କଥା କହି ୨୦୨୩ ସୁଦ୍ଧା ଅର୍ଥାତ ନିର୍ବାଚନ ପୂର୍ବରୁ ଦୁଇଟିଯାକ କମ୍ପାନୀକୁ ୯୨୬ କୋଟି ଟଙ୍କା ଦିଆଯାଇସାରିଛି। ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। କେଉଁଠି ପାଇପ ସଂଯୋଗ ହୋଇନି ତ କେଉଁଠି ଜେନସେଟରେ କାମ ସରିଛି, ତ ଆଉ କେଉଁଠି କିଛି ପିଲାର ଉଠି କାମ ସରିଥିବା ଦେଖାଯାଇଛି। ନିର୍ବାଚନ ପୂର୍ବରୁ ଯାଜପୁରରେ ମେଗା ପାନୀୟ ଜଳ ନାଁରେ ଏହା ଏକ ବିରାଟ ସ୍କାମ ନୁହେଁ ତ ଆଉ କ'ଣ ବୋଲି ଏବେ ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି।

ଅଭିଯୋଗ ହେଉଛି, କେବଳ ନାଁକୁ ମେଗା ପାନୀୟ ଜଳ ପ୍ରକଳ୍ପ, ସବୁ ଚୁକ୍ତି କେବଳ କାଗଜ କଲମରେ ଏବଂ ଏଥିରେ ନିର୍ବାଚନ ପାଇଁ ବ୍ୟାପକ ଭାବେ ପିସି କାରବାର ହୋଇଛି। କମ୍ପାନୀ କାମ ନ ସାରି ଟଙ୍କା ଧରି ଛୁ' ମାରିଛି। ସେପଟେ ବିଜେଡି ମଧ୍ୟ ନିଜ ପିସି ସଂଗ୍ରହ କରି ଏବେ ନିଜକୁ ସାଧୁ ବୋଲାଉଛି। ଆଉ ବିଜେଡି ସରକାର ଏହି ମେଘା ସ୍କାମ ପାଇଁ ଏବେ ଯାଜପୁରରେ ହଇଜା ଆତଙ୍କ ଦେଖାଦେଇଛି ଆଉ ଜଣଙ୍କ ପରେ ଜଣଙ୍କର ମୃତ୍ୟୁ ହେଉଛି।

## ପାଣ୍ଡେମିକ୍...

ଘରେ ଆଉ ଦୁଇ ଜଣ ଅସୁସ୍ଥ ହେଲେଣି। କାହାର ଜୀବନ ଯାଉଛି ତ ଆଉ କିଏ ମୃତ୍ୟୁ ସହ ସଂଘର୍ଷ କରୁଛି। ଗାଁ ଗାଁରେ ଭୟଙ୍କର ପରିସ୍ଥିତି, ସାହି ସାହିରେ ପଡ଼ିଲାଣି ହାହାକାର। ଯାଜପୁର ପରେ କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ ଓ ଢେଙ୍କାନାଳ ଭଳି ଛଅ ଛଅଟି ଜିଲ୍ଲାରେ ବି ଝାଡ଼ାବାନ୍ତି କାୟା ମେଲାଇବା ପରେ ସାରା ରାଜ୍ୟରେ ହଇଜା ଆତଙ୍କ ଦେଖାଦେଇଛି। ଯାଜପୁର ଜିଲ୍ଲାରେ ଏବେବି ସ୍ଥିତି ଗମ୍ଭୀର ଥିବା ବେଳେ ମୃତ୍ୟୁ ସଂଖ୍ୟା ବେସରକାରୀ ଭାବେ ୧୫କୁ ବଢ଼ିଛି ଓ ୨୬୦ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି। ଏସବୁ ଭିତରେ ଗ୍ରାଉଣ୍ଡ୍ ଜିରୋ ସ୍ଥିତି ଅନୁଧ୍ୟାନ ପରେ ସେଠାରେ ମାରାତ୍ମକ ଭିବ୍ରିଓ କଲେରା ବୀଜାଣୁ ସହ ଆଉ କିଛି କାରଣରୁ ଡାଇରିଆ ବ୍ୟାପିଥିବା ସ୍ପଷ୍ଟ କରିଛି ୧୪ ଜଣିଆ କେନ୍ଦ୍ରୀୟ ଟିମ୍। ଭୁବନେଶ୍ୱର ଫେରି ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ପରେ କେନ୍ଦ୍ରୀୟ ଟିମ୍ ସଦସ୍ୟ କହିଛନ୍ତି କେସ୍ ଲୋଡ୍‌କୁ ଅନୁଧ୍ୟାନ କରାଯାଉଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରତିକାରମୂଳକ ପଦକ୍ଷେପ ସୁପାରିସ୍ କରାଯାଇଛି। ଏବେ ଏହା ଏଣ୍ଡେମିକ ଷ୍ଟେଜରେ ହିଁ ରହିଛି। ସେପଟେ ସ୍ୱାସ୍ଥ୍ୟ ସଚିବ ମଧ୍ୟ ଯାଜପୁରର ବିଭିନ୍ନ ମେଡିକାଲ୍ ପରିଦର୍ଶନ କରିବା ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ଥିତିର ସମୀକ୍ଷା କରିଛନ୍ତି।

ଯାଜପୁର ଓ ଭଦ୍ରକ ସମେତ ବିଭିନ୍ନ ଜିଲ୍ଲାରେ ଜଳଖିଆ ଦୋକାନ, ଚାଟ୍ ଓ ଦହିବରା ସହ ରାସ୍ତାକଡ଼ ଫାଷ୍ଟଫୁଡ୍ ଷ୍ଟଲ୍, ଏପରିକି ହୋଟେଲ ଓ ରେଷ୍ଟୁରାଣ୍ଟ ଆଦି ରେଡ୍ କରୁଛି ପ୍ରଶାସନ। ବାସି ଖାଦ୍ୟ ମିଳିଲେ ଦୋକାନୀଠୁ ଫାଇନ୍ ଆଦାୟ ହେଉଛି ଏବଂ ପାନୀୟ ଜଳ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି। ଲୋକଙ୍କୁ ବାହାରେ ଖିଆପିଆ ନକରିବାକୁ ଏବଂ ଗାଁରେ ଭୋଜିଭାତ ନକରିବାକୁ ସଚେତନ କରାଯାଉଛି। ବରୀ ଓ ବିଂଝାରପୁର ତହସିଲ ପକ୍ଷରୁ ସମସ୍ତ ହୋଟେଲ, ଢ଼ାବା, ମିଠା ଦୋକାନ, ଜଳଖିଆ, ଫାଷ୍ଟ ଫୁଡ୍, ଗୁପୁଚୁପ୍, ଚାଟ୍, ଆଇସକ୍ରିମ ଓ ପାଣି ଫ୍ୟାକ୍ଟ୍ରି, ମାଛ-ମାଂସ ଦୋକାନ ଆଦି ୨ ସପ୍ତାହ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲାରେ ସଚେତନତା ସୃଷ୍ଟି ପାଇଁ ଗାଁରେ ଗାଁରେ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ଦୂଷିତ ପାଣି ଓ ଦୂଷିତ ଖାଦ୍ୟଠାରୁ ଦୂରେଇ ରହିବା ସହ ଉତ୍ତମ ପରିବେଶ ମଧ୍ୟରେ ରହିବା ସକାଶେ ପରାମର୍ଶ ଦିଆଯାଉଛି। ଭଦ୍ରକ ଜିଲ୍ଲାରେ ଭଣ୍ଡାରୀପୋଖରୀ ପରେ ଧାମନଗର ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ବଢ଼ିଛି। ଏପଟେ କଟକ ଜିଲ୍ଲାର ବାଙ୍କୀ ପରେ ନରସିଂହପୁର ଓ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ବି ହଇଜା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୩୫କୁ ବଢ଼ିବା ସହ, ଏକାଧିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରଶାସନିକ ଅଧିକାରୀ ବିଭିନ୍ନ ଗାଁ ପରିଦର୍ଶନ କରିବା ସହ ଜଳ ଉତ୍ସଗୁଡ଼ିକର ସ୍ଥିତି ଯାଞ୍ଚ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳରେ ବି ହଇଜା ଜଣେ ବୃଦ୍ଧାଙ୍କ ଜୀବନ ନେଇଥିବା ବେଳେ ଏକାଧିକ ଆକ୍ରାନ୍ତ ଅଛନ୍ତି।

ଢେଙ୍କାନାଳ ଜିଲ୍ଲା ଭୁବନରେ ୭୪ ରୋଗୀ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଡାଇରିଆ ନିରାକରଣ ଅଭିଯାନ ରଥ ଉଦଘାଟନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ଆଜିଠୁ ରାଜ୍ୟରେ ଆରମ୍ଭ ହୋଇଛି ଡାଇରିଆ ନିରାକରଣ ଅଭିଯାନ। ଜୁଲାଇ ୩୧ ଯାଏଁ ଚାଲିବ ଏହି ସ୍ୱତନ୍ତ୍ର କ୍ୟାମ୍ପେନ୍। ସେପଟେ ନଗର ଉନ୍ନୟନ ବିଭାଗ ମଧ୍ୟ ଆଲର୍ଟ ମୋଡକୁ ଆସିଥିବା ବେଳେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଟ୍ୱିନସିଟି ସହ ସବୁ ପୌରାଞ୍ଚଳକୁ ପାନୀୟ ଜଳ ସ୍ୱଚ୍ଛତା ଓ ସଫେଇ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଞ୍ଚଳିକ...

ଏହି ବିକଳ୍ପ ସନ୍ଧାନୀମାନେ ବିଜେଡି ଅସନ୍ତୁଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ନୂତନ ଆଞ୍ଚଳିକ ଦଳ ଗଠନରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ।

ତେବେ ବିଜେଡି ଓ କଂଗ୍ରେସର କିଛି ପୁରୁଖା ନେତା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ପରଦା ପଛରେ ଏହି ନୂତନ ଆଞ୍ଚଳିକ ଦଳ ଗଠନକର ନକ୍ସା ପ୍ରସ୍ତୁତ କରୁଛନ୍ତି। ଏମାନେ ଯଦି ଅଭିଯାନରେ ସଫଳ ହୁଅନ୍ତି, ତେବେ ଦୁର୍ଗାପୂଜା ବେଳକୁ ନୂଆ ଆଞ୍ଚଳିକ ଦଳର ସ୍ଥିତି ସ୍ପଷ୍ଟ ନେଇ ଆକଳନ କରାଯାଉଛି।

ତେବେ ରାଜ୍ୟରେ ଆଞ୍ଚଳିକ ଦଳ ଗଠନ ନେଇ ହଲଚଲ ଚାଲିଥିବା ବେଳେ ବିଜେପି ଏହା ଉପରେ ସତର୍କ ନଜର ରଖିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବିଜେଡି ଜନ୍ମ ନେବାରେ ବିଜେପି ଯେଭଳି ପ୍ରମୁଖ ଭୂମିକା ତୁଲାଇଥିଲା, ରାଜ୍ୟର ଏହି ନୂତନ ଆଞ୍ଚଳିକ ଦଳ ଗଠନରେ ମଧ୍ୟ ଦଳ ଅନୁରୂପ ଭୂମିକା ଗ୍ରହଣ କରିବ। ବିଶେଷକରି ନୂତନ ଦଳକୁ ସୁରକ୍ଷା ଓ ପାଣ୍ଠି ଯୋଗାଣରେ ବିଜେପିର ଭୂମିକା ରହିବ। ଯାହାଫଳରେ ନୂତନ ଆଞ୍ଚଳିକ ଦଳ ମଧ୍ୟ ବିଜେଡି ଫର୍ମୁଲାରେ ବିଜେପି ସହ ରହିବ। ତେବେ ରାଜ୍ୟ ରାଜନୀତିରେ ଘନ ଘନ ପରିବର୍ତ୍ତନ ହେଉଥିବାରୁ ଓ ଆଞ୍ଚଳିକ ଦଳ ଗଠନରେ କେନ୍ଦ୍ରୀୟ ରାଜନୀତିର ପ୍ରଭାବ ରହୁଥିବାରୁ ଦାନା ବାନ୍ଧୁଥିବା ଏହି ରାଜନୈତିକ ଲଘୁଚାପ କିଭଳି ରୂପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ମୋଦିଙ୍କୁ ...

ସୂଚନାଯୋଗ୍ୟ ଯେ ଶ୍ରୀ ମୋଦିଙ୍କୁ ଗତ ୨୦୧୪ରୁ ଅଦ୍ୟାବଧି ଅର୍ଥାତ୍ ଗତ ୧୧ ବର୍ଷ ମଧ୍ୟରେ ୨୩ଟି ଦେଶରେ ସର୍ବୋଚ୍ଚ ଅନ୍ତର୍ଜାତୀୟ ସମ୍ମାନ ମିଳିସାରିଛି। ଏହି ସମ୍ମାନ ତାଙ୍କର କୁଶଳ ନେତୃତ୍ୱ, ବିଶ୍ୱ କୂଟନୀତି ଓ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇଛି। ଏହି ସମ୍ମାନ ଭାରତର ବିଶ୍ୱ ପ୍ରତିଷ୍ଠା ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପ୍ରଭାବଶାଳୀ ବୈଦେଶିକ ନୀତିର ବଳିଷ୍ଠ ପ୍ରମାଣ ମଧ୍ୟ। ସୂଚନାଯୋଗ୍ୟ ଯେ ଶ୍ରୀ ମୋଦି ତାଙ୍କର ତିନି ରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ସାଇପ୍ରସରେ ପହଞ୍ଚିଥିବା ବେଳେ ଏଠାରୁ ସେ କାନାଡା ଗସ୍ତ କରି ସେଠାରେ ଜି-୭ ଶିଖର ସମ୍ମିଳନୀରେ ଭାଗନେବେ। ଏହାପରେ ଆସନ୍ତା ୧୮ ତାରିଖରେ ପ୍ରଧାନମନ୍ତ୍ରୀ କ୍ରୋଏସିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କ୍ରୋଏସିଆରେ ପହଞ୍ଚିବା ପରେ ଶ୍ରୀ ମୋଦି ଏ କ୍ଷେତ୍ରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହେବେ। ଏହା ପୂର୍ବରୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ କ୍ରୋଏସିଆ ଗସ୍ତରେ ଯାଇନାହାନ୍ତି।

## ଯୁବଶକ୍ତି...

ଉଚିତ। ସରକାରୀ ସ୍ତରରେ ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟ ଯେପରି ଜନମଙ୍ଗଳ ଉପରେ ଆଧାରିତ ହେବ, ସେଥପ୍ରତି ନବନିଯୁକ୍ତମାନେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ ଗତ କିଛି ବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। କିନ୍ତୁ ଆମ ସରକାର କ୍ଷମତାକୁ ଆସିବା ପରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯୁବଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱ ଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ଆମ ସରକାର ୫ ବର୍ଷରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଆଜି ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି। ଏହା ଆମ ପାଇଁ ଏକ ଐତିହାସିକ ଉପଲବ୍ଧି। ୨୦୨୬ ଜୁନ ସୁଦ୍ଧା ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟ ୬୫ ହଜାର ଅତିକ୍ରମ କରିବୁ। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇଛୁ। ତେଣୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଆମ ସରକାର ପ୍ରଥମ ବର୍ଷରେ ୬୩ ହଜାରରୁ ଅଧିକ ନିଯୁକ୍ତି ଦେଇସାରିଛି। ଯୁବ ଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଆମ ସରକାରଙ୍କ ଦ୍ୱାରା କ୍ରମାଗତ ଭାବେ ଆଗେଇ ଚାଲିଛି। ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଶିଳ୍ପାୟନ ମାଧ୍ୟମରେ ମଧ୍ୟ ଆମେ ଯୁବ ଶକ୍ତିଙ୍କ ପାଇଁ ଆଣିଛୁ ବିପୁଳ ନିଯୁକ୍ତି ସୁଯୋଗ। ଉତ୍କର୍ଷ ଓଡ଼ିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଉତ୍କର୍ଷ ଓଡ଼ିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦ୍‌ଘାଟନ ଓ ଶିଳାନ୍ୟାସ ଦିଆଯାଇଛି। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି।

ସେ ପୁଣି କହିଥିଲେ ଯେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଦୁର୍ନୀତିମୁକ୍ତ କରିବା ପାଇଁ କଡ଼ା ଆଇନ ପ୍ରଣୟନ କରାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ସମାଜ ଓ ରାଜ୍ୟର ବିକାଶ ପାଇଁ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ଼ ପ୍ରତିବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ଆମ ସମୃଦ୍ଧ ଓଡିଶା ଗଠନରେ ଆପଣମାନଙ୍କଭଳି ଯୁବ ପ୍ରତିଭାଙ୍କ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଥିଲେ ଯେ ଭଗବାନଙ୍କ କରୁଣାରୁ ଆପଣମାନେ ନିଯୁକ୍ତି ପାଇଛନ୍ତି। ଭଗବାନଙ୍କ ସେହି କରୁଣାକୁ ଜନସେବାରେ ଉପଯୋଗ କରିବା ପାଇଁ ସେ ଉପଦେଶ ଦେଇଥିଲେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଓଡ଼ିଶା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଆଗକୁ ବଢୁଛି, ଆପଣମାନଙ୍କ ଜ୍ଞାନ ଓ ବୁଦ୍ଧିର ପ୍ରୟୋଗରେ ଓଡ଼ିଶା ଶୀର୍ଷକୁ ଯିବ, ସେଥିପାଇଁ ଆପଣମାନେ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ମୋର ବିଶ୍ୱାସ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆମ ସରକାର ଖାଲି ଥିବା ସରକାରୀ ପଦବୀଗୁଡିକୁ ପୂରଣ କରିବା ଲକ୍ଷ୍ୟନେଇ କାମ ଆରମ୍ଭ କରିଥିଲେ। ଏହି ବର୍ଷକ ମଧ୍ୟରେ ଆମେ ଯେତିକି ସରକାରୀ ପଦବୀ ପୂରଣ କରିଛୁ, ସ୍ୱାଧୀନତା ପରେ ଓଡ଼ିଶା ଇତିହାସରେ ଏହା କେବେ ହୋଇ ନଥିଲା। ନବନିଯୁକ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଓଡ଼ିଶା ବିକାଶ ରଥର ଡୋରି ଆପଣମାନଙ୍କ ହାତରେ ଅଛି। ଆପଣମାନେ ବିକାଶ ରଥକୁ ସଫଳତାର ସହ ପରିଚାଳନା କରିବେ ବୋଲି ମୋର ବିଶ୍ୱାସ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ ପରିବର୍ତ୍ତେ ...

କରି ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ସ୍କୁଲ୍‌ରେ ଗଚ୍ଛିତ ଥିବା ମଧ୍ୟାହ୍ନଭୋଜନ ସାମଗ୍ରୀର ସଠିକ୍ ମାନ ଯାଞ୍ଚ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲର ପ୍ରଧାନଶିକ୍ଷକ, ଏସ୍‌ଏମ୍‌ସିଙ୍କ ଉପସ୍ଥିତିରେ ସିଆର୍‌ସିସି ଓ ବିଇଓ ମଧ୍ୟାହ୍ନଭୋଜନ ସାମଗ୍ରୀର ମାନ ଯାଞ୍ଚ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ସେହିପରି ରୋଷଶାଳାକୁ ସମ୍ପୂର୍ଣ୍ଣ ପରିଷ୍କାର ଓ ବିଶୁଦ୍ଧିକରଣ ପାଇଁ ବି ନିର୍ଦ୍ଦେଶ ଦିଆଯାଇଛି। ଡିଇଓ, ବିଇଓ, ସିଆର୍‌ସିସି ନିରବଚ୍ଛିନ୍ନ କ୍ଷେତ୍ର ପରିଦର୍ଶନ ପୂର୍ବକ ଯାଞ୍ଚ କରିବେ। ସବୁ ବିଦ୍ୟାଳୟରେ ଫୁଡ୍ ଟେଷ୍ଟିଂ ରେଜିଷ୍ଟର୍ ରହିବ। ଅଭିଭାବକମାନେ ବିଶେଷକରି ମା'ମାନେ ମଧ୍ୟ ଖାଦ୍ୟ ଯାଞ୍ଚ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଦ୍ୱିତୀୟ ବର୍ଷ...

କେନ୍ଦୁଝର, ଖୋର୍ଦ୍ଧା ଓ ସମ୍ବଲପୁରରେ ପ୍ରତିଷ୍ଠା ହେବ। ଏଗୁଡିକ ମୁଖ୍ୟତଃ ଆଲୁମିନିୟମ, ରସାୟନ, ଇସ୍ପାତ, ବୟନ ଓ ଧାତବ୍ୟ ଶିଳ୍ପ ଉପରେ ପର୍ଯ୍ୟବସିତ।

ଆଲୁମିନିୟମ କ୍ଷେତ୍ରରେ ବେଦାନ୍ତ ପକ୍ଷରୁ ଏକ ମେଗା ପ୍ରକଳ୍ପକୁ ଆଜି ମଞ୍ଜୁରୀ ମିଳିଛି। ବେଦାନ୍ତ ପକ୍ଷରୁ ଢେଙ୍କାନାଳ ଜିଲ୍ଲାରେ ୧ ଲକ୍ଷ ୨୮ ହଜାର କୋଟି ପୁଞ୍ଜିନିବେଶରେ ୩ ନିୟୁତ ଟନ କ୍ଷମତାସମ୍ପନ୍ନ ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟ ଓ ୪୯୦୦ ମେଗାୱାଟ କ୍ଷମତା ସମ୍ପନ୍ନ କ୍ୟାପଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩୦ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରସାୟନ ଶିଳ୍ପରେ ଏସଆରଏଫ ଲିମିଟେଡ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୧୦ ହଜାର କୋଟି ନିବେଶରେ ୨ ଲକ୍ଷ ନିୟୁତ ଟନ କ୍ଷମତା ସମ୍ପନ୍ନ କେମିକାଲ ଓ ରେଫ୍ରିଜିରାଣ୍ଟ ୟୁନିଟ ପ୍ରତିଷ୍ଠା କରାଯିବ। ଇସ୍ପାତ ଓ ଧାତବ୍ୟ ଶିଳ୍ପରେ ଜିନ୍ଦଲ ଇଣ୍ଡିଆ ଷ୍ଟିଲ ପକ୍ଷରୁ ଢେଙ୍କାନାଳରେ ୩୬୦୦ କୋଟି ଟଙ୍କା ନିବେଶରେ ୧.୨୬ ନିୟୁତ ଟନ୍ କ୍ଷମତା ସମ୍ପନ୍ନ ଇସ୍ପାତ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରାଯିବ। ଏହାଛଡ଼ା କେନ୍ଦୁଝରରେ ଶ୍ୟାମ ଷ୍ଟିଲ ୨୪୯୦ କୋଟି ଓ ଲିଣ୍ଡେ ଇଣ୍ଡିଆ ପକ୍ଷରୁ ୧୩୦୩ କୋଟି ଟଙ୍କା ନିବେଶ କରିବା ନେଇ ଲକ୍ଷ୍ୟ ରହିଛି।

## ଭାରତୀୟ...

ଅନେକ ସ୍ଥାନ ଅଛି, ଯାହା ୩ରୁ ୪ ହଜାର ବର୍ଷ ଧରି ବାସସ୍ଥାନ ଭାବେ ରହିଆସିଛି। ଆମ ଦେଶରେ ମାନବ ସଭ୍ୟତାର ଇତିହାସ ରକ୍ ଆର୍ଟ ରୂପରେ ମଧ୍ୟ ଦେଖାଯାଉଛି, ଯାହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସାରେ ୨୦ରୁ ୨୫ ହଜାର ବର୍ଷ ପୁରୁଣା ଇତିହାସକୁ ଦର୍ଶାଉଛି। ସେହି ଆଦିମାନବ କାଳରୁ ଏଆଇ ଯୁଗ ପର୍ଯ୍ୟନ୍ତ ଆମର ଚିନ୍ତାଧାରା, ସାମାଜିକ ବ୍ୟବସ୍ଥା ଏବଂ ପଦ୍ଧତିଗୁଡ଼ିକର କେନ୍ଦ୍ରରେ ମନୁଷ୍ୟ ହିଁ ରହିଛି। ଏହି ସମସ୍ତ ବ୍ୟବସ୍ଥାର ମୂଳରେ ବିଜ୍ଞାନ ଓ ଦର୍ଶନ ବି ରହିଛି। ଆମ ସାମ୍ନାରେ ଆଗାମୀ ଦଶନ୍ଧି ପାଇଁ ଏଜେଣ୍ଡା ପ୍ରସ୍ତୁତ ଅଛି। ଆଜି ଭାରତ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଅର୍ଥନୀତି ଓ ସର୍ବାଧିକ ଯୁବକଙ୍କୁ ନେଇ ଗଠିତ ଦେଶ। ଆମ ଦର୍ଶନରେ ଆମେ ବସୁଧୈବ କୁଟୁମ୍ବକମକୁ ମୂଳମନ୍ତ୍ର କରିଛୁ। ଆଚାର୍ଯ୍ୟ ଆର୍ଯ୍ୟଭଟ୍ଟ ଓ ସ୍ୱାମୀ ବିବେକାନନ୍ଦଙ୍କ ପରି ମହାପୁରୁଷମାନେ ବିଶ୍ୱକୁ କେବଳ ବୈଜ୍ଞାନିକ ମୂଲ୍ୟବୋଧ ନୁହେଁ ବରଂ ସେମାନଙ୍କର ଜ୍ଞାନ ସହ ଏକ ସମାବେଶୀ ଜୀବନଶୈଳୀ ମଧ୍ୟ ଦେଇଛନ୍ତି। ଏହା ଭାରତୀୟ ଦର୍ଶନ ଓ ଏହି ଦର୍ଶନକୁ ଆଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁଦ୍ଧ ଏକ ସମାଧାନ ନୁହେଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଯେତେବେଳେ ଆମର ଆଜିର ଦାର୍ଶନିକ ସମୂହ ଏକବିଂଶ ଶତାବ୍ଦୀରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଧାରିତ ବସୁଧୈବ କୁଟୁମ୍ବକମର ଭାବନାକୁ ଆଜିର ପ୍ରସଙ୍ଗ କରିବ, ସେତେବେଳେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ପ୍ରମାଣିତ ହେବ। ଆଇସିପିଆର ଭାରତୀୟ ଦର୍ଶନକୁ ଆଜିର ଆଧାରରେ ସମୟ ଅନୁସାରେ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ସହ ଏହି ଜ୍ଞାନ ମନ୍ଥନର ଅମୃତ ଦ୍ୱାରା ଦେଶକୁ ସମୃଦ୍ଧ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

## ଦୁଇଟି...

ଜନସଂଖ୍ୟାଗତ (ବୟସ, ଲିଙ୍ଗ), ସାମାଜିକ-ଅର୍ଥନୈତିକ (ଶିକ୍ଷା, ନିଯୁକ୍ତି), ସାଂସ୍କୃତିକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ହାସଲ କରାଯିବ। ଏହି ଦୁଇ ପର୍ଯ୍ୟାୟ ପ୍ରକ୍ରିୟା ସରକାରଙ୍କୁ ଦେଶର ଜନସଂଖ୍ୟା ଏବଂ ଜୀବନଧାରଣ ମାନର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବ, ଯାହା ଯୋଜନା ପ୍ରସ୍ତୁତ କରିବା ଏବଂ ନୀତି ପ୍ରସ୍ତୁତ କରିବା ସହଜ କରିବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଭାଗୀୟ ସଚିବ, ରେଜିଷ୍ଟ୍ରାର୍ ଜେନେରାଲ୍ ଓ ସେନ୍‌ସସ୍ କମିଶନର୍ ଅଫ୍ ଇଣ୍ଡିଆ ମୃତ୍ୟୁଞ୍ଜୟ କୁମାର ନାରାୟଣ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଙ୍କ ସହ ଗତକାଲି ଆଲୋଚନା କରିବା ସହ ଜନଗଣନା ସଂକ୍ରାନ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏଥିସହ ଆସନ୍ତା ୨୦୨୭ରେ ହେବାକୁ ଥିବା ଜନଗଣନାରେ ପ୍ରଥମ ଥର ପାଇଁ ଦେଶରେ ଜାତିଭିତ୍ତିକ ଗଣନା ଦିଗରେ ମଧ୍ୟ ପଥ ପରିଷ୍କାର ହୋଇଛି। ଏହି ଜନଗଣନା କାର୍ଯ୍ୟରେ ପାଖାପାଖି ୩୪ ଲକ୍ଷ କର୍ମଚାରୀ ଓ ପର୍ଯ୍ୟବେକ୍ଷକ ଓ ଏକ ଲକ୍ଷ ୩୦ ହଜାର ଜନଗଣନା କାର୍ଯ୍ୟକର୍ତ୍ତା ନିୟୋଜିତ ହେବେ। ସେହିପରି ଜନଗଣନା ଓ ଏନ୍‌ପିଆର୍ ବାବଦରେ ପାଖାପାଖି ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସେହିପରି ଆଗାମୀ ଜନଗଣନା ଆହୁରି କେତେକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହେବ। କାରଣ ପ୍ରଥମ ଥର ପାଇଁ ଜନଗଣନାରେ ଡିଜିଟାଲ୍ ପଦ୍ଧତିର ବ୍ୟବହାର କରାଯିବ। ଏହାଦ୍ୱାରା ଦେଶର ନାଗରିକମାନେ ନିଜ ସମ୍ପର୍କରେ ନିଜେ ସୂଚନା ଦେବାର ସୁଯୋଗ ପାଇବେ। ସେହିପରି ମୋବାଇଲ୍ ଆପ୍ ମାଧ୍ୟମରେ ଡିଜିଟାଲ୍ ପ୍ରକ୍ରିୟା ପୂରା କରାଯିବ। ସେହିପରି ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଓ ସେସବୁ ମହଜୁଦ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ।



## ବିଶ୍ୱାମିତ୍ର ଆଶ୍ରମରୁ ଶ୍ରୀକ୍ଷେତ୍ର ଗଲା ଫଳଭାର

● ଅଣବସରେ ଜ୍ୱରରେ ମହାପ୍ରଭୁ

**କାକଟପୁର/ଅସ୍ତରଙ୍ଗ, ୧୬।୬ (ସଂଚାର ବ୍ୟୁରୋ):** ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପଡିଛନ୍ତି ଚତୁର୍ଦ୍ଧାବିଗ୍ରହ। ଅଣସର ଘରେ ଏବେ ଶ୍ରୀବିଗ୍ରହଙ୍କ ଗୁପ୍ତ ସେବା ଚାଲିଛି। ଅଣସରର ପଞ୍ଚମ ଦିନ ଅବସରରେ ଆଦ୍ୟ ଦାରୁକ୍ଷେତ୍ର କୁହାଯାଉଥିବା କାକଟପୁର ବିଶ୍ୱାମିତ୍ର ମଠ ଠାରୁ ଶ୍ରୀ ମନ୍ଦିରକୁ ଯାଇଛି ଫଳଭାର । ମହାପ୍ରଭୁଙ୍କ ଆଦି କ୍ଷେତ୍ର ବିଶ୍ୱାମିତ୍ର ଆଶ୍ରମରୁ ସ୍ଥାନୀୟ ଅଞ୍ଚଳର ରାଧାକାନ୍ତମଠ କରଞ୍ଜପୁର,ଅପସରା ପିଠ ସରିପୁର ସମେତ କାକଟପୁର, ଚାରିଛକ, ଅସ୍ତରଙ୍ଗ ଅଞ୍ଚଳର ଭକ୍ତ ମାନେ ନିଜ ନିଜ ବାଡ଼ିବଗିଚାରେ ଫଳିଥିବା ଆମ୍ବ, ପଣସ, କଦଳୀ, ସପୁରି, ପିଜୁଳି, ଖଜୁରୀ, ନଡ଼ିଆ ଆଦି ଭିନ୍ନଭିନ୍ନ ଫଳଭାର ଏକାଠି କରି ନାମ ସଂକୀର୍ତ୍ତନରେ ଏକ ସ୍ୱତନ୍ତ୍ର ଗାଡ଼ିରେ ସୋମବାର ପ୍ରତ୍ୟୁଷରୁ ଶ୍ରୀକ୍ଷେତ୍ର ପଠାଇଥିଲେ। କାହିଁ କେତେ କାଳରୁ ଚାଲି ଆସିଥିଲା ଏହି ପରମ୍ପରା ପୁନର୍ବାର ୧୯୯୨ ମସିହାରୁ ସ୍ଥାନୀୟ ମଠ ଓ ଭକ୍ତ ସମାଜ ପକ୍ଷରୁ ପ୍ରତିବର୍ଷ ଚାଲି ଆସୁଛି । ପ୍ରାଚୀ ସଂସ୍କୃତି ଗବେଷକ ତ୍ରିଲୋଚନ ମିଶ୍ରଙ୍କ ସମେତ ସ୍ଥାନୀୟ ଅଂଚଳ ଭକ୍ତଙ୍କ ଦ୍ୱାରା ଆଡ଼ମ୍ବର ପୂର୍ଣ୍ଣ କାର୍ଯ୍ୟ ପ୍ରତିବର୍ଷ ଅନୁଷ୍ଠିତ ହେଉଛି।

**ଅସ୍ତରଙ୍ଗରେ ବେକାବୁ ଝାଡ଼ାବାନ୍ତି**

# ୪ ଦିନରେ ୩୩ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**କାକଟପୁର/ଅସ୍ତରଙ୍ଗ, ୧୬।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ସାମାନ୍ୟ ଥମିଥିଲେ ବି ଏଥିରେ ସମ୍ପୂର୍ଣ୍ଣ ବ୍ରେକ ଲାଗି ପାରିନାହିଁ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁର, ନୂଆଗଡ ସମେତ ବିଭିନ୍ନ ଗ୍ରାମରେ ନୂଆ ରୋଗୀ ପ୍ରତ୍ୟେକ ଦିନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି। ଗତ ୪ଦିନ ମଧରେ ଶୁକ୍ରବାର ୭ଜଣ, ଶନିବାର ୧୧ଜଣ, ରବିବାର ୮ଜଣ ଓ ସୋମବାର ଅପରାହ୍ନ ସୁଦ୍ଧା ୭ଜଣ ଝାଡାବାନ୍ତି ରୋଗୀ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ୩ଜଣ ରୋଗୀ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି। ସେମାନେ ହେଉଛନ୍ତି କୁହୁଡି ଗ୍ରାମର ଅଲେଖ ଲେଙ୍କା, ପାଟସୁନ୍ଦରପୁର ଗ୍ରାମର ମଞ୍ଜୁଲତା ବେହେରା ଓ ଅସ୍ତରଙ୍ଗ ଗ୍ରାମର ଆରତୀ ବେହେରା।

ଅସ୍ତରଙ୍ଗ ବ୍ଲକ ଅଂଚଳରେ ଝାଡାବାନ୍ତି ବ୍ୟାପିବାର ଖବର ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ପାଇଛି। ଏକ ଡାକ୍ତରୀ ଟିମ୍ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଆକ୍ରାନ୍ତଙ୍କ ଘରକୁ ଯାଇ ସ୍ଥିତି ଅନୁଧାନ କରିଛନ୍ତି। ଏହା ସହ ସୋମବାର ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ମହାମାରୀ ବିଶେଷଜ୍ଞ ଡ଼ଃ ଶିଳ୍ପୀଦାଶ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସ୍ଥିତି ଅନୁଧାନ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ବସୁଧା ଟାଙ୍କିର ସ୍ଥିତି ଅନୁଧାନ କରିଥିଲେ। ଏହା ସହ ବିଶେଷଜ୍ଞ ଟିମ୍ ଟାଙ୍କି ନିକଟରେ ପାଣି ପରୀକ୍ଷା କରିଥିଲେ। ଏହାସହ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଏହା ପରେ ମହାମାରୀ ବିଶେଷଜ୍ଞ ଡ଼ଃ ଶିଳ୍ପୀ ଦାଶ ଓ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁର ଅଂଚଳରେ ଆକ୍ରାନ୍ତ ଘରେ ପହଂଚି ସ୍ୱାସ୍ଥ୍ୟ ବସ୍ଥା ଯାଞ୍ଚ କରିଥିଲେ।



**ସ୍ଥିତି ପରଖିଲେ ମହାମାରୀ ବିଶେଷଜ୍ଞ ଟିମ୍**

**ପରୀକ୍ଷା ପାଇଁ ପଠାଗଲା ପାଣି, ନମୁନା ଓ ରୋଗୀଙ୍କ ମଳ**

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି କିଛି ରୋଗୀଙ୍କ ମଳ ଓ ସ୍ଥାନୀୟ ଅଞ୍ଚଳରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଏହାସହ ସୋମବାର ଅପରାହ୍ନ ରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧରେ ଆରଡବ୍ଲୁଏସଏସର ବିଭାଗୀୟ ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତରେ ବୈଠକ ବସି ଝାଡାବାନ୍ତି କିପରି ନିୟନ୍ତ୍ରଣକୁ ଆସିବ ସେ ନେଇ ସମୀକ୍ଷା କରାଯାଇଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ପ୍ରାଥମିକ ଚିକିତ୍ସାରେ ସହଯୋଗ କରୁଛନ୍ତି ବୋଲି ଭାରପ୍ରାପ୍ତ ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି।

## ଅବକାରୀ ବିଭାଗ ଦ୍ୱାରା ମହୁଲ ବୋଝଇ ଗାଡ଼ି ଜବତ, ଦୁଇ ଗିରଫ



**ବୋରିଗୁମ୍ମା, ୧୬।୬ (ସଂଚାର ବ୍ୟୁରୋ):** ବିନା କାଗଜପତ୍ରରେ ଯାଉଥିବା ମହୁଲ ବୋଝେଇ ଗାଡିକୁ ବୋରିଗୁମ୍ମା ଅବକାରୀ ବିଭାଗ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଦୁଇଜଣ ହେଲେ ଗୌଡ଼ଗୁଡା ଗ୍ରାମର ଡ୍ରାଇଭର କାର୍ତ୍ତିକ ଗୌଡ଼(୨୨) ଓ ସେହି ଗ୍ରାମର ନରେନ୍ଦ୍ର ଗୌଡ଼(୨୦)। ଜବତ ମହୁଲର ଓଜନ ୭୮୨ କିଲୋ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ବୋରିଗୁମ୍ମା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିସହ ମହୁଲ ବୋଝେଇ ଗାଡିକୁ ଜବତ କରାଯାଇଛି। ଏନେଇ ଅବକାରୀ ଥାନାରେ କେସ ନମ୍ବର-୭୧/୨୫-୨୬ ରୁଜୁ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅସୁରେଶ୍ୱର ବିଦେଶୀ ମଦ ଦୋକାନ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ




**ନିଶ୍ଚିନ୍ତକୋଇଲି, ୧୬।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା-ଜୟପୁର ରାସ୍ତା କଡରେ ଥିବା ପଶ୍ଚିମଖଣ୍ଡ ଭୋଳ ଗ୍ରାମରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନ ଉପରେ ଆଜି ସନ୍ଧ୍ୟା ସମୟରେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲେ। ପ୍ରକାଶ ଥାଉକି ଅସୁରେଶ୍ୱର ସରକାରୀ ବିଦେଶୀ ମଦ ଦୋକାନରେ ଅପମିଶ୍ରିତ ଓ ନିମ୍ନମାନର ମଦ ବିକ୍ରିକରୁଥିବା ନେଇ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା । ଆଜି ସଂଧ୍ୟାରେ ଅବକାରୀ ଏସ୍.ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ସଂପୃକ୍ତ ଦୋକାନ ଉପରେ ଚଢ଼ଉ କରିଥିଲେ। ପ୍ରକାଶ ଥାଉକି ଏହି ସରକାରୀ ଦୋକାନରେ କ୍ରମାଗତଭାବେ ଚୋରା ମଦ ଚାଲାଣ, ଅଳ୍ପ ଟଙ୍କାରେ ଅଧିକ ନିଶାଯୁକ୍ତ ମଦ ବିକ୍ରିହେବା ସହ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି କରିବା, ସ୍କୁଲ, କଲେଜ ପଢୁଆ ନାବାଳକ ମାନଙ୍କୁ ଖୋଲମଖୋଲା ଭାବେ ମଦ ବିକ୍ରୀ ଆଦି ଗୁରୁତର ଅଭିଯୋଗ ହୋଇଆସୁଥିଲେ ମଧ ଦାୟିତ୍ୱରେ ଥିବା ସ୍ଥାନୀୟ ଅଧିକାରୀଙ୍କୁ ହାତଗୁଞ୍ଜାଦେଇ ଅନାୟସରେ ଦୋକାନୀ ମଦ ବିକ୍ରି କରିଆସୁଥିଲେ । ଯାହାଫଳରେ କଲେଜ ଛାତ୍ର, ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇ ନିଶାଶକ୍ତ ଅବସ୍ଥାରେ ବିଭିନ୍ନ ଅପରାଧ କରିବାକୁ ପଛାଉନଥିଲେ। ଖାଲି ସେତିକି ନୁହେଁ ଏହି ଦୋକାନରୁ ବିଭିନ୍ନ ନାମିଦାମୀ ବ୍ରାଣ୍ଡର ମଦ ଗଳିକନ୍ଦିରେ ଥିବା ଦୋକାନମାନଙ୍କରେ ବିକ୍ରି ହୋଇଆସୁଛି। ଆଜିର ଏହି ଚଢ଼ଉ ଫଳରେ ମଦ ବ୍ୟବସାୟୀଙ୍କ ମଧରେ ଆତଙ୍କ ଖେଳିଯାଇଛି । ଏ ସଂପର୍କରେ କଟକ ଅବକାରୀ ଏସ୍.ପି କରୁଣା ଶଙ୍କର ତିୱାରୀଙ୍କୁ ଯୋଗାଯୋଗ କରିବାରୁ ଚୋରାମଦ ଓ ଅପମିଶ୍ରତ ମଦକୁ ନିୟନ୍ତ୍ରଣ କରିବା ପାଇଁ ଏହି ଚଢ଼ାଉ ଜାରିରହିବ ବୋଲି କହିଛନ୍ତି ।

## ସେଲୁନ୍‌ରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ



**ନାଉଗାଁ, ୧୬।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟ-କଲେଜ ରାସ୍ତାରେ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏକ ସେଲୁନରେ ନିଆଁ ଲଗାଇ ଦେଇଛନ୍ତି। ଏନେଇ ସେଲୁନ୍ ମାଲିକ ଗଙ୍ଗଦା (ବନ୍ଧମୁଣ୍ଡା) ଗ୍ରାମର ଗଣେଶ ବାରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗଣେଶ ସେଲୁନ ବନ୍ଦ କରି ରାତିରେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଜନଶୁନ୍ୟ ଅବସ୍ଥାରେ କେହି ଦୁର୍ବୃତ୍ତ ତାଙ୍କ ସେଲୁନ୍‌ରେ ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସେଲୁନ୍ ରେ ନିଆଁ ଲାଗିବା ପାଖରେ ଥିବା ଘର ଲୋକ ସଙ୍ଗେ ସଙ୍ଗେ ନାଉଗାଁ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ଗଣେଶକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ବେଳକୁ ସେଲୁନ୍‌ର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ନିଶାସକ୍ତ ଅବସ୍ଥାରେ କେହି ଏପରିକାଣ୍ଡ ଘଟାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ହାଟରେ ଲାଗିଥିବା ସିସିଟିଭି ଗୁଡିକୁ ଯାଞ୍ଚ କରାଗଲେ ଦୁର୍ବୃତ୍ତଙ୍କ ଚିହ୍ନଟ କରାଯାଇ ପାରିବ ବୋଲି ଦୋକାନୀମାନେ କହିଛନ୍ତି। ଗଣେଶ ସେଲୁନ କରି ପରିବାର ପ୍ରତିପୋଷଣ କରୁଥିଲେ। ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ରଜ ରଙ୍ଗ ମେଳା ପାଳିତ



**ଗୋପ, ୧୬।୬ (ସଂଚାର ବ୍ୟୁରୋ):** ଓଡ଼ିଶାର କୃଷି ଭିତିକ ଗଣପର୍ବ ରଜ ପର୍ବ ତୃତୀୟ ଦିନ ତଥା ଶେଷ ରଜପର୍ବକୁ ଗୋପ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଧୁମଧାମରେ ପାଳନ କାରଯାଇଛି। ଗାଁଠୁ ସହର ଯାଏ ପିଠା ଓ ମିଠା, ରଜ ପାନର ବାସ୍ନାରେ ମହକୁଛି ରଜପର୍ବ। ଏହି ପରମ୍ପରା କୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରକଳ୍ପ ସ୍ତରୀୟ ଉତ୍ସବ ଅଦ୍‌ବିକା କିଶୋରୀ ସୁଭଦ୍ରା ଦିବସ "ରଜ ରଙ୍ଗ ମେଳା"ଗୋପ ଅଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ରଜ ରଙ୍ଗ ମେଳାରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁ ମୁଖ୍ୟଅତିଥି ଭାବେ ଯୋଦେଇଥିବା ବେଳେ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ଗୋପ ବ୍ଲକ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ସମ୍ପାଦିକା ରେଣୁବାଳା ସେନାପତି, ବିପିସି ବିଜୟ ଲକ୍ଷ୍ମୀ ମହାରଣା, ଏବିଡ଼ିଓ ଦୀପକ ଜେନା ଏବଂ ଗୋପ ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ମିନାକ୍ଷୀ ସାହୁ ଯୋଗଦେଇ ଶେଷ ରଜ ଉତ୍ସବର ଭରପୁର ମଜ୍ଜା ନେଇଥିଲେ। ଓଡ଼ିଶାର ଗଣପର୍ବ ରଜ ପର୍ବ ଓଡ଼ିଆ କଳା ଓ ସଂସ୍କୃତିର ଏକ ପ୍ରତୀକ, ଯୁବ ପିଢ଼ିମାନେ ଶିକ୍ଷା ସହିତ ଓଡ଼ିଶାର ପରମ୍ପରା ପର୍ବ ପର୍ବାଣିକୁ ଉଜ୍ଜୀବିତ କରିବା ପାଇଁ ଆଗକୁ ଆସିବା ଆବଶ୍ୟକ ବୋଲି ମଞ୍ଚାସିନ ଅତିଥି ମତ ରଖିଥିଲେ। ଅଦ୍‌ବିକା କିଶୋରୀ ସୁଭଦ୍ରା ଦିବସ "ରଜ ରଙ୍ଗ ମେଳରେ" ପୁଚି, କବାଡି, ଝୋଟି, ହୁଳହୁଳି, କାନ୍ଦଣା ପ୍ରତିଯୋଗିତା ସହିତ ରାମ୍ପ ଶୋ ଦ୍ୱାରା ରଜ ସୁନ୍ଦରୀ ଚୟନ କରଯାଇଥିଲା। ପରେ ଝିଅ ବୋହୂମାନଙ୍କ ମଧରେ ଓଡ଼ିଆ ଘରର ବିଭିନ୍ନ ପିଠା ଏବଂ ରଜ ପାନ ଆଦି ପ୍ରତିଯୋଗିତା ହୋଇଥିବା ବେଳେ କୁନି କୁନି ପିଲାମାନଙ୍କ ମଧରେ ହୋଇଥିବା ନାଚ ଗୀତ ବେଶ ମନ ମୋହିଥିଲା। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କାରଯିବ ସହ କୃତି ରଜ ସୁନ୍ଦରୀ ମାନଙ୍କୁ କ୍ରାଉନ ପ୍ରଦାନ କରାଯାଇଥିଲା।

## ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଅନୁପସ୍ଥିତ

**ନିରାଶ ହୋଇ ଫେରିଲେ ଦିବ୍ୟାଙ୍ଗ**

**କାକଟପୁର/ଅସ୍ତରଙ୍ଗ, ୧୬।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଆୟୋଜନ କରାଯାଇଥିଲା। ମିଳିତ ଜନଶୁଣାଣୀ ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ଉପଜିଲ୍ଲାପାଳ ରାଜକିଶୋର ଜେନା ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ।

ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୩୫ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣୀରେ ଆବାସ ଯୋଜନା, ଭିନ୍ନକ୍ଷମଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହରୁ ବଂଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସମ୍ବଦୀୟ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗରେ ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହ କାଦୁଆନୂଆଗାଁ ପଞ୍ଚାୟତ ଅନେକ ବ୍ୟକ୍ତିଙ୍କ ବୟସରେ ଜାଲିଆତି କରି ୧୦ରୁ ୧୨ବର୍ଷ ଲେଖାଏଁ ବୃଦ୍ଧି କରାଯାଇଛି, ଯାହା ଫଳରେ ଯେଉଁ ଲୋକ ୨୦୨୩-୨୦୨୪ରେ ୬୨ବର୍ଷ ଥିଲା ୨୦୨୫ରେ କିପରି ଭାବେ ୮୪ବର୍ଷ ହୋଇଛି ତାହାକୁ ନେଇ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଛନ୍ତି କାଦୁଆନୂଆଗାଁ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଲେଙ୍କା ଓ ଭୀମସେନ ସେଠୀ, ଯାହାକୁ ନେଇ ଉପଜିଲ୍ଲାପାଳ ରାଜକିଶୋର ଜେନା କହିଛନ୍ତି ଏ ଘଟଣାର ତଦନ୍ତ କରାଯିବ। ଏହା ସହ ଅନ୍ୟ ଅଭିଯୋଗ ସମ୍ପର୍କରେ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା। ଏହି ଶିବିରରେ ଜିଲ୍ଲାସ୍ତରୀୟ ସହ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।




## ମହୁମାଛି ଆକ୍ରମଣରେ ୭ ଲ୍ୟାମ୍ପ୍‌ସ କର୍ମଚାରୀ ଗୁରୁତର

**ନବରଙ୍ଗପୁର, ୧୬।୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ବଣଭୋଜି କରୁଥିବା ସମୟରେ ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସର ୭ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ଆହତଙ୍କ ମଧରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସର ୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ରବିବାର ଦିନ ଝରିଗାଁ-ଚନ୍ଦାହାଣ୍ଡି ଘାଟିକୁ ବଣଭୋଜି କରିବାକୁ ଯାଇଥିଲେ। ଖାଇବା ସମୟରେ ହଠାତ୍ ମହୁମାଛି ସମସ୍ତଙ୍କୁ ଆକ୍ରମଣ କରିଥିଲା। ଫଳରେ ଲ୍ୟାମ୍ପ୍‌ସ ଏମ୍‌ଡି ବାବୁଲା ସ୍ୱାଇଁଙ୍କ ସହିତ ଦଣ୍ଡାମୁଣ୍ଡା ଗ୍ରାମର ଦେବୀସିଂ ଗଣ୍ଡା, ତେନ୍ତୁଳିପଦା ଗ୍ରାମର ଜଗନ୍ନାଥ ପୂଜାରୀ ଓ ସଦାନନ୍ଦ ମାଝି, ପ୍ରଦୀପ ମିଶ୍ର, କେଶବ ନାୟକ ଏବଂ ଆସିତ ରାୟ ଗୁରୁତର ହୋଇଥିଲେ। ଝରିଗାଁ ରାଜସ୍ୱ ନିରୀକ୍ଷକ ବସନ୍ତ ବିଶୋଇ ସମସ୍ତଙ୍କୁ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ବାବୁଲା ସ୍ୱାଇଁ, ପ୍ରଦୀପ ମିଶ୍ର, କେଶବ ନାୟକ ଏବଂ ଆସିତ ରାୟ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଦେବୀସିଂ ଗଣ୍ଡା, ଜଗନ୍ନାଥ ପୂଜାରୀ ଏବଂ ସଦାନନ୍ଦ ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କଟା ଜଙ୍ଗଲରେ ଚାଷକୁ ବିରୋଧ: ଫରେଷ୍ଟରଙ୍କୁ ଘେରିଲେ ଗ୍ରାମବାସୀ

**ରାଇଘର, ୧୬।୬ (ସଂଚାର ବ୍ୟୁରୋ):** ଜଙ୍ଗଲ କେମିତି ସୁରକ୍ଷିତ ରହିବ। କଟା ବନ୍ଦ ହେବ ଏଥିସହ ଜଙ୍ଗଲ କାଟି ତିଆରି ହୋଇଥିବା ଚାଷ ଜମିକୁ କିପରି କୌଣସି ଟ୍ରାକ୍ଟର ଚାଷ ପାଇଁ ଯାଇପାରିବନି। କଟାଯାଇଥିବା ଜଙ୍ଗଲରେ ପୁନର୍ବାର ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବା ନେଇ କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମାଙ୍କୁ ଘେରିଥିଲେ କୁନ୍ଦେଇ ଗ୍ରାମବାସୀ। ପ୍ରାୟ ଘଣ୍ଟାଏ କାଳ ଟ୍ୟୁସନ କରିଥିଲେ ଫରେଷ୍ଟରଙ୍କୁ।

ପ୍ରତି ଗ୍ରାମରେ ଡ଼ାକବାଜି ଯନ୍ତ୍ରରେ କେହି ଜଙ୍ଗଲ ମଧରେ ମକା ଚାଷ ନ କରିବାକୁ ପ୍ରଚାର କରିବାକୁ କହିଥିଲେ ଗ୍ରାମବାସୀ। ବନ ବିଭାଗର କିଛି କର୍ମଚାରୀଙ୍କ ସହଯୋଗରେ କିଛି ରାଜନୈତିକ ଲୋକ ତଥା ଅସାଧୁ ବ୍ୟକ୍ତି ଏପରି ଜଙ୍ଗଲ କାଟୁଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଫରେଷ୍ଟରଙ୍କ ସହ କିଛି ସମୟ ଧରି ଯୁକ୍ତିତର୍କ ମଧ ହୋଇଥିଲା। ଶେଷରେ ଫରେଷ୍ଟର ଗ୍ରାମବାସୀଙ୍କ କଥାରେ ରାଜି ହୋଇଥିଲେ। ଏହି ସବୁ କାମରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିବେ ବୋଲି ମଧ କହିଥିଲେ।

ପ୍ରକାଶ ଥାଉକି ବର୍ତ୍ତମାନ ବାଗରମ ଜଙ୍ଗଲ, ହାତୀ ପୋଖରା ଜଙ୍ଗଲ ,କୋକଟା ମୁହାଁ ଜଙ୍ଗଲ,ଝୁଲନ ବୋର ଜଙ୍ଗଲରେ କୁନ୍ଦେଇ ଖିଲୋଲି, ଭୁରକାମହୁଲି, ସମଲପୁର, କଣ୍ଡେତୋରା ଗ୍ରାମର କିଛି ରାଜନୈତିକ ଲୋକ ଏବଂ ଅସାଧୁ ଲୋକେ ମିଶି ଜଙ୍ଗଲ ନଷ୍ଟ କରିବା ସହ ସରକାରଙ୍କ ଦ୍ୱାରା ହୋଇଥିବା ନର୍ସରୀରେ ମଧ ମକଚାଷ କରୁଥିବା ଅଭିଯୋଗ ଆଣିଥିଲେ।

## ଅଣଗେଜେଟେଡ଼ ବନସେବା ସଙ୍ଘର ଆନ୍ଦୋଳନ

● ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବାକୁ ଚେତାବନୀ



**କାକଟପୁର/ଅସ୍ତରଙ୍ଗ, ୧୬।୬ (ସଂଚାର ବ୍ୟୁରୋ):** ୩ଦଫା ଦାବୀ ନେଇ ଅଣଗେଜେଟେଡ଼ ବନସେବା ସଙ୍ଘ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନରେ ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି ବନ କର୍ମଚାରୀ। ଦୀର୍ଘ ଦିନ ବିତିଯାଇଥିଲେ ମଧ ରାଜ୍ୟ ସରକାର କର୍ମଚାରୀଙ୍କ ଦାବୀ ପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ବନ କର୍ମଚାରୀଙ୍କ ସୁରକ୍ଷା ଓ ଫରେଷ୍ଟ କମିଶନ ଗଠନ ଦିଗରେ ବିଚାର କରିବାକୁ ଦାବି କରିଛନ୍ତି। ରାଜ୍ୟରେ ସ୍ପେସିଆଲ ଷ୍ଟ୍ରାଇକି ଫୋର୍ସ ଓ ରାପିଡି ରେସ୍ପନସ ଟିମ୍ ଗଠନ କରିବା, ରାଜ୍ୟର ରେଞ୍ଜ, ବିଟ ହାଉସ ଅଞ୍ଚଳ ଓ ସେକ୍ସନ ଗୁଡିକ ପୁନଃଗଠନ କରି ମାଓ ଅଞ୍ଚଳ ସହ ମାଫିଆଙ୍କ ସହ ଲଢ଼ି ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ଯୋଗୁଁ ପୁଲିସ ବିଭାଗ ଭଳି ଅନୁଦାନ ଅର୍ଥ ପ୍ରଦାନ ଆଦି ଦାବି ରହିଛି। କିଛି ଦିନ ତଳେ ଢେଙ୍କାନାଳ ଡିଭିଜନରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ନିର୍ମମ ଭାବେ ଶିକାରୀ ମାନେ ହତ୍ୟା କରିଥିବା ବେଳେ ମୃତକଙ୍କ ପରିବାର କୁ ୧କୋଟି ଟଙ୍କା ସହ ନାବାଳିକା ଝିଅର ପାଠପଢା ଓ ପରିବାରର ଜଣଙ୍କୁ ଚାକିରୀ ପ୍ରଦାନ ଆଦି ଦାବୀ କରିଛି ସଙ୍ଘ। ଯଦି ସରକାର ୭ଦିନ ମଧରେ ଦାବୀ ପୂରଣ ନ କରନ୍ତି ତେବେ କର୍ମଚାରୀମାନେ ସାମୂହିକ ଛୁଟିରେ ଯିବେ ବୋଲି ସୂଚନା ଦେଇଛନ୍ତି।

## ସୋଆ ଆଇବିସିଏସ୍‌ରେ ଆନ୍ତର୍ଜାତିକ ଯୋଗ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୬।୬ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକାଦଶ ଆନ୍ତର୍ଜାତିକ ଯୋଗ ଦିବସ ପରିପ୍ରେକ୍ଷୀରେ ଜୁନ୍ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

ସୋଆର ଯୋଗ ପ୍ରଶିକ୍ଷକ ଶ୍ରୀ ଅଖିଳ ଚନ୍ଦ୍ର ରଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଇବିସିଏସ୍‌ର ଏନ୍‌ଏସଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀ ଅନନ୍ତ ପ୍ରସାଦ ନନ୍ଦ ତାଙ୍କୁ ସହାୟତା କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଯୋଗ ଦେଇଥିଲେ।



## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ନବରଙ୍ଗପୁର, ୧୬।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମିଶନ୍‌ଶକ୍ତି ବିଭାଗର ନିର୍ଦ୍ଦେଶକ୍ରମେ ଓଡିଶାର ବିବିଧ ଓ ସମୃଦ୍ଧ ପାରମ୍ପରିକ ଖାଦ୍ୟର ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ନବରଙ୍ଗପୁର ଜିଲ୍ଲା ମିଶନ୍‌ଶକ୍ତି ବିଭାଗର ସହଯୋଗରେ ମଣ୍ଡେଇ ପଡିଆ ଠାରେ ଜିଲ୍ଲା ସ୍ତରୀୟ ବିକାଶ ମେଳା ଉପଲକ୍ଷେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଗତ ଦିନ ମାନଙ୍କରେ ବ୍ଲକରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ପ୍ରଥମ ହୋଇଥିବା ୧୦ ଟି ମହିଳା ସ୍ୱୟଂ ସହାୟକ ଦଳ ଏବଂ ଅନ୍ୟାନ ସ୍ୱୟଂ ସହାୟକ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ ।



ଏହି ସମାରୋହରେ ଗତ ୧୨.୬.୨୦୨୫ ରିଖ ରେମୁଖ୍ୟ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ସମ୍ମାନୀତ ଅତିଥି ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର , ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦିପ ସମ୍ପତ ଏବଂ ପୌରପାଳିକା ଅଧକ୍ଷ କୁନୁ ନାୟକ ଯୋଗଦାନ କରିଥିଲେ। ଅତିଥି ଗଣ ଓଡ଼ିଶାର ପୁଷ୍ଟିକର ପାରମ୍ପରିକ ଖାଦ୍ୟକୁ ସବୁବେଳେ ଗୁରୁତ୍ୱ ଦେଇ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ମହିଳା ସଶକ୍ତିକରଣ ରେ ସହଭାଗୀ ହେବା ବୋଲି କହିଥିଲେ। ୧୪.୬.୨୦୨୫ ତାରିଖରେ ପ୍ରତିଯୋଗିତାର ବିଚାରକ ଭାବେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଏନ୍ ଆର୍ ସି କୋଡିନେଟୋର ଏବଂ ଖାଦ୍ୟ ନିରୀକ୍ଷ୍ୟଣ ଅଧିକାରୀ ନବରଙ୍ଗପୁର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଯୋଗ ଦେଇ ବିଭିନ୍ନ ଷ୍ଟଲ୍ ର ଖାଦ୍ୟର ସ୍ୱାଦକୁ ନେଇ ବିଚାର ରଖିଥିଲେ। ଅତି ଉଚ୍ଚକୋଟୀର ଓ ଉନ୍ନତମାନର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ସ୍ୱାଗତିକା ସ୍ୱୟଂସହାୟକ ଦଳ ନବରଙ୍ଗପୁର ପ୍ରଥମ, ଉମରକୋଟର ଲକ୍ଷ୍ମୀ ନାରାୟଣୀ ସ୍ୱୟଂ ସହାୟକ ଦଳ ଦ୍ୱିତୀୟ ଏବଂ ଡ଼ାବୁଗାଁ ବ୍ଲକ ଡ଼ାଙ୍ଗରିଗୁଡ଼ାର ମୃତିଆଲୁ ସ୍ୱୟ ସହାୟକ ଦଳ ତୃତୀୟ ହୋଇ ବିକାଶ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଏବଂ ସାର୍ଟିଫିକେଟ ଗ୍ରହଣ କରିଥିଲେ। ଆଗାମୀ ଦିନରେ ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟପ୍ରତିଯୋଗିତା ପ୍ରଥମ ବିଜେତା ଦଳ ଯୋଗ ଦେବେ।

## ଝରିଗାଁରେ ଯୁଗ୍ମ ଜନଶୁଣାଣି ଶିବିର




**ନବରଙ୍ଗପୁର, ୧୬।୬ (ସଂଚାର ବ୍ୟୁରୋ):** ଆଜି ଝରି ଗାଁ ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ



**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ବର୍ଷା ଋତୁରେ ଜଳବାହିତ ରୋଗ ଡାଇରିଆର ନିରାକରଣ ନିମନ୍ତେ ସାରା ରାଜ୍ୟରେ ଆଜିଠାରୁ 'ଷ୍ଟପ ଡାଇରିଆ' ଅଭିଯାନ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଢେଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆଜି ଏହି ଅଭିଯାନକୁ ଉଦଘାଟନ କରି କହିଛନ୍ତି ଯେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଡାଇରିଆ ଏକ ବର୍ଷାଋତୁକାଳୀନ ଜଳବାହିତ ରୋଗ ହୋଇଥିବା ବେଳେ ଏହା ଉପରେ ନଜର ରଖି ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ନିରାକରଣ ଓ ପ୍ରତିଷେଧ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା, ଆନୁଷଙ୍ଗିକ ଉପକରଣ, ଔଷଧ, ଭିତ୍ତିଭୂମି ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଡାଇରିଆ ନିରାକରଣ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ସହ ସମ୍ମିଳିତ ଉଦ୍ୟମ କରାଯାଉଛି। ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ସେବନ, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା, ବାହାରେ ମଳତ୍ୟାଗ ନ କରିବା ଆଦି ଅଭ୍ୟାସ ଦ୍ୱାରା ଆମେ ବହୁ ପରିମାଣରେ ଡାଇରିଆ ରୋଗର ପ୍ରତିରୋଧ କରିପାରିବା। ସଚେତନତା ଓ ସାବଧାନତା ମାଧ୍ୟମରେ ନିଜେ ସୁସ୍ଥ ରହିବା ସହ ପରିବାର ଓ ପଡୋଶୀଙ୍କୁ ବି ସୁରକ୍ଷିତ ରଖିପାରିବା ବୋଲି ମନ୍ତ୍ରୀ ଡଃ ମହାଲିଙ୍ଗ କହିଛନ୍ତି।

- ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ
- ନିରାକରଣ ପାଇଁ ନିଆଯାଇଛି ସମସ୍ତ ପଦକ୍ଷେପ

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହି ଅଭିଯାନ ମାଧ୍ୟମରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କମ୍ୟୁନିଟି ସେଣ୍ଟର ଓ ଆରୋଗ୍ୟ ମନ୍ଦିରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପ୍ୟାକେଟ, ଜିଙ୍କ ଟାବଲେଟ୍ ଓ ଔଷଧ ମହଜୁଦ ରଖାଯାଇଛି। ଗ୍ରାମ ଓ ସହରାଞ୍ଚଳରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର ସ୍ତରୀୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନଏମ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରାରମ୍ଭିକ ଅବସ୍ଥାରୁ ଡାଇରିଆ ରୋଗର ଚିହ୍ନଟ ଓ ପରିଚାଳନା ବିଷୟରେ ତାଲିମ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରତି ସ୍ୱାସ୍ଥ୍ୟକର୍ମୀ ଘର ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧିତ ସୂଚନାପତ୍ର ଓଆରଏସ, ଜିଙ୍କ ଟାବଲେଟ୍ ଓ ଔଷଧ ବଣ୍ଟନ କରିବା ସକାଶେ ମନ୍ତ୍ରୀ ଡଃ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରମାନଙ୍କ ପରାମର୍ଶକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବା ସହ ଡାଇରିଆ ଲକ୍ଷଣ ଦେଖାଯିବା ମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ଚିକିତ୍ସା କରାଇବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଡଃ ମହାଲିଙ୍ଗ ଡାଇରିଆ ନିରାକରଣ ନିମନ୍ତେ ସମବେତ ମହିଳାମାନଙ୍କୁ ଓଆରଏସ୍ ଓ ଜିଙ୍କ ଟାବଲେଟ ପ୍ୟାକେଟ ବଣ୍ଟନ କରିଥିଲେ।

କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ମହାପାତ୍ର ଯୋଗଦେଇ ସମବେତ ଜନତାଙ୍କୁ ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ପରେ ମନ୍ତ୍ରୀ ଡଃ ମହାଲିଙ୍ଗ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଡାଇରିଆ ସ୍ଥିତିର ସମୀକ୍ଷା କରିଥିଲେ। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ନିୟନ୍ତ୍ରଣ, ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସଚେତନତାକୁ ଗୁରୁତ୍ୱ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅଭିଯାନ ଉପଲକ୍ଷେ ରାଜ୍ୟ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ଜିତେନ୍ଦ୍ର ବେବର୍ତ୍ତା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜନ ଯୋଗାଯୋଗ (ଆଇଇସି) ପତ୍ରିକା ଓ ସୂଚନା ପତ୍ରକୁ ଉନ୍ମୋଚନ କରିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଡାଇରିଆ କ୍ଷେତ୍ରରେ କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓଆରଏସ, ତରଳ ପଦାର୍ଥ ଓ ଜିଙ୍କ ଦିଆଯିବା ଆବଶ୍ୟକ, ସେ ବିଷୟରେ ବିସ୍ତୃତ ସୂଚନା ସହ ବିଭିନ୍ନ ସ୍ୱାସ୍ଥ୍ୟ ସେବା କେନ୍ଦ୍ରମାନଙ୍କରେ ଓଆରଏସ ଓ ଜିଙ୍କ କର୍ଣ୍ଣର ଖୋଲିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

## କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଲେ ବନ କର୍ମଚାରୀ



**ବଲାଙ୍ଗୀର,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ପରିଚାଳନାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ଫରେଷ୍ଟ ଗାର୍ଡ ଓ ଫରେଷ୍ଟରମାନେ ଆଜି କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତକାଲିଠାରୁ ଫରେଷ୍ଟ୍ ରେଞ୍ଜ୍ ଅଫିସ୍ ବଲାଙ୍ଗିରର ଏହି କର୍ମଚାରୀମାନେ ନାନାଦି ଅବହେଳାର ଶିକାର ହେଉଥିବା ଦର୍ଶାଇ ଏପରି ଆନ୍ଦୋଳନ କରିଛନ୍ତି। ଏହି କର୍ମଚାରୀମାନେ ଜଙ୍ଗଲରେ ନିଆଁ ଲିଭାଇବା, ଗଛକୁ ସୁରକ୍ଷା ଦେବା, ଶିକାରୀଙ୍କଠାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଭଳି ବିପଦପୂର୍ଣ୍ଣ କାମ କରୁଛନ୍ତି। କିନ୍ତୁ ବାରମ୍ବାର ଶିକାରୀଙ୍କ ଗୁଳିରେ ଜୀବନ ହରାଇବା ସହ ସୁରକ୍ଷା ଅଭାବ କାରଣରୁ ଏହି କର୍ମଚାରୀମାନେ ବିଭିନ୍ନ ସମୟରେ ସମସ୍ୟା ଭୋଗୁଥିଲେ ହେଁ ଏହାର ସମାଧାନ କରାଯାଉନଥିବା ପ୍ରତିବାଦରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଏହି କର୍ମଚାରୀମାନେ କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରିବା ସହ ସେମାନଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ ଚଳାଇଛନ୍ତି। ତେବେ ସେମାନଙ୍କ ଦାବି ଖୁବ୍‌ଶୀଘ୍ର ପୂରଣ ନକଲେ ସେମାନେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଫର୍ମ ଓ କଳା ବ୍ୟାଜ୍ ପିନ୍ଧି ଧାରଣାରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାପରେ ବି ଯଦି ସରକାର ସେମାନଙ୍କୁ ଉପେକ୍ଷା କରନ୍ତି, ତା'ହେଲେ ଏହି କର୍ମଚାରୀମାନେ ସାମୂହିକ ଛୁଟି ନେଇ ଭୁବନେଶର ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ବନ କର୍ମଚାରୀମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିଜର ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରାଇଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ଆଜି ବଲାଙ୍ଗୀର ଜିଲ୍ଲାରେ ବନଖଣ୍ଡରେ କାର୍ଯ୍ୟରତ ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାରେ ୧୧ଟି ରେଞ୍ଜରେ ଆନ୍ଦୋଳନ ଜାରି ରହିଥିବା ବେଳେ ଏଥିରେ ୨୫୦ ବନ କର୍ମଚାରୀ ସାମିଲ ଥିବା ଜଣାପଡ଼ିଛି।

## ଝିଅ ଆଗରେ ମା'କୁ ଟାଣିନେଲା କୁମ୍ଭୀର



**ଆଳି,୧୬।୬(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ କୋଳଡିହ ପଞ୍ଚାୟତର ଓଁଳାଡିହା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଗାଁର ଜଣେ ମହିଳାଙ୍କୁ ଖରସ୍ରୋତା ନଦୀକୁ ସଂଯୋଗ କରୁଥିବା ପାନିଆ ଯୋରରୁ କୁମ୍ଭୀର ଟାଣି ନେଇଥିବା ଜଣାପଡ଼ିଛି। ଏହି ଘଟଣା ତାଙ୍କ ଝିଅଙ୍କ ଆଗରେ ଘଟିଥିବା ସୂଚନା ମିଳିଛି। ଘରେ ପହଞ୍ଚି ଝିଅଟି ଘଟଣା ବିଷୟରେ ଜଣାଇବା ପରେ ଗାଁ ଲୋକେ ଏକାଠି ହୋଇ ପାନିଆଯୋର ଭିତରେ ଖୋଜାଖୋଜି ଆରମ୍ଭ କରିଛନ୍ତି। ସ୍ଥାନୀୟ ପୋଲିସ ଓ ବନ ବିଭାଗକୁ ମଧ୍ୟ ଖବର ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଗାଁରେ ଆତଙ୍କ ଖେଳିଯାଇଛି ଏବଂ ଲୋକେ ନଦୀ କୂଳରେ ଯିବାକୁ ଭୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ମହିଳାଙ୍କ ସନ୍ଧାନ ମିଳିନଥିବା ବେଳେ ଖୋଜାଖୋଜି ଜାରି ରହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ



**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ଷଷ୍ଠ ରାଜ୍ୟ ଅର୍ଥ କମିଶନ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଦିଗରେ ପରାମର୍ଶ ଲୋଡ଼ିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନ୍‌ର ୱେବସାଇଟ୍ (https://sfc.odisha.gov.in) ଉନ୍ମୋଚନ କରିଛନ୍ତି। ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂଗଠନ, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି। ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଓ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଆଦିର ବିବରଣୀ ମଧ୍ୟ ରହିଛି। ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଓ ଡକ୍ଟର ବିଭୁ ପ୍ରସାଦ ନାୟକ, କମିଶନର ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ୈ ଓ ଧାରା ୨୪୩-ୱାଇ ଅନୁଯାୟୀ ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି, ଯାହା ଆସନ୍ତା ବର୍ଷ ଏପ୍ରିଲ୍ ୧ରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡ଼ିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିସ୍ କରିବେ।

**ରାଜ୍ୟ ଅର୍ଥ କମିଶନ୍‌ର ୱେବସାଇଟ୍ ଉନ୍ମୋଚିତ**

## ୫ ବାଇକ୍ ଜବତ, ମାଷ୍ଟର ମାଇଣ୍ଡ ଗିରଫ



**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ଭୁବନେଶ୍ୱର କମିଶନରେଟ ପୁଲିସର ଲିଙ୍ଗରାଜ ଥାନା ପକ୍ଷରୁ ଆଜି ୫ଟି ଚୋରା ବାଇକ୍ ଜବତ କରାଯାଇଛି। ଏଥିସହ ଏହି ଚୋରି ପଛର ମାଷ୍ଟରମାଇଣ୍ଡ ଦୀପକ ସାହୁକୁ ମଧ୍ୟ ଗିରଫ କରାଯାଇଛି। ବାଙ୍କୀ ଅଞ୍ଚଳର ଦୀପକ ନାଁରେ ବିଭିନ୍ନ ଥାନାରେ ୨୭ରୁ ଅଧିକ ମାମଲା ରହିଛି। ସେ ନିୟମିତ ଭାବେ ବାଇକ୍ ଚୋରି କରି ସେସବୁକୁ ୩ ହଜାରରୁ ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲା। ଦୀପକ ଜଣେ ନିଶାଡ଼ି ଥିବାରୁ ନିଶା ଯୋଗାଡ଼ କରିବା ସକାଶେ ଏପରି ଚୋରି କରୁଥିଲା। ରାଜଧାନୀର ବିଭିନ୍ନ ଅଞ୍ଚଳରୁ ସେ ବାଇକ୍ ଚୋରି କରି ଏହାକୁ ଶସ୍ତାରେ ବିକ୍ରି କରିଆସୁଥିଲା। ତେବେ ଗତ ମାସ ୭ ତାରିଖରେ ସେ ଜେଲରୁ ବାହାରିଥିଲା। ନିକଟରେ ତମାଣ୍ଡୋ ଥାନାଅଞ୍ଚଳରୁ ପୁଲିସ୍ ୧୧ଟି ଚୋରା ବାଇକ୍ ଜବତ କରିଥିଲା ଓ ଏହାର ମାଷ୍ଟରମାଇଣ୍ଡକୁ ଗିରଫ କରିବା ପାଇଁ ଅନୁସନ୍ଧାନ ଚଳାଇଥିଲା ଏବଂ ଆଜି ପୁଲିସ୍ ଦୀପକକୁ ଗିରଫ କରି ଏହି ଚୋରି ମାମଲା ଉପରୁ ପରଦା ହଟାଇଛି।

## ମହିଳାଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

**କଟକ,୧୬।୬(ସଂଚାର ବ୍ୟୁରୋ):** କଟକ କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ଜଣେ଼କା ମହିଳାଙ୍କୁ ଛୁରାମାଡ଼ ହୋଇଛି। ଏପରି ଆକ୍ରମଣ ପଛରେ ପ୍ରେମ ସମ୍ପର୍କ ଥିବା ଜଣାପଡ଼ିଛି। ଅଭିଯୁକ୍ତ ସୂରଜ୍ ତ୍ରିପାଠୀଙ୍କୁ ଗିରଫ କରି କମିଶନରେଟ୍ ପୁଲିସ୍ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ରକୁ ବି ପୁଲିସ୍ ଜବତ କରିଛି। ଅନ୍ୟପକ୍ଷରେ ଆହତ ମହିଳାଙ୍କ ଅସ୍ତ୍ରୋପଚାର ଏସ୍‌ସିବିରେ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା କଟକ ଡିସିପି ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ଉକ୍ତ ବିବାହିତା ମହିଳା ଜଣଙ୍କ ଇଣ୍ଡର୍ ଷ୍ଟାଡିୟମ୍ ନିକଟସ୍ଥ ରାସ୍ତାରେ ଯାଉଥିବା ସମୟରେ ତାଙ୍କୁ ଅଟକାଇ ସହ ଅଭିଯୁକ୍ତ ସୂରଜ ଛୁରାମାଡ଼ କରିଥିଲା। ପ୍ରଥମେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଓ ପରେ ଏଥିରେ ଉତ୍ତ୍ୟକ୍ତ ହୋଇ ସୂରଜ ଉକ୍ତ ମହିଳାଙ୍କ ଛାତିରେ ଛୁରୀ ଭୁଷିଦେଇଥିଲା। ଫଳରେ ମହିଳା ଜଣଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଏସସିବିରେ ଭର୍ତ୍ତି କରିଥିଲେ।




## ଅଫିସରେ ନିଶା ଖାଇ ନିଲମ୍ବିତ ହେଲେ ଅବକାରୀ ଅଧିକାରୀ



**ସାଲେପୁର,୧୬।୬(ସଂଚାର ବ୍ୟୁରୋ):** ନିଶା ବାଉଳାରେ ଅବକାରୀ ବିଭାଗ ଅଧିକାରୀ, ନାଲି ଆଖି ଦେଖାଇଲେ। କଟକ ଜିଲ୍ଲା ସାଲେପୁର ଅବକାରୀ ବିଭାଗ ଅଧିକାରୀ ରଙ୍ଗନିଧି ମଲ୍ଲିକ ଅଫିସ ସମୟରେ ମଦ ପିଇଥିବା ହେତୁ ଶେଷରେ ନିଲମ୍ବିତ ହୋଇଛନ୍ତି । ନିଶରେ ତାଙ୍କର କଥା ବାଉଳା ହେଉଥିଲା ଆଉ ପଚାରିବାରୁ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଛନ୍ତି । ଘଟଣା କିଛି ଏଭଳି ଥିଲା ଏମିତି । ବିଦେଶୀ ମଦ ବୋତଲରେ ପୋକ ବାହାରିବା ଏବଂ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରୁ ଚୋରା ମଦ ଚାଲାଣ ହେଉଥିବା ଖବର ଗଣମାଧ୍ୟମ ପ୍ରତିନିଧି ଅବକାରୀ ବିଭାଗକୁ ଜଣାଇଥିଲେ । ଫୋନ ଯୋଗେ ଇନ୍ସପେକ୍ଟର ରଙ୍ଗନିଧିଙ୍କୁ ଜଣାଇବାରୁ ସେ ଓଲଟା ଦୁର୍ବ୍ୟବହାର କରିଥଲେ । ଏନେଇ ତାଙ୍କୁ ପଚାରିବାରୁ ସେ ଗାଳି ଗୁଲଜ କରିବା ସହ ମୁଁ ମଦ ପିଇ ନାହିଁ, ତୁମେ ମୋର କଣ କରିବ ଦେଖିବି ବୋଲି ଓଲଟା ଧମକ ଦେଇଥିଲେ । ତେବେ ଏହି ସୂଚନା ଉପରିସ୍ଥ ଅଧିକାରୀଙ୍କ ପାଖରେ ପହଞ୍ଚିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ।



ଇସ୍କନ୍‌କୁ ଆଇନ ମନ୍ତ୍ରୀଙ୍କ ଚେତାବନୀ

## ଅଦିନିଆ ରଥଯାତ୍ରା ନ ରୋକିଲେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ):** ବାରମ୍ବାର ବାରଣ ସତ୍ତ୍ୱେ ଇସ୍କନ୍ ପକ୍ଷରୁ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦି ଆୟୋଜିତ ହୋଇଆସୁଛି। ଏହାକୁ ନେଇ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଚେତାବନୀ ଦେଇଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଇସ୍କନ୍‌କୁ ଚିଠି ଲେଖି ଏପରି ଆୟୋଜନଠାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ ନୂଆପଡ଼ାରେ ଏହିପରି ଆୟୋଜନ ହେଉଥିବା ଜଣାପଡ଼ିବା ପରେ ଆମେ ତାହାକୁ ବନ୍ଦ କରିସାରିଛୁ। ଅନ୍ୟ କୌଣସି ସ୍ଥାନରେ ଏହାର ପୁନରାବୃତ୍ତି କଲେ, ଇସ୍କନ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି ନିଷ୍ପତ୍ତି ପୁରୀର ପାରମ୍ପରିକ ରଥଯାତ୍ରାର ମର୍ଯ୍ୟାଦା ଓ ଧାର୍ମିକ ମହତ୍ତ୍ୱକୁ ସୁରକ୍ଷିତ ରଖିବା ପାଇଁ ନିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଏଥିସହ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ସରକାର ଇସ୍କନ୍ ଉପରେ କଡ଼ା ନଜର ରଖିଥିବା ଶ୍ରୀ ହରିଚନ୍ଦନ କହିଛନ୍ତି।

- ଜଳପ୍ରପାତରେ ବୁଡ଼ିଗଲେ ଦୁଇ ନାବାଳକ

## ଜଣେ ମୃତ, ଅନ୍ୟ ଜଣଙ୍କର ପତ୍ତା ମିଳୁନି



**କୋଟପାଡ଼,୧୬।୬(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋଟର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତରେ ଜଣେ ନାବାଳକ ବୁଡ଼ି ପ୍ରାଣ ହରାଇଥିବା ବେଳେ ଆଉ ଜଣେ ନିଖୋଜ ହୋଇଯାଇଛନ୍ତି। ମୃତ ନାବାଳକ ଜଣଙ୍କ ଆଲୋକ ରାଜ ସୁନା(୧୫) ବୋଲି ଜଣାପଡ଼ିଛି। କୋଟପାଡ଼ ଗୁଲମୀ ଜଳପ୍ରପାତକୁ ଗତକାଲି ନବରଙ୍ଗପୁର ଜିଲ୍ଲା କୋଷଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଥିବା ବେଳେ ଏଠାକୁ ବୁଲିବାକୁ ଆସିଥିବା ପିଲାମାନେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉଥିଲେ। କିନ୍ତୁ ଏହି ସମୟରେ ଅସାବଧାନତା ଯୋଗୁଁ ସେମାନଙ୍କ ମଧ୍ୟରୁ ୨ ଜଣ ନାବାଳକ ପ୍ରଖର ସ୍ରୋତରେ ଖସିପଡ଼ିଥିଲେ। ସେମାନଙ୍କୁ ଅନ୍ୟମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଫଳରେ ସେମାନେ ନିକଟସ୍ଥ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ନ ଥିଲେ। ପରେ ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଆଜି ସକାଳେ ଜୟପୁରରୁ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଆଲୋକଙ୍କ ମୃତଦେହ ମିଳିଥିଲା। କିନ୍ତୁ ନିଖୋଜ କିରଣ ମିର୍ଗାନଙ୍କର କୌଣସି ପତ୍ତା ମିଳିପାରିନାହିଁ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ଲଜ୍ଜା: ପୁରୁଷ ବନ୍ଧୁ ସାମ୍ନାରେ ଯୁବତୀଙ୍କୁ ଗଣଦୁଷ୍କର୍ମ

**ଗୋପାଳପୁର,୧୬।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ଼କା ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଆଖି ସାମ୍ନାରେ ଦୁର୍ବୃତ୍ତମାନେ ଗଣଦୁଷ୍କର୍ମ କରିଛନ୍ତି। ଗୋପାଳପୁର ବେଳାଭୂମିରେ ଉକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୁରୁଷ ବନ୍ଧୁଙ୍କ ସହ ବେଳାଭୂମିକୁ ବୁଲିବାକୁ ଯାଇଥିବା ସମୟରେ ଉକ୍ତ ଯୁବତୀ ଜଣଙ୍କ ଏପରି ଅଘଟଣର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଉକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିବା ପୂର୍ବରୁ ପୁରୁଷ ବନ୍ଧୁଙ୍କୁ ବାନ୍ଧିଦେଇଥିଲେ। ଫଳରେ ପୁରୁଷ ବନ୍ଧୁ ଜଣଙ୍କ କିଛି ବି କରିପାରିନଥିଲେ। ଏନେଇ ସ୍ଥାନୀୟ ଗୋପାଳପୁର ଥାନାରେ ଯୁବତୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ତଦନ୍ତ ଆରମ୍ଭ କରି ପୁଲିସ୍ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୭ ଜଣ ଯୁବକଙ୍କୁ ଅଟକ ରଖିଛି। ଏହି ମାମଲାରେ ତଦନ୍ତ ଜାରି ରହିଥିବା ବେଳେ ଆହୁରି ଅଧିକ ଗିରଫଦାରୀ ହେବାର ସମ୍ଭାବନା ରହିଛି।

**୭ ଯୁବକଙ୍କୁ ପୁଲିସ୍‌ର ପଚରାଉଚରା**

## ଯୁବକଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲେ

**ଆନନ୍ଦପୁର,୧୬।୬(ସଂଚାର ବ୍ୟୁରୋ):** ପୋଖରୀ କୂଳ ଗଛରେ ଝୁଲୁଛି ମୃତଦେହ। ପାରିପାର୍ଶ୍ୱିକ ସ୍ଥିତିରୁ କେହି ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ଆଣିଲେ ପରିବାର ଲୋକ। ଘଷିପୁରା ଥାନା ଶୈଲଙ୍ଗ ପୋଖରୀ କୂଳ ଗଛରେ ଝୁଲୁଛି ଶୈଲଙ୍ଗ ଗ୍ରାମର ଧରଣୀ ରାଉତଙ୍କ ମୃତଦେହ। ସୋମବାର ସକାଳୁ ଗଛରେ ଧରଣୀଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଧରଣୀଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି। ଧରଣୀଙ୍କର କାହା ସହ ଶତ୍ରୁତା ନଥିଲା ସ୍ଥାନୀୟ ଅଞ୍ଚଳରେ ଜୁଆଖେଳ ହେଉଛି। ଏହି ଜୁଆଖେଳକୁ ନେଇ କେହି ହତ୍ୟା କରିଥାନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଘଷିପୁରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚାଲାଣ ପୂର୍ବରୁ ଖସିଆସିଲେ ନାବାଳିକା, ବାପା-ଭାଇଙ୍କ ନାମରେ ଏତଲା



**ଦେବଗଡ଼, ୧୬।୬ (ସଂଚାର ବ୍ୟୁରୋ) :** ବାରକୋଟ ବ୍ଲକ ସଇଡ଼ା ପଞ୍ଚାୟତର ଶରଣକୋଟ ଗ୍ରାମରେ ଚାଲାଣ ହେବା ପୂର୍ବରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଏକ ୧୫ ବର୍ଷର ନାବାଳିକା। ସରୁଆଳି ପଞ୍ଚାୟତର ଖୁଣ୍ଟା ଗ୍ରାମରୁ କିଛି ଯୁବକ ଶରଣକୋଟ ଗ୍ରାମକୁ ଏକ ବୋଲେରୋ ଯୋଗେ ଆସି ମୁଣ୍ଡା ସାହିର ବିଜୁ ମୁଣ୍ଡା ଘରେ ମଦ ଓ ମାଂସର ଆସର ଜମାଇଥିଲେ ଓ ବିଜୁ ମୁଣ୍ଡା ଓ ତା' ପୁଅକୁ ଘରେ ଥିବା ୧୫ ବର୍ଷୀୟା ନାବାଳିକା ଝିଅକୁ ସେମାନଙ୍କ ସାଙ୍ଗରେ ଛାଡ଼ିବାକୁ ପ୍ରଲୋଭିତ କରିଥିଲେ। ବିଜୁ ମୁଣ୍ଡା ଓ ତାଙ୍କ ପୁଅ ମଧ୍ୟ ମଦ ନିଶାରେ ସେ ଯୁବକମାନଙ୍କ ପ୍ରସ୍ତାବରେ ରାଜି ହୋଇଯାଇଥିଲେ ଓ ନାବାଳିକା ଝିଅକୁ ସେମାନଙ୍କ ସାଙ୍ଗରେ ଯିବାକୁ ବାଧ୍ୟ କରିଥିଲେ। ହେଲେ ଝିଅ ଓ ମା' ଏ ପ୍ରସ୍ତାବକୁ ବିରୋଧ କରିଥିଲେ। ଝିଅର ଭାଇ ମାଡ଼ ମାରି ଝିଅକୁ ଚେତାବନୀ ଦେଲେ ଯେ, ସେମାନଙ୍କ ସାଙ୍ଗରେ ଯଦି ସେ ନ ଯାଏ ତେବେ ବଡ ଭଉଣୀର ମୃତ୍ୟୁ ପରେ ଏକା ରହୁଥିବା ଭିଣୋଇ ପାଖରେ ରହି ତା' ଦୁଇ ପିଲାଙ୍କ କଥା ବୁଝିବାକୁ। ନିଶାଶକ୍ତ ବାପା ପୁଅର ଭୟରେ ମା' ମଧ୍ୟ ଶେଷରେ ରାଜି ହୋଇଥିଲେ ଝିଅକୁ ସେମାନଙ୍କ ସାଙ୍ଗରେ ଛାଡ଼ିବାକୁ। ହେଲେ ଝିଅ କୌଶଳ କ୍ରମେ ନିଜ ଘରୁ ଖସିଆସି ଶରଣକୋଟ-୨ର ଅଙ୍ଗନବାଡ଼ି କର୍ମୀ ନିରୂପମା ପାତ୍ରଙ୍କୁ ତାଙ୍କ ବାପଭାଇ ସେ ଯୁବକମାନଙ୍କ ସାଙ୍ଗରେ ରବିବାର ସନ୍ଧ୍ୟାରେ ବାହାରିଯିବା ପାଇଁ ବାଧ୍ୟ କରୁଥିବା ବିଷୟରେ ଅଭିଯୋଗ କରିଥିଲେ। ଅଙ୍ଗନବାଡ଼ି କର୍ମୀ ନିରୂପମା ପାତ୍ର ଉପସ୍ଥିତ ବୁଦ୍ଧି ଖଟାଇ ଝିଅକୁ ନିଜ ଘରକୁ ନେଇ ସଇଡ଼ାର ଅଙ୍ଗନବାଡି କର୍ମୀ ପ୍ରତିମା ପ୍ରଧାନଙ୍କୁ ଗ୍ରାମ୍ୟ ବାଲ୍ୟ ବିବାହ ମଞ୍ଚର ସମସ୍ତ ସଦସ୍ୟଙ୍କୁ ସୁଚିତ କରି ତୁରନ୍ତ ସମସ୍ତେ ଏକତ୍ରିତ ହେବାକୁ କହିଥିଲେ। ଏହି ସମୟରେ ଝିଅକୁ ଘରେ ନ ପାଇ ବୋଲେରୋରେ ଆସିଥିବା ୫ ରୁ ୬ ଜଣ ଯୁବକ ଗାଁସାରା ଖୋଜିବାକୁ ଲାଗିଲେ ଓ ଶେଷରେ ନିରୂପମାଙ୍କ ଘରେ ଝିଅ ଥିବାର ସନ୍ଧାନ ପାଇ କେମିତି ଝିଅକୁ ସେଠାରୁ ନେବେ ବୋଲି ସୁଯୋଗର ଅପେକ୍ଷାରେ ରହିଲେ। ଠିକ୍ ସମୟରେ ଗ୍ରାମ୍ୟ ବାଲ୍ୟ ବିବାହ ଟାସ୍କ ଫୋର୍ସର ସଦସ୍ୟ ଜ୍ୟୋତ୍ସ୍ନାମୟୀ ସାହୁ , ଜୟନ୍ତୀ ସାହୁ, ମଞ୍ଜରୀ ମହାନ୍ତ, ସୁକାନ୍ତି ସାହୁ , ଦୀପ୍ତି ପ୍ରଧାନ ଓ ଅନ୍ୟ ୨୦ରୁ ୨୫ ସଦସ୍ୟ ଘଟଣାସ୍ଥଳରେ ଉପସ୍ଥିତ ହୋଇ ଝିଅକୁ ସୁରକ୍ଷା ଦେଲେ।

ଅନ୍ୟପଟେ ବୋଲେରୋରେ ଆସିଥିବା ଯୁବକମାନେ ମଧ୍ୟ ପାଖ ଜଙ୍ଗଲରେ ସୁଯୋଗ ଅପେକ୍ଷାରେ ଛକି ବସିଲେ। ସନ୍ଧ୍ୟା ହୋଇଯିବା ପରେ ବିପଦ ଥିବାରୁ ଟାସ୍କ ଫୋର୍ସର ସଦସ୍ୟମାନେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରି ସହାୟତା ଲୋଡ଼ିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ବିଭାଗୀୟ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ସଖୀ କେନ୍ଦ୍ରର କର୍ମକର୍ତ୍ତା ରେଖା ସାହୁ , ଜ୍ୟୋତିର୍ମୟୀ ସାହୁ , ଶକ୍ତି ସଦନର ନିର୍ମଳା ଜେନା ଓ ଚାଇଲ୍ଡ ହେଲ୍ପ ଲାଇନର କରିସ୍ମା ମହାକୁଳଙ୍କ ସହ ସନ୍ଧ୍ୟାରେ ଶରଣ କୋଟ ଗ୍ରାମରେ ପହଞ୍ଚି ନାବାଳିକା ଝିଅକୁ ଉଦ୍ଧାର କରି ଦେବଗଡ଼ରେ ଥିବା ସାଖୀ କେନ୍ଦ୍ରରେ ଆନୁଷ୍ଠାନିକ ଯତ୍ନ ମଧ୍ୟର ରହିଥିବା ସୂଚନା ମିଳିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# କର୍ଣ୍ଣାଟକରେ ବନ୍ଦ ହେଲା ବାଇକ୍ ଟ୍ୟାକ୍ସି ସେବା

## କୋର୍ଟଙ୍କ ରାୟ ପରେ ରାପିଡୋର ବଡ଼ ବୟାନ



ବେଙ୍ଗାଲୁରୁ,୧୬।୬: କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶ ପରେ ରାଜ୍ୟରେ ୧୬ଜୁନ ୨୦୨୫ରୁ ବାଇକ୍ ଟ୍ୟାକ୍ସି ସେବା ଉପରେ ପ୍ରତିବନ୍ଧକ ଲାଗୁ ହୋଇଯାଇଛି। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଯେଉଁ ପର୍ଯ୍ୟନ୍ତ ରାଜ୍ୟ ସରକାର ମୋଟର ଯାନ ଅଧିନିୟମ ଅନୁସାରେ ବାଇକ୍ ଟ୍ୟାକ୍ସି ସେବାକୁ ନିୟମିତ କରିବା ପାଇଁ ସ୍ପଷ୍ଟ ନିୟମ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ସେବା ସଞ୍ଚାଳନ ବନ୍ଦ ରହିବ। ଏଣୁ ରାପିଡୋ ନିଜ ଆପରୁ ବାଇକ୍ ଟ୍ୟାକ୍ସି ବିକଳ୍ପକୁ ହଟାଇ ଦେଇଛି। ଆରମ୍ଭ କଲା 'ପାର୍ସଲ' ସେବା ମନି କଣ୍ଟ୍ରୋଲର ସ୍ପଟ୍ ଯାଞ୍ଚରୁ ଜଣା ପଡିଛି ଯେ ରାପିଡୋ ତାଙ୍କ ଆପ୍ ରୁ ବାଇକ୍ ଟ୍ୟାକ୍ସି ସେବା ହଟାଇ ଦେଇଛନ୍ତି। ସେହି ସ୍ଥାନରେ ବାଇକ୍ ପାର୍ସଲ ସେବାକୁ ଯୋଡିଛନ୍ତି। ଏହି ଆପରେ ଏକ ବାର୍ତ୍ତା ମଧ୍ୟ ଦେଖାଯାଉଛି, ଯେଉଁଥିଲେ '୧୬ ଜୁନ ୨୦୨୫ରୁ ଆମର ବାଇକ୍ ଟ୍ୟାକ୍ସି ସେବାକୁ କର୍ଣ୍ଣାଟକରେ ହାଇକୋର୍ଟଙ୍କ ଆଦେଶ ପାଳନ ପାଇଁ ଅସ୍ଥାୟୀ ରୂପେ ରୋକି ଦେଇଛୁ' ବୋଲି ଉଲ୍ଲେଖ କରାଯାଇଛି। ରାପିଡୋ ଏକ ବୟାନରେ କହିଛନ୍ତି ଯେ ଆମେ ବାଇକ୍ ଟ୍ୟାକ୍ସି ସେବାକୁ ନେଇ ଗର୍ବିତ, ତେବେ ଆମେ ନ୍ୟାୟାଳୟଙ୍କ ଆଦେଶକୁ ସମ୍ମାନ କରୁଛୁ ଓ ତାଙ୍କ ଆଦେଶକୁ ସମ୍ପୂର୍ଣ୍ଣ ପାଳନ କରିବୁ। ଆମେ ଆଶା କରୁଛୁ ଭବିଷ୍ୟତରେ ଏହି ସେବା ପୁଣି ଆରମ୍ଭ ହେବ। ଓଲା, ଉବେରରେ ଏବେ ବି ଦେଖାଯାଉଛି ବିକଳ୍ପ ରାପିଡୋ ତାଙ୍କର ବାଇକ୍ ଟ୍ୟାକ୍ସି ସେବା ରୋକି ଦେଇଛନ୍ତି। ତେବେ ଓଲା ଏବଂ ଉବେର ଭଳି ଆପ୍ ରେ ବାଇକ୍ ଟ୍ୟାକ୍ସି ବିକଳ୍ପ ଏବେ ବି ଦେଖାଯାଉଛି। ହେଲେ ଏଥିରେ ପ୍ରତୀକ୍ଷା ସମୟ (ୱେଟିଂ ଟାଇମ) ଅଧିକ ଦେଖାଯାଉଛି। ଉଭୟ କମ୍ପାନୀ ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। କର୍ଣ୍ଣାଟକ ପରିବହନ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ କହିଛନ୍ତି ଯେ 'ଆମେ କୋର୍ଟରେ ଆମ ପକ୍ଷ ସ୍ପଷ୍ଟ ରୂପେ ରଖିଛୁ। ଆମେ କୋର୍ଟଙ୍କ ଆଦେଶ ପାଳନ କରି ଏହା ଉପରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ କରିବୁ'। ପରିବହନ ବିଭାଗ କହିଛନ୍ତି ଯେ ଯେଉଁ କମ୍ପାନୀ ଏହି କଟକଣା ଉଲ୍ଲଂଘନ କରିବ ତାଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ନମ୍ମା ବାଇକ୍ ଟ୍ୟାକ୍ସି ଆସୋସିଏସନର ଚିନ୍ତା କୋର୍ଟଙ୍କ ଏହି ରାୟ ବିରୋଧରେ ନମ୍ମା ବାଇକ୍ ଟ୍ୟାକ୍ସି ଆସୋସିଏସନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ପତ୍ର ଲେଖିଛି ଓ ଏଥିରେ ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିଛି। ସଙ୍ଗଠନ କହିଛି ଯେ କୋର୍ଟଙ୍କ ଏହି ନିଷ୍ପତ୍ତି ଯୋଗୁ ରାଜ୍ୟର ହଜାର ହଜାର ଗିଗ ୱାର୍କରଙ୍କ ରୋଜଗାର ସଂକଟରେ ପଡିଯିବ। ତେବେ ଶ୍ରମ ମନ୍ତ୍ରୀ ସନ୍ତୋଷ ଲାଡ ମନିକଣ୍ଟ୍ରୋଲକୁ କହିଛନ୍ତି ଯେ ଆମକୁ ଏ ପର୍ଯ୍ୟନ୍ତ କୌଣସି ବାଇକ୍ ଟ୍ୟାକ୍ସି ଆସୋସିଏସନ ପକ୍ଷରୁ ପତ୍ର ମିଳି ନାହିଁ।

## ଗ୍ରାହକଙ୍କୁ ବଡ଼ ଝଟ୍କା ଦେଲା ଏସବିଆଇ

ନୂଆଦିଲ୍ଲୀ,୧୬।୬: ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଏକ ବଡ଼ ଝଟକା ଦେଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଏହାର ସମସ୍ତ ଅବଧିର ଏଫଡି ଏବଂ ସଞ୍ଚୟ ଖାତା ଉପରେ ସୁଧ ହାର ହ୍ରାସ କରିଛି। ଏସବିଆଇ ସମସ୍ତ ନିୟମିତ ଏଫଡି ଯୋଜନାର ସୁଧ ୨୫ ବେସିସ ପଏଣ୍ଟ ଏବଂ ସଞ୍ଚୟ ଖାତାର ସୁଧ ୫୦ ବେସିସ ପଏଣ୍ଟ ହ୍ରାସ କରିଛି। ନୂତନ ସୁଧ ହାର ୧୫ ଜୁନ ୨୦୨୫ରୁ ଲାଗୁ ହୋଇଛି। ଯେବେଠାରୁ ଆରବିଆଇ ରେପୋ ହାର ହ୍ରାସ କରିଛି। ସେବେଠାରୁ ଦେଶର ବଡ଼ ବ୍ୟାଙ୍କଗୁଡ଼ିକ ସେମାନଙ୍କର ସୁଧ ହାର ହ୍ରାସ କରିଛନ୍ତି। ଏଚ୍ଏଡିଏଫସି ବଂ ଆଇସିଆଇସିଆଇ ବ୍ୟାଙ୍କଗୁଡ଼ିକ ସେମାନଙ୍କର ସୁଧ ହାର ହ୍ରାସ କରି ଲୋକଙ୍କୁ ଏକ ବଡ଼ ଝଟକା ଦେଇସାରିଛନ୍ତି। ଏବେ ଏସବିଆଇ ମଧ ସୁଧ ହାର ହ୍ରାସ କରିଛି, ଯାହା ସୁଧ ମାଧମରେ ଲୋକଙ୍କ ଆୟ ହ୍ରାସ କରିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ ସମସ୍ତ ନିୟମିତ ଏଫଡି ଅବଧି ଉପରେ ସ୍ଥିର ଜମା ସୁଧ ହାର ୨୫ ବେସିସ ପଏଣ୍ଟ (ବିପିଏସ) ହ୍ରାସ କରିଛି। ସଂଶୋଧନ ପରେ, ବ୍ୟାଙ୍କ ସାଧାରଣ ନାଗରିକଙ୍କ ପାଇଁ ୩.୦୫% ରୁ ୬.୪୫% ମଧରେ ଏଫଡି ଉପରେ ସୁଧ ପ୍ରଦାନ କରୁଛି। ସେହି ସମୟରେ, ବରିଷ୍ଠ ନାଗରିକଙ୍କ ପାଇଁ, ବ୍ୟାଙ୍କ ୩.୫୫% ରୁ ୭.୦୫% ସୁଧ ପ୍ରଦାନ କରୁଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ସମସ୍ତ ଆକାଉଣ୍ଟ ପାଇଁ ସଞ୍ଚୟ ଆକାଉଣ୍ଟ ସୁଧ ହାରକୁ ବାର୍ଷିକ ସମାନ ୨.୫% ରେ ସଂଶୋଧନ କରିଛି। ଏହି ନୂତନ ହାର ୧୫ ଜୁନ, ୨୦୨୫ଠାରୁ ଲାଗୁ ହୋଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ସମସ୍ତ ଆକାଉଣ୍ଟ ପାଇଁ ସଞ୍ଚୟ ଆକାଉଣ୍ଟ ସୁଧ ହାରକୁ ବାର୍ଷିକ ସମାନ ୨.୫% ରେ ସଂଶୋଧନ କରିଛି। ଏହି ନୂତନ ହାର ୧୫ ଜୁନ, ୨୦୨୫ଠାରୁ ଲାଗୁ ହୋଇଛି। ପୂର୍ବରୁ ବ୍ୟାଙ୍କ ୧୦ କୋଟି ଟଙ୍କାରୁ କମ ବାଲାନ୍ସ ଉପରେ ୨.୭% ଏବଂ ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ବାଲାନ୍ସ ଉପରେ ୩% ସୁଧ ଦେଉଥିଲା।

## ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ପାଲଟିଲେ ଲାରି ଏଲିସନ, ପଛରେ ପଡିଲେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ

ନୂଆଦିଲ୍ଲୀ,୧୬।୬: ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ସ୍ଥାନ ହରାଇଛନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ । ଓରାକଲର ଲାରି ଏଲିସନ ବେଜୋସଙ୍କୁ ଟପି ବିଶ୍ୱର ଦ୍ୱିତୀୟ ସବୁଠୁ ବଡ଼ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି । ଫୋର୍ବସ ୱାର୍ଲଡ ବିଲିୟନେୟାର ତାଲିକା ମୁତାବକ, ଏଲିସନଙ୍କ ନେଟୱର୍ଥ ୨୬ ବିଲିୟନ ବୃଦ୍ଧି ହେବା ଯୋଗୁ ଏହା ୨୪୩ ବିଲିୟନ ଡଲାର ଛୁଇଁଛି । କୌଣସି ଅରବପତିଙ୍କ ଗୋଟିଏ ଦିନରେ ଏହା ସର୍ବାଧିକ ସମ୍ପତ୍ତି ବୃଦ୍ଧି । ଏହି ବୃଦ୍ଧି ଯୋଗୁ ଏଲିସନ ଜେଫ୍ ବେଜୋସ (୨୨୭ ବିଲିୟନ ଡଲାର) ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ (୨୩୯ ବିଲିୟନ ଡଲାର)ଙ୍କୁ ପଛରେ ପକାଇ ଦେଇଛନ୍ତି । ଏହି ତାଲିକାର ପ୍ରଥମ ସ୍ଥାନରେ ଟେସଲା ସିଇଓ ଏଲନ ମସ୍କ ରହିଛନ୍ତି । ତାଙ୍କ ନିକଟରେ ୪୦୭.୩ ବିଲିୟନ ଡଲାରର ସମ୍ପତ୍ତି ରହିଛି । ଓରାକଲର ଲାଭରେ ଆଖିଦୃଶିଆ ବୃଦ୍ଧି ଯୋଗୁ ଏଲିସନଙ୍କ ସମ୍ପତ୍ତି ଏଭଳି ବୃଦ୍ଧି ହୋଇଛି । କମ୍ପାନିର ଷ୍ଟକ ମୂଲ୍ୟ ପ୍ରଥମ ଥର ଲାଗି ୨୦୦ ଡଲାର ଟପିଛି ।



## ଅପେକ୍ଷା କରିଥିଲେ ଗ୍ରାହକ, ମିଳିଲା ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୬: ଦରଦାମ କମିବା କ୍ଷେତ୍ରରେ ଦେଶ ପାଇଁ ଲଗାତର ଖୁସି ଖବର ଆସୁଛି। ପ୍ରଥମେ ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୬ ବର୍ଷର ସର୍ବନିମ୍ନ ସ୍ଥର ଖସିଥିଲା। ଆଉ ଏବେ ହୋଲ୍‌ସେଲ୍ ପ୍ରାଇସ୍ ଇଣ୍ଡେକ୍ସ(ଡବ୍ଲୁପିଆଇ) ବା ପାଇକାରୀ ମୂଲ୍ୟ ସୂଚକାଙ୍କରେ ହ୍ରାସ ଘଟିଛି। ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ପ୍ରକାଶିତ ତଥ୍ୟ ଅନୁସାରେ ମେ ୨୦୨୫ରେ ପାଇକାରୀ ମୁଦ୍ରାସ୍ଫୀତି ୦.୩୯ ପ୍ରତିଶତକୁ ଖସି ଆସିଛି। ଯାହା ୧୪ ମାସରେ ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି। ଏହାପୂର୍ବରୁ ଏପ୍ରିଲ ମାସରେ ଡବ୍ଲୁପିଆଇ ୦.୮୫ ପ୍ରତିଶତ ରହିଥିଲା। ଏହା ଖାଦ୍ୟ, ଇନ୍ଧନ ଏବଂ ପ୍ରାଥମିକ ସାମଗ୍ରୀ ଭଳି ପ୍ରମୁଖ ଜିନିଷଗୁଡ଼ିକର ମୂଲ୍ୟ ହ୍ରାସ ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ତଳକୁ ଖସିଛି। ଏନେଇ ସୋମବାର ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ଖାଦ୍ୟ ସାମଗ୍ରୀ ଶସ୍ତା ହେଲା ନିତ୍ୟ ବ୍ୟବହାର୍ଯ୍ୟ ଅଥ୍ୟାବଶ୍ୟକୀୟ ସାମଗ୍ରୀ(ପ୍ରାଇମେରି ଆର୍ଟିକିଲ୍ସ) ମୁଦ୍ରାସ୍ଫୀତି -୧.୪୪% ରୁ -୨.୦୨% କୁ ହ୍ରାସ ପାଇଛି। ଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି (ଖାଦ୍ୟ ସୂଚକାଙ୍କ) ୨.୫୫% ରୁ ୧.୭୨% କୁ ହ୍ରାସ ପାଇଛି। ଇନ୍ଧନ ଏବଂ ଶକ୍ତିର ପାଇକାରୀ ମୁଦ୍ରାସ୍ଫୀତି ହାର -୨.୧୮% ରୁ -୨.୨୭ କୁ ହ୍ରାସ ପାଇଛି। ମାନୁ୍ୟ ଫେକ୍ଚରିଂ ପ୍ରଡକ୍ଟର ପାଇକାରୀ ମୁଦ୍ରାସ୍ଫୀତି ହାର ୨.୬୨% ରୁ ୨.୦୪ କୁ ହ୍ରାସ ପାଇଛି। ଏହା ପୂର୍ବରୁ ଖୁଚୁରା ମଦ୍ରାସ୍ଫୀତିରେ ଜବରଦସ୍ତ ହ୍ରାସ ଦେଖିବାକୁ ମିଳିଥିଲା। ଜୁନ୍ ୧୨ ତାରିଖରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ମେ ମାସରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୨.୮୨%କୁ ହ୍ରାସ ପାଇଥିଲା କୁହାଯାଇଥିଲା। ଏହା ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର। ୨୦୧୯ ମାର୍ଚ୍ଚରେ ଏହା ୨.୮୬% ଥିଲା। ଖାଦ୍ୟ ସାମଗ୍ରୀର ମୂଲ୍ୟରେ କ୍ରମାଗତ ହ୍ରାସ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଥିଲା।

## ମାଗଣା ଆଧାର ଅପ୍‌ଡେଟ୍ ମହଲତ ବର୍ଷେ ବଢ଼ିଲା

ନୂଆଦିଲ୍ଲୀ,୧୬।୬: ମାଗଣାରେ ଆଧାର ଅପ୍‌ଡେଟ୍ କରିବାର ସମୟ ସୀମାକୁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପଞ୍ଚମ ଥର ପାଇଁ ବଢ଼ାଇଛନ୍ତି। ଚଳିତ ମାସ ୧୪ରେ ସମୟ ସୀମା ଶେଷ ହେଉଥିବା ବେଳେ ତାହାକୁ ୨୦୨୬ ଜୁନ୍ ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ତିନି ମାସିଆ ଓ ୬ ମାସିଆ ମହଲତ ବୃଦ୍ଧି କରାଯାଉଥିଲା। ଏଥର କିନ୍ତୁ ବର୍ଷେ ପାଇଁ ସମୟ ସୀମାକୁ ବଢ଼ାଯାଇଛି। ଯେଉଁ ଲୋକମାନେ ୧୦ ବର୍ଷ ପୂର୍ବରୁ ଆଧାର କାର୍ଡ କରାଇଛନ୍ତି, ସେମାନଙ୍କୁ ବିବରଣୀ ଅପ୍‌ଡେଟ୍ କରିବା ଲାଗି ୟୁଆଇଡିଏଆଇ ସୁଯୋଗ ଦେଇଛି। ଯେଉଁମାନେ ୧୦ ବର୍ଷ ଭିତରେ କେବେବି କାର୍ଡ ଅପ୍‌ଡେଟ୍ କରିନାହାନ୍ତି, ସେମାନଙ୍କୁ ଏହି ସୁଯୋଗ ଦିଆଯାଇଛି। ମାଗଣାରେ କେବଳ ନାମ, ଠିକଣା, ଜନ୍ମ ତାରିଖ, ଲିଙ୍ଗ ଭଳି ବିଷୟକୁ ଅପ୍‌ଡେଟ୍ କରିହେବ। କିନ୍ତୁ ମୋବାଇଲ୍ ନମ୍ବର କେବଳ ଆଧାର କେନ୍ଦ୍ରଗୁଡ଼ିକରେ ଅପ୍‌ଡେଟ୍ ହୋଇପାରିବ।



## ରୟାଲ୍ ଏନଫିଲ୍ଡ ସୁପର୍ ମିଟିଓର୍ ୬୫୦

### ଏକ ନୂଆ ଅବତାରରେ ଆସିବ



**ନୂଆଦିଲ୍ଲୀ,**୧୬।୬: ରୟାଲ୍ ଏନଫିଲ୍ଡ ଏହାର କ୍ରୁଜର ବାଇକ ସୁପର ମିଟିଓର ୬୫୦କୁ ଏକ ନୂଆ ଅବତାରରେ ଆଣିବାକୁ ପ୍ରସ୍ତୁତ ହେଉଛି । ସ୍ପେନର ରାସ୍ତାରେ ଟେଷ୍ଟିଂ ସମୟରେ ଦେଖାଯାଇଥିବା ଏହି ଅପଡେଟେଡ୍ ମଡେଲର ଫଟୋଗୁଡ଼ିକ ପ୍ରମାଣ କରୁଛି ଯେ କମ୍ପାନୀ ଏହାକୁ ଖୁବ୍ ଶୀଘ୍ର ବଜାରରେ ଲଞ୍ଚ କରିପାରିବ । ଯଦି ଆପଣ ରୟାଲ ଏନଫିଲ୍ଡରୁ ଏକ ପାୱାରଫୁଲ୍ ଏବଂ ଷ୍ଟାଇଲିସ୍ ବାଇକ୍ କିଣିବାକୁ ଭାବୁଛନ୍ତି, ତେବେ ଏହି ସୂଚନା ଆପଣଙ୍କ ପାଇଁ ଉପଯୋଗୀ ହୋଇପାରେ । ତେବେ ଆସନ୍ତୁ ଏହା ବିଷୟରେ ଡିଟେଲ୍ସ ଜାଣିବା । ଅପଡେଟ୍ ହୋଇଥିବା ସୁପର୍ ମିଟିଓର୍ ୬୫୦ ର ଲୁକ୍ ରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ । ଏହାର ସାଇଡ୍ ପ୍ୟାନେଲରେ '୬୫୦' ବ୍ୟାଜ୍ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି, ଯାହା ଏହାର ଇଞ୍ଜିନ୍ ପ୍ଲାଟଫର୍ମକୁ ନିଶ୍ଚିତ କରେ । ବିଶ୍ୱାସ କରାଯାଉଛି ଯେ ନୂଆ ମଡେଲରେ ରାଇଡକୁ ଉନ୍ନତ କରିବା ପାଇଁ ପଛ ସସପେନସନ୍ ଅର୍ଥାତ୍ ସ୍ପ୍ରିଙ୍ଗଗୁଡ଼ିକୁ ଅପଗ୍ରେଡ୍ କରାଯିବ । ଏହା ସହିତ, ଆଗ ସସପେନସନ୍ ରେ ମଧ କିଛି ଅପଗ୍ରେଡ୍ ଆଶା କରାଯାଉଛି । ହେଲେ, ଡିସ୍କ ବ୍ରେକ୍ ବିଷୟରେ କହିବାକୁ ଗଲେ, ବାଇକରେ ଏକ ସିଙ୍ଗଲ୍ ଡିସ୍କ ବ୍ରେକ୍ ସେଟଅପ୍ ଏବେ ବି ଦେଖାଯାଇଛି, ଯାହା ସୂଚିତ କରେ ଯେ ବ୍ରେକିଂ ସିଷ୍ଟମରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ସାମଗ୍ରିକ ଭାବରେ, ଡିଜାଇନ୍ ଦୃଷ୍ଟିରୁ, ଏହି ବାଇକ ପୁରୁଣା ସୁପର୍ ମିଟିଓର୍ ପରି ଦେଖାଯିବ । ଏଥର ଟେଷ୍ଟିଂ ସମୟରେ, ସବୁଠାରୁ ବଡ଼ ପରିବର୍ତ୍ତନ ଯନ୍ତ୍ର କନସୋଲରେ ଦେଖାଯାଇଥିଲା। ବର୍ତ୍ତମାନର ମଡେଲଟି ଏକ ସେମି-ଡିଜିଟାଲ ଡିସପ୍ଲେ ସହିତ ଆସୁଥିବା ବେଳେ, ନୂଆ ବାଇକ୍ରେ ହିମାଳୟ ୪୫୦ ପରି ଏକ ଟିଏଫଟି ସ୍କ୍ରିନ୍ ମିଳିବ ବୋଲି ଆଶା କରାଯାଉଛି। ନୂଆ ଟିଏଫଟି କନସୋଲ ଏବଂ କନେକ୍ଟିଭିଟିକୁ ଉନ୍ନତ କରିବ, ଏବଂ ଏଥିରେ ନାଭିଗେସନ୍ ସପୋର୍ଟ, କଲ୍ ଆଲର୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ସ୍ମାର୍ଟ ଫିଚର୍ସ ମଧ ମିଳିବ ବୋଲି ଆଶା କରାଯାଉଛି । ଟେଷ୍ଟିଂ ୟୁନିଟ୍ରେ ଦେଖାଯାଇଥିବା ଏକ ଡିଭାଇସ୍ ସୂଚାଇ ଦିଏ ଯେ କମ୍ପାନୀ ଇଣ୍ଟରଫେସ୍କୁ ସମ୍ପୂର୍ଣ୍ଣ ଭାବରେ ଅପଗ୍ରେଡ୍ କରୁଛି । ଯଦିଓ ଫିଚର୍ସ ଏବଂ ଡିଜାଇନରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ, କିନ୍ତୁ ଇଞ୍ଜିନରେ କୌଣସି ବଡ଼ ଅପଡେଟ୍ ହେବାର ସମ୍ଭାବନା ନାହିଁ । ଏଥିରେ ସମାନ ୬୪୮ସିସି ପାରାଲାଲ୍-ଟ୍ୱିନ୍ ଇଞ୍ଜିନ୍ ମିଳିବ, ଯାହା ୪୭ ବିଏଚପି ପାୱାର ଏବଂ ୫୨ ଏନଏମ ଜେନେରେଟ୍ କରିବ । ଏହାକୁ ୬-ସ୍ପିଡ୍ ଗିଅରବକ୍ସ ସହିତ ଯୋଡାଯିବ। ଏହି ଇଞ୍ଜିନ୍ ପୂର୍ବରୁ ଏହାର ସ୍ମୁଥ୍ ରାଇଡ୍ ଏବଂ ଗୁଡ୍ ପରଫରମାନ୍ସ ପାଇଁ ଜଣାଶୁଣା, ତେଣୁ କମ୍ପାନୀ ଏହାକୁ କୌଣସି ପରିବର୍ତ୍ତନ ବିନା ବଜାୟ ରଖିପାରିବ । ଆପଣଙ୍କୁ କହି ରଖୁଛୁ ଯେ ସୁପର୍ ମିଟିଓର୍ ୬୫୦ କୁ ସ୍ପେନ ଭଳି ଇଣ୍ଟରନାଲ୍ ଲୋକେସନ୍ ଟେଷ୍ଟିଂ କରାଯାଇଥିବା ଦେଖାଯାଇଛି, ଯାହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ରୟାଲ ଏନଫିଲ୍ଡ ଏହି ମଡେଲକୁ କେବଳ ଭାରତରେ ନୁହେଁ ବରଂ ଗ୍ଲୋବାଲ୍ ମାର୍କେଟରେ ମଧ ଉପସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛି । ଏହି ବାଇକଟି କ୍ରୁଜର ସେଗମେଣ୍ଟରେ ଏକ ଝଲକ ସୃଷ୍ଟି କରିସାରିଛି ଏବଂ ବର୍ତ୍ତମାନ ଅପଡେଟେଡ୍ ଭର୍ସନ ସହିତ, ଏହା ଆହୁରି ଇଣ୍ଟରନ୍ୟାସନାଲ୍ ମାର୍କେଟ ପାଇଁ ପ୍ରସ୍ତୁତ ଦେଖାଯାଉଛି ।

## ସୁନା ରୁପା ଦର



ଲକ୍ଷେ ଉପରେ ସୁନା ଦର । ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧, ୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୩ ହଜାର ୦୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧, ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୩ ହଜାର ୦୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୧, ୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୦୧, ୦୧,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର ୦୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧, ୫୧୦ ଓ ୯୩, ୦୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି ।

## ପେଟ୍ରୋଲ, ଡିଜେଲ ଦର



ଆଜି ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ଚାଲନ୍ତୁ ଜାଣିବା ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍ । ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।



## ମାଛ, ମାଂସ ଦୋକାନ ସହ ରେଷ୍ଟୁରାଣ୍ଟ ବନ୍ଦ କଲା ବିଞ୍ଝାରପୁର ତହସିଲ ପ୍ରଶାସନ

**ବିଞ୍ଝାରପୁର,୧୬।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ବଢ଼ି ଚାଲିଛି ହଇଜାର ଭୟାବହତା। ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୦ ଟପିବାକୁ ବସିଥିବା ବେଳେ ମୃତକଙ୍କ ସଂଖ୍ୟା ପାଖା ପାଖି ୧୦ ଛୁଇଁଲାଣି। ତେବେ ଏ ନେଇ ସଜାଗ ରହିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଆଜି ବିଞ୍ଝାରପୁର ତହସିଲ୍ ପ୍ରଶାସନ ପକ୍ଷରୁ ଏକ ସର୍ବସାଧାରଣ ନିର୍ଦ୍ଦେଶନାମା ଜାରି ହୋଇଛି। ହଇଜା ସଂକ୍ରମଣ କୁ ଦୃଷ୍ଟିରେ ରଖି ସମସ୍ତ ଢ଼ାବା, ଫାଷ୍ଟ ଫୁଡ ଦୋକାନ, ଗୁପଚୁପ ଦୋକାନ, ଆଇସକ୍ରିମ କାରଖାନା, ପାଣି ପାଉଚ କାରଖାନା, ଚିକେନ ମଟନ ଦୋକାନକୁ ଦୁଇ ସପ୍ତାହ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିବାହ, ବ୍ରତଘର, ଜନ୍ମଦିନ ତଥା ସମୂହ ଭୋଜି କୁ ବର୍ଜନ କରିବାକୁ ନିବେଦନ କରାଯାଇଛି।ହୋଟେଲ, ଜଳଖିଆ ଦୋକାନ,ମିଠା ଦୋକାନରେ ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥାରେ ଖିଲାପ ଦୃଷ୍ଟି ଗୋଚର ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ତହସିଲଦାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।ବିଂଝାରପୁର ତହସିଲଦାର ସୁଧାଂଶୁ ଶେଖର ସାଓ ସ୍ଥାନୀୟ ପୋଲିସ ପ୍ରଶାସନ ସହାୟତାରେ ଅଳକୁଣ୍ଡ, ପ୍ରୀତି ପୁର, ଗୋବିନ୍ଦ ପୁର, ବିଞ୍ଝାରପୁର ହାଟରେ ଥିବା ଚିକେନ ମଟନ ଦୋକାନ, ଫାଷ୍ଟ ଫୁଡ ଦୋକାନ, ରେଷ୍ଟୁରାଣ୍ଟ ଗୁଡ଼ିକୁ ବନ୍ଦ କରିଛନ୍ତି।

## ଟ୍ରକ ଧକ୍କାରେ ବୃଦ୍ଧ ମୃତ, ଅଟୋ ଚାଳକ ଗୁରୁତର



**କଳାହାଣ୍ଡି,୧୬।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଥାନା ଅଂତର୍ଗତ ଓରିୟନ ହୋଟେଲ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବଳଦିଆମାଳ ରାସ୍ତା ମାର୍ଗରୁ ଭବାନୀପାଟଣାକୁ ଯାଉଥିବା ଏକ ଟ୍ରକ ବାଇକ ଓ ଅଟୋକୁ ପଛରୁ ଭୟଙ୍କର ଧକ୍କା ଦେଇଥିଲା। ଏହି ଧକ୍କାରେ ବାଇକରେ ଥିବା ବୃଦ୍ଧ ଜଣକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଅଟୋ ଚାଳକ ଗୁରୁତର ଭାବେ ଆହତ ହୋଇଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜୁନାଗଡ଼ ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣା ପରେ ଟ୍ରକ ଚାଳକ ଟ୍ରକ ଛାଡି ଚମ୍ପଟ ମାରିଥିବାର ସୂଚନା ମିଳିଛି। ମୃତ ବୃଦ୍ଧ ଓ ଗୁରୁତର ଅଟୋ ଚାଳକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଦୂତୀ ମେଣ୍ଡି ଓ ଅରାପାଜୁରେ ବିକାଶ ବାହାନ କାର୍ଯ୍ୟକ୍ରମ



**କନ୍ଧମାଳ, ୧୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ରରେ ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ସରକାର ୧ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କର ବିଭିନ୍ନ ଜନ ହିତକାରୀ କଲ୍ୟାଣ ଯୋଜନା କିପରି ଜନସାଧାରଣ ପାଖରେ ପହଞ୍ଚିବ ସେଥିପାଇଁ ଲୋକ ମାନଙ୍କୁ ସଚେତନ କରିବା ସହିତ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ରମରେ ରାସନ୍ କାର୍ଡ, ଆବାସ ଗୃହ କାର୍ଯ୍ୟାଦେଶ ପରି ବିଭିନ୍ନ ଯୋଜନା ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଦୂତୀ ମେଣ୍ଡି ସରପଞ୍ଚ ଦମୟନ୍ତୀ ମଲିକ, ସମିତି ସଭ୍ୟା ଉଶାବତୀ ଗଣ୍ଡା, ଅରାପାଜୁ ସରପଞ୍ଚ ଭାଗ୍ୟବତୀ ଦେହୁରୀ, ସମିତି ସଭ୍ୟା ସୁଭଦ୍ରା ବେହେରା, ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ବିଜେପି ମଣ୍ଡଳ ସଭାପତି ରଞ୍ଜନ କୁମାର କହଁର, ଖଜୁରୀପଡା ବିଡ଼ିଓ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହାନିପତି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

## ରାଜାବଗିଚାରେ ତ୍ରିଦେବୀ ମନ୍ଦିର ପ୍ରତିଷ୍ଠା



**ନୀଳଗିରି,୧୬।୬ (ସଂଚାର ବ୍ୟୁରୋ):** ନୀଳଗିରି ବିଜ୍ଞାପିତଅଞ୍ଚଳ ପରିଷଦ ଅଧୀନ ୨ନଂ ୱାର୍ଡ ରାଜାବଗିଚାରେ ରବିବାର ତ୍ରିଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ମନସା, ମା' କାଳୀବସନ୍ତୀ, ମା' ପଶ୍ଚିମା ଏବଂ ଛତ୍ରମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ସହ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧିବାସ, ନାମଯଜ୍ଞ, ପୂଜାପାଠ ମଧ ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ୧ନଂ ୱାର୍ଡ଼ କାଉନସିଲର ରତିପ୍ରଭା ସାହୁ, ନେତ୍ରୀ ରଜନୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରିଥିବା ଦେଖିବାକୁ ମିଳିଛି ।

# ଅବାଧରେ ଚାଲିଛି ଚୋରାମଦ କାରବାର

**ଦଶରଥପୁର,୧୬।୬ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତସ୍ଥ ରାଧାବଲ୍ଲଭପୁର ଛକ ଓ ଛତ୍ରପଡା ଛକ ମଝିରେ ମୁଖ୍ୟ ରାସ୍ତା କଡରେ ଥିବା ଏକ ଛଣ ଛପର ଘରେ ଖୁଲମ ଖୁଲା ଭାବେ ଚୋରା ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି।

**ଚିର ନିଦ୍ରାରେ ଅବକାରୀ ବିଭାଗ**



ଅଭିଯୋଗ ଅନୁଯାଇ ଏହି ଛଣ ଛପର ଘରେ ମଦ୍ୟପମାନେ ବସି ମଦ ପିଉଥିବା ବେଳେ ସେହି ଘରଟି ବାର ଭଳି ବ୍ୟବହାର ହେଉଛି। ସେହିପରି ଚୋରା ମଦ ବ୍ୟବସାୟୀ ଜଣକ ଛଣ ଛପର ଘରର ବିପରିତ ପାର୍ଶ୍ୱରେ ଥିବା ଏକ ଘରେ ମଦ ମହଜୁଦ ରଖୁଥିବା ନେଇ ଅଭିଯୋଗ ହୋଇଛି। ଏହି ଛକଟି ଦଶରଥପୁର ଥାନା ଅଧିନରେ ଯାଉଥିବା ବେଳେ ଦଶରଥପୁର ଥାନା ଅଧିକାରୀ ଏହି ଚୋରା ମଦ ବ୍ୟବସାୟୀ ଜଣକ ବାବଦରେ କୌଣସି ଟେର ପାଉନଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ମାତ୍ର ଏହି ଚୋରା ବାର ଠାରୁ ଅସନପୁର ସରପଞ୍ଚଙ୍କ ଘର ପ୍ରାୟ ୫ ସହ ମିଟର ଦୂରରେ ହୋଇଥିଲେ ମଧ ସରପଞ୍ଚ ନିଜେ ମଧ ଏହି ଚୋରା ମଦ ବ୍ୟବସାୟୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏବେ ପଞ୍ଚାୟତର ଜନସାଧାରଣ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଏପରିକି ଯେଉଁ ମୁଖ୍ୟ ରାସ୍ତା କଡରେ ଏହି ଚୋରା ମଦ କାରବାର ହେଉଛି ସେହି ରାସ୍ତାଟି ମଧୁପୁର ଠାରୁ ବିଂଝାରପୁରକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ସହ ସହ ଜନସାଧାରଣ ଯାତାୟତ କରିଥାନ୍ତି। ସେହିପରି ଏହି ରାସ୍ତା ଦେଇ ସାଧୁଗୌରେଶ୍ୱର ମହାବିଦ୍ୟାଳୟ, ମଙ୍ଗଳପୁର ମହିଳା ମହାବିଦ୍ୟାଳୟ, ଯୁଣଭଦ୍ରା ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଯାତାୟତ କରିଥାନ୍ତି। ମଦ୍ୟପ ମାନଙ୍କ ଭୟରେ ଉକ୍ତ ରାସ୍ତା ଦେଇ ଜନସାଧାରଣ ଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀମାନେ ଯାତାୟତ କରିବା ପାଇଁ ସୁରକ୍ଷିତ ମଣୁ ନାହାଁନ୍ତି। ଏପରିକି ଅନେକ ସମୟରେ ମଦ୍ୟପମାନେ ରାସ୍ତାରେ ଯାଉଥିବା ପଥଚାରି ମାନଙ୍କ ଠାରୁ ଟଙ୍କା, ମୋବାଇଲ ଓ ସୁନା ଚେନ ଛଡାଇ ନେବା ଭଳି ଘଟଣା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଉକ୍ତ ଛକରେ ଅନେକ ସମୟରେ ମଦ୍ୟପ ମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ଦେଖିବା ପାଇଁ ମିଳିଛି।

ଏ ସମ୍ପର୍କରେ ଗ୍ରାମବାସୀମାନେ ଯାଜପୁର ଅବକାରୀ ବିଭାଗର ସୁପରିଟେଣ୍ଡଙ୍କୁ ମଧ ଜଣାଇଛନ୍ତି। ତେଣୁ ଦଶରଥପୁର ଥାନା ଅଧିକାରୀ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହୋଇଛି।



## ମା' ଭୁଧାରଚଣ୍ଡୀଙ୍କ ପୀଠରେ ଉଡାପର୍ବ ଅନୁଷ୍ଠିତ

● ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

**ନୀଳଗିରି,୧୬।୬ (ସଂଚାର ବ୍ୟୁରୋ):** ନୀଳଗିରିର ସଜନାଗଡ଼ ଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜ ସଂକ୍ରାନ୍ତି ଉପଲକ୍ଷେ ରବିବାର ମହାଆଡମ୍ବର ରେ ଉଡାପର୍ବ ହଜାର ହଜାର ଭକ୍ତଙ୍କର ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗତ ୯ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ତାର ପରଦିନଠାରୁ ଗଡ଼ବାସୁଳି ଦାସି, ପାଟଭକ୍ତା, ଦେଶଭକ୍ତା, ମା' ଭୂଧାରଚଣ୍ଡୀଙ୍କ ଦାସି (କାଳିସି) ଗଡବାସୁଳିଙ୍କ ଖଣ୍ଡ ଧରି ସଜନାଗଡ଼ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ଶୁକ୍ରବାର ମଧରାତ୍ରିରେ ଭକ୍ତମାନେ ସଜନାଗଡ ଚଣ୍ଡୀ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶାଘଟ ଉତ୍ତୋଳନ ପୂଜା ବିଧି ସରିବା ପରେ ମା' ଙ୍କ ମନ୍ଦିରକୁ ଆସି ଘଟ ସ୍ଥାପନ କରିଥିଲେ। ଶନିବାର ସକାଳେ ମା' ଭୁଧାରଚଣ୍ଡୀଙ୍କ ପୀଠରେ ନୀତିକାନ୍ତି ସରିବା ପରେ ହୋଇଥିଲା ହୋଇଥିଲା ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଥିଲା। ସେହିପରି ରବିବାର ମଧରାତିରେ ୫୦ରୁ ଉର୍ଦ୍ଧ୍ୱ ଭକ୍ତାମାନେ ନିକଟସ୍ଥ ଚଣ୍ଡୀପୋଖରୀରେ ସ୍ନାନ କରି ଢୋଲ, ମହୁରୀ ଏବଂ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ତାଳେତାଳେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଚଣ୍ଡୀମନ୍ଦିର ସମ୍ମୁଖସ୍ଥ ଉଡାପଡ଼ିଆରେ ସମ୍ମିଳିତ ହୋଇଥିଲେ। ରାତ୍ରି ପ୍ରାୟ ୧ଟା ପରେ ମନ୍ଦିରର ପୂଜକ ବିଜୟ ପଣ୍ଡାଙ୍କ ନୀତି ସମାପନପରେ ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁଙ୍କ ନିର୍ଦ୍ଦେଶରେ ପ୍ରାୟ ୩୫ଫୁଟ ଉଚ୍ଚତା ବିଶିଷ୍ଟ ଖମ୍ବରେ ଭକ୍ତାମାନେ ମା'ଙ୍କ ନାମ ସ୍ମରଣ କରି ପ୍ରଥମେ ଚଣ୍ଡୀଙ୍କ ଭକ୍ତା, ପରେ ଗଡବାସୁଳିଙ୍କ ଭକ୍ତା, ପରେପରେ ଦେଶଭକ୍ତା ଏବଂ ମାନସିକ ଭକ୍ତା ଜଣେ ପରେ ଜଣେ ଶରୀରର ବିଭିନ୍ନ ସ୍ଥାନରେ ଲୁହାରେ ନିର୍ମିତ କଣ୍ଟା ଫୋଡ଼ି ଉଡ଼ିଥିଲେ। ଏହି ଅବସରରେ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଏବଂ ଦର୍ଶନାର୍ଥି ଏହି ପର୍ବକୁ ଉପଭୋଗ କରିଥିବାର ଦେଖିବାକୁ ମିଳିଥିଲା। ଏଥି ପାଇଁ ପ୍ରଶାସନ ପକ୍ଷରୁ ଭିଡକୁ ନିୟନ୍ତ୍ରଣ ଓ ଶୃଙ୍ଖଳା ପାଇଁ ପୋଲିସ ମୃତୟନ କରାଯାଇଥିଲା।

## ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଫେରିଲେ ଗଣେଶ

**କଳାହାଣ୍ଡି,୧୬।୬ (ସଂଚାର ବ୍ୟୁରୋ):** ବାରମ୍ବାର ଦାଦନ ମୃତ୍ୟୁରେ ଚର୍ଚ୍ଚିତ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ମୃତ୍ୟୁର ବିଭୀଷିକା ଖେଳୁଛି ଗରିବୀ। ଦାରିଦ୍ର୍ୟ ତାଡନାରେ ଲୋକେ ବାଧ ହୋଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। କିଏ ପଙ୍ଗୁ ହେଉଛି ତ କିଏ କଟା ହାତଗୋଡ଼ ଧରି ଆସୁଛି, ଆଉ କିଏ ଶବ ହୋଇ ଫେରୁଛନ୍ତି। ଆଉ କିଏ ଫେରି ମଧ ପାରୁନାହାନ୍ତି। ଆଜି ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଆସିବା ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ସାନଚେରଗାଁ ଗ୍ରାମର ଗଣେଶ ବାଗଙ୍କ ମୃତଶରୀର ନିଜ ବାସଭବନକୁ ଫେରିଛି। ଗତ କିଛି ଦିନ ତଳେ ତେଲେଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ମେଡକ ଜିଲ୍ଲା ମନୋହରବାଦ ଥାନା ଅନ୍ତର୍ଗତ ଜେଡିପଲ୍ଲୀ ରାସ୍ତା ପାର୍ଶ୍ୱରେ ଥିବା ଆଜାଦ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେ ମିସିଙ୍ଗ ହୋଇଥିବା ନେଇ କମ୍ପାନୀ ମାଲିକ ସେଠାକାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ଗତ ଜୁନ ୧୨ ତାରିଖରେ ମୃତ ଶରୀର ମିଳିବାରୁ ମନୋହରବାଦ ପୁଲିସ ୧୭୩/୨୫ରେ ଏକ କେଶ ରୁଜୁକରି ଶବ ବ୍ୟବଚ୍ଛେଦ କରି କମ୍ପାନୀକୁ ହସ୍ତାନ୍ତର କରିଥିଲେ । କମ୍ପାନୀ ମାଲିକ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ନିଜର ଜନ୍ମମାଟିକୁ ପଠାଇଥିବା ବେଳେ ଆଜି ତାଙ୍କର ମୃତ ଶରୀର ଗାଁକୁ ଫେରିଛି । ଆଜି ମୃତ ଶରୀର ଗାଁକୁ ପହଞ୍ଚିବା ବେଳକୁ କେଗାଁ ପୁଲିସ ପହଞ୍ଚି ଶବଟିକୁ ଜବତ କରିବା ସଙ୍ଗେ ଆମ୍ବୁଲାନ୍ସ ଗାଡିକୁ ବି ଅଟକ ରଖିଛି। ଏପଟେ ମୃତକର ପରିବାର ବର୍ଗଙ୍କୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଗାଡି ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

## ରାଜଗାଙ୍ଗପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୧୬।୬ (ସଂଚାର ବ୍ୟୁରୋ):** ରାଜଗାଙ୍ଗପୁର ବ୍ଲକ ଠାରେ ସୋମବାର ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ।



ମୋଟ ୯୬ ଗୋଟି ଅଭିଯୋଗ ମଧ୍ୟରୁ ୪୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୫ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ତାହା ମଧ୍ୟରୁ ୭ ଗୋଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆଇ ଏ ଏସ ଶିକ୍ଷାନବିଶ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## 'ମୋ ଓଡ଼ିଆ ସମାଜ' ପକ୍ଷରୁ ମୁମ୍ବାଇରେ ରଜ ପର୍ବ ପାଳିତ

**ବୈଶିଙ୍ଗା,୧୬।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଅଞ୍ଚଳର ସୁଯୋଗ୍ୟ ସନ୍ତାନ ଚୈତନ୍ୟ ଖଣ୍ଡାଙ୍କ ସଂଯୋଜନାରେ ଚଳିତ ବର୍ଷ ଗତ ଜୁନ ୧୫ ତାରିଖରେ ମୁମ୍ବାଇର ମୀରା ରୋଡ ସ୍ଥିତ ଅଗ୍ରଣୀ ପ୍ରବାସୀ ଓଡ଼ିଆଙ୍କ ସଂସ୍ଥା 'ମୋ ଓଡ଼ିଆ ସମାଜ' ତରଫରୁ ରଜ ପର୍ବ ମହା ଆଡମ୍ବରରେ ପାଳନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ସ୍ଥାନୀୟ ନଗର ସେବିକା ତଥା ସମାଜସେବୀ ସୁଶ୍ରୀ ନିଲା ସନସ୍ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ପ୍ରବାସୀ ଓଡିଆ ଡ଼ଃ ହୟଗ୍ରୀବ ଗୁରୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିରେନ୍ଦ୍ର ରାଉଳ, ଚୈତନ୍ ଖଣ୍ଡା, ସୌମେନ୍ଦ୍ର ସାହୁ, କେଦାରନାଥ ମହାରଣା,ଅନିଲ ସେନାପତି, ବଦ୍ରିନାରାୟଣ ସୁବୁଦ୍ଧି, ରତିକାନ୍ତ ବେହେରା, ପ୍ରଶାନ୍ତ ଜେନା,ଉପେନ୍ଦ୍ର ବେହେରା, ଦିଲ୍ଲୀପ ସାହୁ, ବିଜୟ ଜେନା, ସଞ୍ଜୟ ଶତପଥୀ, ଦେବଶ୍ରୀ,




ଆହୁତି, ତୃପ୍ତି, ପ୍ରତିମା, ସଂଗୀତା, ଜ୍ୟୋତ୍ସ୍ନାଙ୍କ ସହିତ ମୋ ଓଡିଆ ସମାଜ ସଂସ୍ଥାର ଅନେକ ସଭ୍ୟସଭ୍ୟାମାନେ ଯୋଗଦେଇଥିଲେ। ଶ୍ରୀ ଚୈତନ ଖଣ୍ଡା ସଂସ୍ଥାର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଓଡ଼ିଶାର ପରମ୍ପରା ଓ ଐତିହ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ । ଓଡିଆ ଗୀତ ଏବଂ ରଜ ଗୀତ ସହିତ ନୃତ୍ୟ ପରିବେଷଣ କରାଯାଇଥିଲା। ଉପସ୍ଥିତ ଓଡିଆ ଭାଇ ଭଉଣୀମାନେ ବହୁତ ଆନନ୍ଦ ଅନୁଭବ କରି ଥିଲେ। କାର୍ଯ୍ୟକ୍ରମରେ ଓଡିଆ ଖାଦ୍ୟ ପରିବେଷଣ କରାଯାଇଥିଲା । ତା ପରେ ପାନ ଖାଇ ସମସ୍ତେ ଖୁସିରେ ଦୋଳି ଖେଳି ଥିଲେ ।

## ଗୋଟୋମୁଣ୍ଡା ପଞ୍ଚାୟତରେ ପହଞ୍ଚିଲା ବିକାଶ ବାହନ ରଥ

**ଭବାନୀପାଟଣା,୧୬।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ୧ ବର୍ଷ ଆଜି ପୂରଣ ହୋଇଥିବା ବେଳେ ଏହି ସ୍ମରଣୀୟ ଦିନ କୁ ପାଳନ ପାଇଁ ପ୍ରତି ବ୍ଲକ ସ୍ତରରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୧ ବର୍ଷ ର ଉପଲବ୍ଧି ଲୋକାଭିମୁଖୀ ଯୋଜନାକୁ ଗାଁ ଗାଁରେ ପହଞ୍ଚିବା ପାଇଁ ବିକାଶ ବାହାନ ରଥର ଶୁଭାରମ୍ଭ ହୋଇଛି। କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତରେ ଶନିବାର ଦିନ ଏହି ରଥ ପହଞ୍ଚିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପୂଝାରୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି

**ଗାଇଲା ବିକାଶର ଗାଥା**

ଭାବେ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ମୁଖ୍ୟ ବକ୍ତା ଭାବେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ମାନିତ ଅତିଥି ଭାବେ, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ଦ୍ରୋଣଚାର୍ଯ୍ୟ ପୂଝାରୀ , ବିଜେପି ଉପ ସଭାପତି ନକୁଲ ନାଏକ ,ନାଏବ ସରପଞ୍ଚ ପାର୍ଥବ ମାଝୀ ମଞ୍ଚରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀ ଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଆବାସ ଘର କାର୍ଯ୍ୟାଦେଶ, ନୂତନ ରାସନ କାର୍ଡ଼,ବୟୋ ବନ୍ଦନା କାର୍ଡ, ନିର୍ମାଣ ଶ୍ରମିକ ଶ୍ରମ କାର୍ଡ,ଭତ୍ତା କାର୍ଡ ଉପସ୍ଥିତ ଅତିଥିମାନେ ବଣ୍ଟନ କରିଥିଲେ।କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝୀ ପଞ୍ଚାୟତ ର ପିଇଓ ,ଏଡିଇଓ, କର୍ମଚାରୀ ସମେତ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।




**ସାମାନ୍ୟ ବର୍ଷାରେ ପୋଖରୀ ଭ୍ରମ ସୃଷ୍ଟି କରୁଛି ହିଞ୍ଜିଳି ବସଷ୍ଟାଣ୍ଡ ପରିସର**

## ଯାତାୟାତରେ ସମସ୍ୟା, ଅଧିକାରୀଙ୍କ ତଦାରଖ କେବେ ?

**ହିଞ୍ଜିଳିକାଟୁ,୧୬।୬ (ସଂଚାର ବ୍ୟୁରୋ):** ହିଞ୍ଜିଳି ବସଟର୍ମିନାଲ ପରିସରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ପରିସର ପୋଖରୀ ଭ୍ରମ ସୃଷ୍ଟି ହେଉଛି। ଲଗାଣ ବର୍ଷା ହେଲେ ପରିସ୍ଥିତି ଆହୁରି ଶୋଚନୀୟ ହୋଇପଡୁଛି। ବସ ପ୍ରବେଶ କରୁଥିବା ରାସ୍ତାରେ ଜମୁଥିବା ପାଣି ବସଷ୍ଟାଣ୍ଡ ପରିସର ସନ୍ତସନ୍ତିଆ ପରିବେଶ ସୃଷ୍ଟି କରିଦେଉଛି । କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସ ଟର୍ମିନାଲ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ କରିଥିବା ବେଳେ ପରିସ୍ଥିତି ଶୋଚନୀୟ ପାଲଟିଯାଇଛି ।




ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା । ବସ ଟର୍ମିନାଲ ପରିସରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଜମା ହୋଇ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହୋଇଥିଲା। ପରେ ସୋମବାର ସକାଳୁ ସକାଳୁ ବସ ଟର୍ମିନାଲ ପରିସରକୁ ପ୍ରବେଶ କରିଥିଲା ଶହ ଶହ ବସ । ପ୍ରବେଶ ବେଳେ ପରିସର ଆହୁରି ସନ୍ତସନ୍ତିଆ ହୋଇଯାଇଥିଲା। ଯାହା ଫଳରେ ବସ ଟର୍ମିନାଲକୁ ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ସମସ୍ୟା ହୋଇଛି। ବର୍ଷା ପାଣି ନିଷ୍କାସିତ ନ ହେବା ଦ୍ୱାରା ନିକଟରେ ରହିଥିବା ହୋଟେଲ ଏବଂ କିଛି ଦୋକାନ ମାନଙ୍କରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

ତେବେ ପାଣି ଜମା ହୋଇ ରହିଥିବା ଭିଡିଓ ଓ ଫଟୋ ଆଜି ସକାଳୁ ସକାଳୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ବସ ଟର୍ମିନାଲ ନିକଟରେ ରହିଛି ପୌରପରିଷଦ କାର୍ଯ୍ୟାଳୟ କିନ୍ତୁ ବାରମ୍ବାର ଏହି ସମସ୍ୟା ଅଧିକାରୀ ଠାରୁ ଆରମ୍ଭ କରି ଯନ୍ତ୍ରୀ ମାନେ ଆଖିରେ ଦେଖୁଥିଲେ ମଧ୍ୟ ସମାଧାନ କେମିତି କରାଯିବ ତାହା ନେଇ ଇଚ୍ଛା ପ୍ରକାଶ କରିନାହାନ୍ତି। ତେବେ ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଉ ନେଇ ସାଧାରଣରେ ଦାବି ହୋଇଛି ।

## ଶିକ୍ଷାବିତ ନିତ୍ୟାନନ୍ଦ ମହାନ୍ତିଙ୍କ ପରଲୋକ

**ନର୍ଲା,୧୬।୬ (ସଂଚାର ବ୍ୟୁରୋ):** ରୁପ୍ରାରୋଡ ହାଇସ୍କୁଲର ପୂର୍ବତନ ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହେଉଥିଲା। ସଂସ୍କୃତ ଭାଷା ସାହିତ୍ୟର ଧୁରୀଣ ପଣ୍ଡିତ ଥିବା ସହ ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ସୁପରିଚିତ ଥିଲେ। ରୁପ୍ରାରୋଡ ଗାୟତ୍ରୀ ମନ୍ଦିର ନିର୍ମାଣ ପାଇଁ ସେ ଜମିଦାନ କରିବା ସହ ଗାୟତ୍ରୀ ପରିବାରର ସକ୍ରୀୟ ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ରବିବାର ସନ୍ଧ୍ୟାରେ ସେ ରୁପ୍ରାରୋଡ ସ୍ଥିତ ତାଙ୍କ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସୋମବାର ସ୍ଥାନୀୟ ସାନ୍ଦୁଳ ନଦୀ ତଟରେ ଗାୟତ୍ରୀ ସଂସ୍କାର ଅନୁସାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ନିରଜ ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରୁପ୍ରାରୋଡ ଗାୟତ୍ରୀ ପରିବାର, ରୁପ୍ରାରୋଡ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।






ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପ୍ରସଙ୍ଗରେ ସାଉଦି ଆରବର କିଙ୍ଗ୍ ଫୈଜଲ୍ ସ୍ପେସିଆଲିଷ୍ଟ୍ ହସ୍ପିଟାଲ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର୍ ହାସଲ କରିଥିବା ଏକ ବିରଳ କୃତିତ୍ୱ ଏବେ ଭେଷଜ ବିଜ୍ଞାନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ୨୦୧୯ ମସିହାରେ ସେଠାରେ ରୋବଟ୍ ସାହାଯ୍ୟରେ ଅସ୍ତ୍ରୋପଚାର ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାରର ପାଖାପାଖି ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ସଂପନ୍ନ ହୋଇସାରିଛି। ତେବେ ସେଥି ମଧ୍ୟରେ ସଫଳତା ହାର ୯୮ ପ୍ରତିଶତ ରହିବା ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉକ୍ତ ଡାକ୍ତରଖାନାର ଏହି ଅନନ୍ୟ କୃତିତ୍ୱ ତାହାକୁ ବିଶ୍ୱସ୍ତରରେ ରୋବଟ୍ ଦ୍ୱାରା ହୃତ୍‌ପିଣ୍ଡ ଚିକିତ୍ସାରେ ଅଗ୍ରଣୀ ଅନୁଷ୍ଠାନ ହେବାର ଗୌରବ ଅର୍ପଣ କରିଛି। ଏଥି




# ହୃତ୍‌ପିଣ୍ଡ ଅସ୍ତ୍ରୋପଚାରରେ ରୋବଟ୍ ଆଗରେ

ସହିତ ରୋଗୀମାନଙ୍କ ମଧ୍ୟରେ ପାରମ୍ପରିକ ଅସ୍ତ୍ରୋପଚାର ପଦ୍ଧତି ଅପେକ୍ଷା ରୋବଟ୍ ଅସ୍ତ୍ରୋପଚାରର ଚାହିଦା ବଢ଼ିବାରେ ଲାଗିଛି। ଏହି ଡାକ୍ତରଖାନାରେ ପ୍ରଥମ ବର୍ଷ ମଲ୍‌ଟି-ଭାଲ୍‌ଭ ଅସ୍ତ୍ରୋପଚାର ଓ ଏରୋଟିକ୍ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ୍ ପରି ୧୦୫ଟି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ଖାଲି ସେତିକି ନୁହେଁ, ସେଠାରେ ୧୮ ବର୍ଷରୁ କମ୍ ବୟସର ରୋଗୀଙ୍କ ଠାରେ ମଧ୍ୟ ରିଅପରେଟିଭ୍ ହାର୍ଟ ସର୍ଜରି ପରି ଅତି ବିପଦପୂର୍ଣ୍ଣ ଚିକିତ୍ସା ସଫଳତାର ସହ କରାଯାଇପାରୁଛି।

ସୂଚନାଯୋଗ୍ୟ, ଏ ପ୍ରକାର ରୋବଟ୍ ଅସ୍ତ୍ରୋପଚାରରେ ରୋଗୀ ଦେହରୁ ଖୁବ୍ କମ୍ ରକ୍ତ ନଷ୍ଟ ହେବା ସହ ଯାନ୍ତ୍ରିକ ଭେଣ୍ଟିଲେସନ୍ ବ୍ୟବସ୍ଥାର ଅବଧି ମଧ୍ୟ କମ୍ ରହୁଛି। ଫଳରେ ରୋଗୀମାନେ ଅପେକ୍ଷାକୃତ କମ୍ ସ୍ୱାସ୍ଥ୍ୟ ଜଟିଳତା ସାମନା କରିବା ସହ ଶୀଘ୍ର ଆରୋଗ୍ୟ ଲାଭ କରିପାରୁଛନ୍ତି। ଏଥି ସହିତ ଏହି ରୋବଟ୍ ଅସ୍ତ୍ରୋପଚାର ପଦ୍ଧତିରେ ରୋଗୀ ଶରୀରରେ ଖୁବ୍ କମ୍ କ୍ଷତ ହେଉଥିବାରୁ ସେମାନଙ୍କ ଡାକ୍ତରଖାନା ରହଣି କାଳ ମଧ୍ୟ ୫୦ ପ୍ରତିଶତ କମିଯାଉଛି। ଫଳସ୍ୱରୂପ ରୋଗୀର ସାମୂହିକ ଚିକିତ୍ସା ଖର୍ଚ୍ଚ ୪୦ ପ୍ରତିଶତ କମିଯାଉଛି। ସବୁଠୁ ବଡ଼ କଥା ହେଲା, ଅସ୍ତ୍ରୋପଚାର ପରେ ରୋଗୀଟିଏ ଶୀଘ୍ର ସ୍ୱାଭାବିକ ଦୈନନ୍ଦିନ ଜୀବନ ଯାପନ କରିପାରୁଛି।

**୨୦୧୯ରୁ ବର୍ତ୍ତମାନ ସୁଦ୍ଧା ସାଉଦିରେ ରୋବଟ୍ ଦ୍ୱାରା ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରାଯାଇ ୯୮ ପ୍ରତିଶତ ସଫଳତା ହାର ହାସଲ ହୋଇଛି।**

# ବର୍ଷାଦିନେ ଆଖିର ଯତ୍ନ



ଏବେ ଆମ ରାଜ୍ୟରେ ବର୍ଷା ଋତୁ ଆରମ୍ଭ ହୋଇଛି। ବର୍ଷାଦିନେ ଆମକୁ ଟିକେ ଅଧିକ ସତର୍କ ହେବାକୁ ପଡ଼ିବ। ବିଶେଷ କରି ଆଖିଧରା ରୋଗ ଭଳି ସଂକ୍ରମଣ ପ୍ରତି ସାବଧାନ ରହିବାକୁ ହେବ। ଏଥିଲାଗି ନିମ୍ନୋକ୍ତ ସାବଧାନତା ଅବଲମ୍ବନ କରିବା ଉଚିତ। ବର୍ଷାଦିନେ ଦୈନନ୍ଦିନ ଜୀବନର କିଛି ସାଧାରଣ ତ୍ରୁଟିଠାରୁ ଆମେ ଦୂରେଇ ରହିବା ଜରୁରି। ପ୍ରଥମ ତ୍ରୁଟି ହେଲା, ହାତ ଦୁଇଟିକୁ ନିୟମିତ ନ ଧୋଇବା। ବର୍ଷାଦିନ ହେଉ ବା ଅନ୍ୟ କୌଣସି ଋତୁ, ହାତ ଦୁଇଟିକୁ ନିୟମିତ ଧୋଇବା ଜରୁରି, ବିଶେଷ କରି ଆଖିରେ ହାତ ମାରିବା ପୂର୍ବରୁ ଏହା ନିହାତି ଦରକାର। ଅନ୍ୟଥା ପାପୁଲିରେ ଲାଗିଥିବା ବିଭିନ୍ନ ବୀଜାଣୁ ଓ ଭୂତାଣୁ ଆଖି ସଂସ୍ପର୍ଶରେ ଆସି ସଂକ୍ରମଣ ଆଶଙ୍କା ବଢ଼ାଇଦେବ। ତେବେ ହାତ ଧୋଇବାର ବ୍ୟବସ୍ଥା ଉପଲବ୍ଧ ନଥିଲେ ହ୍ୟାଣ୍ଡ୍ ସାନିଟାଇଜର୍ ବ୍ୟବହାର କରିପାରିବା।

ଦ୍ୱିତୀୟ ତ୍ରୁଟିଟି ହେଉଛି ବାରମ୍ବାର ଆଖି ମଳିବା। ଆମର ଆଖି ସାମାନ୍ୟ କୁଣ୍ଡାଇହେଲେ କି ଆଖିକୁ କିଛି ଅସ୍ୱାଭାବିକ ମନେହେଲେ ଆମେ ସାଧାରଣତଃ ଆଖିକୁ ମଳିଥାଆନ୍ତି। ମାତ୍ର ଏହାଦ୍ୱାରା ବାହାରେ ଥିବା ବୀଜାଣୁ ଓ ଅନ୍ୟାନ୍ୟ ଅଣୁଜୀବମାନଙ୍କୁ ଆମେ ଆଖି ଭିତରକୁ ଠେଲିଦେଇଥା'ନ୍ତି। ତେଣୁ ଆଖି ମଳିବାରୁ ନିବୃତ୍ତ ରହିବା ବାଞ୍ଛନୀୟ। ସେହିପରି ନିଜର କୌଣସି ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀକୁ ଅନ୍ୟ ସହ ବାଣ୍ଟିବା କି ଅନ୍ୟର ସାମଗ୍ରୀ ବ୍ୟବହାର କରିବା ମଧ୍ୟ ଅନ୍ୟତମ ତ୍ରୁଟି। ଏହାଦ୍ୱାରା ସଂକ୍ରମଣଶୀଳ ବୀଜାଣୁଗୁଡ଼ିକ ବ୍ୟାପିବାର ଆଶଙ୍କା ରହିଛି। ଶେଷରେ କେହି ଯଦି ଆଖିରେ କଣ୍ଟାକ୍ଟ ଲେନ୍‌ସ ବ୍ୟବହାର କରୁଥା'ନ୍ତି, ତେବେ ତାହାକୁ ନିୟମିତ ସଫା କରି ସଂକ୍ରମଣମୁକ୍ତ ରଖିବା ଆବଶ୍ୟକ।

# ତାପମାତ୍ରା ବୃଦ୍ଧି ବଢ଼ାଉଛି ନବଜାତ ମୃତ୍ୟୁ

ବିଶ୍ୱର ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶମାନଙ୍କରେ ନବଜାତ ଶିଶୁମାନଙ୍କର ଜୀବନଧାରଣ କ୍ଷମତା ପାଣିପାଗ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି। ବିଗତ ଦୁଇ ଦଶକ ମଧ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱରେ ନବଜାତମାନଙ୍କର ମୃତ୍ୟୁ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତେବେ ନିମ୍ନ ତାପମାତ୍ରା ଅଞ୍ଚଳରେ ଏହି ମୃତ୍ୟୁ ହାର କମ୍ ରହିଛି। ସେହିପରି ଏହି ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ୨୦୦୧ରୁ ୨୦୧୯ ମସିହା ମଧ୍ୟରେ ଉଭୟ ପାରିବେଶିକ ସହନଶୀଳ ଅତି ନିମ୍ନ ଓ ଅତ୍ୟୁଚ୍ଚ ତାପମାତ୍ରା ଯୋଗୁଁ ୪.୩ ପ୍ରତିଶତ ଅଧିକ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ବିଶ୍ୱର ୧୯ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶର ଶିଶୁମାନଙ୍କୁ ବିଚାରକୁ ନେଇ ଗବେଷକମାନେ ଏହି ତଥ୍ୟ ପାଇଛନ୍ତି। ସେମାନଙ୍କ ନିଷ୍କର୍ଷ ଅନୁଯାୟୀ, ୩୨ ପ୍ରତିଶତ ନବଜାତଙ୍କର ମୃତ୍ୟୁ ପାଇଁ ଅତ୍ୟୁଷ୍ମ ପାଣିପାଗ ଦାୟୀ। ପାକିସ୍ତାନ, ମାଲି, ସିଏରା ଲିଅନ୍ ଓ ନାଇଜେରିଆ ଆଦି ଦେଶରେ ଏହି ମୃତ୍ୟୁ ହାର ଲକ୍ଷେ ପିଛା ୧୬୦ ପରି ସର୍ବାଧିକ ରହିଛି। ତେବେ ଉଷ୍ମତା କାରଣରୁ ମୃତ୍ୟୁ ହାର ଫିଲିପିନ୍‌ସ ଓ ହାଇତିରେ ସର୍ବାଧିକ ୭୯ ପ୍ରତିଶତ ଓ ରୁଆଣ୍ଡାରେ ୭୦ ପ୍ରତିଶତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୨ ମସିହାରେ ବିଶ୍ୱରେ ଜନ୍ମରୁ ୨୦ ଦିନ ଭିତରେ ୨୩ ଲକ୍ଷ ଶିଶୁଙ୍କର ମୃତ୍ୟୁ ଘଟିଥିଲା।





# ଟୁଥ୍ ବ୍ରସ୍ ବଦଳାଇବା କେତେବେଳେ ?

ଦନ୍ତ ଓ ମୁଖଗହ୍ୱରର ସୁସ୍ୱାସ୍ଥ୍ୟ ପାଇଁ ଟୁଥ୍ ବ୍ରସ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମ। ବ୍ରସ୍‌ରେ ଟୁଥ୍ ପେଷ୍ଟ୍ ମାରି ଦାନ୍ତରେ ଘଷିଲେ ଫେଣ ବାହାରିବା ପରେ ସବୁ କିଛି ଠିକ୍ ଅଛି ବୋଲି ଆମେ ଆଶ୍ୱସ୍ତ ହୋଇଥାଉ। ତେଣୁ ବ୍ରସ୍‌ର ଅବସ୍ଥା କେମିତି ଅଛି ତାହା ତର୍ଜମା କରିବା ଦରକାର ପଡ଼େନି। ଫଳରେ ପୁରୁଣା ବ୍ରସ୍‌କୁ ବଦଳାଇ ନୂଆ ବ୍ରସ୍ ବ୍ୟବହାରକୁ ଆମେ ଗୁରୁତ୍ୱ କରିଦେଇନଥା'ନ୍ତି ଅଥବା ବିଳମ୍ବିତ କରିଥା'ନ୍ତି। ମାତ୍ର ଏକ ସୁସ୍ଥ ମୁଖଗହ୍ୱର ଓ ସୁନ୍ଦର ଦନ୍ତ ପାଇଁ ଆମେ ନିୟମିତ ବ୍ୟବଧାନରେ ଟୁଥ୍ ବ୍ରସ୍ ବଦଳାଇବା ଉଚିତ ବୋଲି ଦନ୍ତ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି। ଏଥି ସହିତ ବ୍ୟବହାର ହେଉଥିବା ବ୍ରସ୍‌ଟିକୁ ବୀଜାଣୁମୁକ୍ତ ରଖିବା ଲାଗି ସୁରକ୍ଷିତ କରି ରଖିବାକୁ ହେବ।

ସେହିପରି ବ୍ୟବହୃତ ହେଉଥିବା ବ୍ରସ୍‌ଟି ଧୀରେଧୀରେ ଘୋରି ହୋଇ ତାହାର ରୁଆ ବା ବ୍ରିସ୍‌ଲଗୁଡ଼ିକ ଠିକ୍‌ରେ ଦାନ୍ତ ସଫା କରି ପାରନ୍ତିନି। ଏପରିକି ବେଳେ ବେଳେ ସେହି ବ୍ରିସ୍‌ଲଗୁଡ଼ିକ ମୋଡ଼ିମାଡ଼ି ବା ବଙ୍କାଟଙ୍କା ହୋଇ ଠିକ୍‌ରେ ଦାନ୍ତମୂଳରେ ପହଞ୍ଚିପାରନ୍ତିନି। ତେବେ କିପରି ବ୍ରସ୍ ବ୍ୟବହାର କରିବାକୁ ହେବ ଓ କେତେବେଳେ ଆମକୁ ପୁରୁଣା ବ୍ରସ୍ ଛାଡ଼ି ନୂଆଟିଏ ଆପଣେଇବାକୁ ହେବ, ସେ ବାବଦରେ ଜାଣିବା।

ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକ ସାଧାରଣତଃ କୋମଳ, ଅତିକୋମଳ, ମଧ୍ୟମ ଓ କଠିନ ପରି ଚାରି ପ୍ରକାରର ହୋଇଥା'ନ୍ତି। ତେବେ ବ୍ରିସ୍‌ଲର ପ୍ରକାର ଯାହା ହେଉନା କାହିଁକି, ବ୍ରସ୍‌କୁ ଦାନ୍ତରେ ଜୋରରେ ମାଡ଼ି ଘଷିବା କ୍ଷତିକାରକ। ଏହାଦ୍ୱାରା ଦନ୍ତକ୍ଷୟ ସହ ମାଢ଼ିରେ କ୍ଷତି ପହଞ୍ଚି ଯନ୍ତ୍ରଣା ହେବାର ଆଶଙ୍କା ରହିଛି। ନିର୍ଦ୍ଦିଷ୍ଟ ବ୍ରିସଲ୍ ବାଦ ନମନୀୟ (ଫ୍ଲେକ୍ସିବଲ୍) ବେକ ଥିବା ବ୍ରସ୍ ବ୍ୟବହାର କରିବା ଉଚିତ। ଏହା ଦ୍ୱାରା ବ୍ରସ୍‌ଟି ପାଟି ଭିତରର ବିଭିନ୍ନ ସ୍ଥାନକୁ ସୁବିଧାରେ ପହଞ୍ଚି ଦାନ୍ତଗୁଡ଼ିକୁ ସଫା କରିଥାଏ। ମୁଖ୍ୟ କଥା ହେଲା, ଦାନ୍ତ ଘଷିବା ଆଗରୁ ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକୁ ନିରୀକ୍ଷଣ କରି ତାହା ବ୍ୟବହାର ଉପଯୋଗୀ ନା ନାହିଁ ତାହା ନିଶ୍ଚିତ ହେବା ଦରକାର। ତେବେ ପ୍ରତି ତିନିରୁ ଚାରି ମାସରେ ଥରେ ପୁରୁଣା ବ୍ରସ୍ ବଦଳାଇବା ଦରକାର। ଏପରିକି ବ୍ରସ୍‌ର ଅବସ୍ଥା ଦେଖି ଆଗୁଆ ବଦଳାଇବା ମଧ୍ୟ ଭଲ। ସେହିପରି କେତେବେଳେ କୌଣସି ରୋଗରେ ପଡ଼ିଲେ, ସେଥିରୁ ଉପଶମ ହେବା ପରେ ଟୁଥ୍ ବ୍ରସ୍‌କୁ ତୁରନ୍ତ ବଦଳାଇବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

# ପାଦରେ କଞ୍ଚା ରସୁଣ ମାଲିସ୍‌ର ଉପକାରିତା



ନିକଟରେ ପ୍ରଖ୍ୟାତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପାଦରେ କଞ୍ଚା ରସୁଣ ପାଖୁଡ଼ା ଘଷୁଥିବାର ଭିଡିଓ ସାମ୍ନାକୁ ଆସିଥିଲା। ରସୁଣ ମାଲିସ ହେଉଛି ଭାରତର ପୁରାତନ ଚିକିତ୍ସା ପଦ୍ଧତିର ଏକ ଅଂଶ। ଏହି ପରିପ୍ରେକ୍ଷୀରେ ରସୁଣର ରୋଗ ଉପଶମକାରୀ ଗୁଣ ବାବଦରେ ଆଲୋଚନା କରିବା। ରସୁଣରେ ଥିବା ଏସିଲିନ୍ ନାମକ ଏକପ୍ରକାର ରାସାୟନିକ ଯୌଗିକର ଅନେକ ଅଣୁଜୀବ ନିରୋଧୀ ଗୁଣ ରହିଛି। ତେଣୁ ରସୁଣକୁ ପାଦରେ ଘଷିବା ଦ୍ୱାରା ଚର୍ମରେ ବୀଜାଣୁ ବା ଭୂତାଣୁ ସଂକ୍ରମଣରୁ ମୁକ୍ତି ମିଳିବ। ରସୁଣ ଘଷିବା ଦ୍ୱାରା ପାଦ ଉଷୁମ ହୋଇଥାଏ ଏବଂ ଶରୀରର ରକ୍ତ ସଂଚାଳନ ଉନ୍ନତ ହୋଇ ହୃଦ୍‌ଘାତର ଆଶଙ୍କା ହ୍ରାସ ପାଏ ବୋଲି ବିଶ୍ୱାସ ରହିଛି। ସେହିପରି ଏହା ଶରୀରରୁ ନାନା ପ୍ରକାର ବର୍ଜ୍ୟପଦାର୍ଥ ନିଷ୍କାସନରେ ସାହାଯ୍ୟ କରିଥାଏ। ରସୁଣର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ତାହାକୁ ପାଦରେ ଘଷିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ଏହାଦ୍ୱାରା ପାଦରୁ ଝାଳ ନିର୍ଗମନ ଜନିତ ଦୁର୍ଗନ୍ଧକୁ ମଧ୍ୟ ଦୂରେଇ ଦିଆଯାଇପାରିବ। ତେବେ କଞ୍ଚା ରସୁଣ ପାଦରେ ଘଷିବାର ବଡ଼ ଗୁଣଟି ହେଲା ଏହା ଥଣ୍ଡା ଓ ଜ୍ୱର ପାଇଁ ଅମୋଘ ଅସ୍ତ୍ର ଭାବେ କାମ କରିଥାଏ। ଏହା ମନେରଖିବା ଜରୁରି କି କଞ୍ଚା ରସୁଣ ଘଷିବା ଦ୍ୱାରା ସମ୍ବେଦନଶୀଳ ଚର୍ମରେ ପ୍ରତିକ୍ରିୟା ଦେଖାଦେଇପାରେ। ତେଣୁ ଏହା ପୂର୍ବରୁ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ।

# ଯୁବାବସ୍ଥାରେ ହୃଦ୍‌ଘାତ ଚିନ୍ତାଜନକ

**➘ ଯୁବପିଢ଼ି ମଧ୍ୟରେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି କାହିଁକି ?**

ଏଥିପାଇଁ ପରିବର୍ତ୍ତିତ ଜୀବନଶୈଳୀ ଦାୟୀ। ଆଜିକାଲିର ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ମିଶ୍ରିତ ଖାଦ୍ୟ ହୃତ୍‌ପିଣ୍ଡକୁ କ୍ଷତି ପହଞ୍ଚାଉଛି। ପୁଣି ଯୁବପିଢ଼ିଙ୍କର ଶାରୀରିକ ପରିଶ୍ରମ ବହୁତ କମ୍। ଏଥିସହ ଗୁଟ୍‌ଖା ଭଳି ତମାଖୁ ସେବନ, ଧୂମପାନ, ମଦ୍ୟପାନ, ତେଲ ଓ ଚର୍ବି ଜାତୀୟ ଖାଦ୍ୟ ମଧ୍ୟ ସମପରିମାଣରେ ଦାୟୀ। ଏସବୁ ଦ୍ୱାରା ରକ୍ତରେ ଶର୍କରା ଅଂଶ ବଢ଼ିବା ସହ କୋଲେଷ୍ଟ୍ରଲ୍ ବି ସୃଷ୍ଟି ହେଉଛି।



ଡାକ୍ତର ନିହାର ରଞ୍ଜନ ପରିଡ଼ା, ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍

ଫଳରେ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହରେ ବାଧା ଉପୁଜୁଛି। ଏସବୁ କାରଣରୁ ଯୁବପିଢ଼ିଙ୍କ ମଧ୍ୟରେ ଏବେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି।

**➘ ଆଜିକାଲି ବ୍ୟାୟାମ କରିବା ଓ ଚାଲିବା ସମୟରେ ଅଧିକ ହୃଦ୍‌ଘାତ ହେଉଛି। ଏହାର କାରଣ କ'ଣ ?**

ରକ୍ତରେ କୋଲେଷ୍ଟ୍ରଲ୍ ବୃଦ୍ଧିକୁ ଆମେ ଅନେକ ସମୟରେ ଜାଣି ପାରି ନଥାଉ। ଫଳରେ ବ୍ୟାୟାମ ଓ ଶାରୀରିକ ପରିଶ୍ରମ ଜାରି ରଖୁ। ଏହା ଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃତ୍‌ପିଣ୍ଡ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରିଥାଏ। ହୃତ୍‌ପିଣ୍ଡକୁ ଯେତିକି ରକ୍ତ ପ୍ରବାହ ହେବା କଥା ତାହା ହୋଇ ନଥାଏ। ହୃତ୍‌ପିଣ୍ଡର ମାଂସପେଶୀ ତ୍ୱରିତ ବେଗରେ କାର୍ଯ୍ୟ କରୁଥିବା ବେଳେ ଆବଶ୍ୟକ ଅମ୍ଳଜାନ ପାଇପାରି ନଥାଏ। ତେଣୁ ହୃଦ୍‌ଘାତ ହୋଇଥାଏ।

**➘ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ ହେତୁ ବହୁ ସଂଖ୍ୟାରେ ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାରିବେଶିକ ସଂକଟ ସହ ହୃଦ୍‌ରୋଗର କି ସଂପର୍କ ରହିଛି ?**

ହଁ, ରହିଛି। ତାପମାତ୍ରା ବୃଦ୍ଧି ପାଇଲେ ଶରୀରରୁ ଅଧିକ ଝାଳ ବୋହିଥାଏ ଏବଂ ଏହି କାରଣରୁ ହୃଦ୍‌ସ୍ପନ୍ଦନ ବଢ଼ିଥାଏ। ଗ୍ରୀଷ୍ମ ପ୍ରବାହରେ ଆମେ ଯଦି ଅଧିକ ସମୟ ବାହାରେ ରହିବା ତେବେ ଗରମ ହେତୁ ଶରୀରରୁ ଜଳୀୟ ଅଂଶ କମିବ ଓ ହୃତ୍‌ପିଣ୍ଡ ଆବଶ୍ୟକ ଅମ୍ଳଜାନ ପାଇପାରିବ ନାହିଁ। ଫଳରେ ହୃଦ୍‌ଘାତ ହେବ। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ଆମର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ। ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ କାରଣରୁ ହଜାର ହଜାର ଲୋକ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ରହିଛି।

**➘ ଏସବୁ ରୋଗର ପ୍ରାଥମିକ ଲକ୍ଷଣ କ'ଣ ?**

ଅଳ୍ପ କାମ କଲେ ଅଧିକ ହାଲିଆ ଲାଗିବା ଓ ଧଇଁସଇଁ ହୋଇପଡ଼ିବା, ଶରୀରର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ଆଦି ଏହାର ଲକ୍ଷଣ। ଏପରିକି ଘରେ ଶିଡ଼ି ଚଢ଼ିଲେ କିମ୍ବା ସାମାନ୍ୟ ଚଲାବୁଲା କଲେ ଯଦି ଧଇଁସଇଁ ଲାଗୁଛି ତେବେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଯଦି ବାମ ପାର୍ଶ୍ୱ ଛାତିରେ ଯନ୍ତ୍ରଣା ଲାଗିଲା କିମ୍ବା ଦେହରୁ ଅଧିକ ଝାଳ ବୋହିଲା ତେବେ ଏହା ହୃଦ୍‌ଘାତର ପୂର୍ବ ଲକ୍ଷଣ। ଏପରି ସ୍ଥଳେ ବ୍ୟକ୍ତିବିଶେଷଙ୍କୁ ତତ୍‌କ୍ଷଣାତ୍ ଚିକିତ୍ସାଳୟକୁ ନେଇଯିବା ନିରାପଦ ଅଟେ।

**➘ ହୃଦ୍‌ରୋଗ ଓ ହୃଦ୍‌ଘାତଜନିତ ବିପଦରୁ କିପରି ଜଣେ ନିଜକୁ ସୁରକ୍ଷିତ ରଖିପାରିବ ?**

ଏଥିଲାଗି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ହେବ। ଦୈନନ୍ଦିନ ଜୀବନରେ ଚର୍ବିଜାତୀୟ ଖାଦ୍ୟ ବଦଳରେ ଜୈବିକ ଖାଦ୍ୟ ଅଧିକ ଖାଇବା ଦରକାର। ସବୁଜ ପନିପରିବା ମୁଖ୍ୟତଃ ଗାଜର, ଶାଗ, ବିଲାତିବାଇଗଣ ଓ ଭିଟାମିନ୍-ସି ଅଧିକ ଖାଇବା ଆବଶ୍ୟକ। ନିୟମିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୃତ୍‌ପିଣ୍ଡ ପରୀକ୍ଷା କରାଇବା ଉଚିତ। ଏସବୁ ସୁବିଧା ସରକାରୀ ଚିକିତ୍ସାଳୟରେ ମାଗଣା ଉପଲବ୍ଧ।



# ଅବ୍ୟବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଫିରିଙ୍ଗିଆ

# ଖତ ଖାଉଛି କୋଟିଏ ଟଙ୍କାର ମେସିନ୍

- ନାହାନ୍ତି ଟେକନିସିଆନ
- କାମରେ ଲାଗୁନି ଏକ୍ସରେ ମେସିନ
- ସାଧାରଣ ରୋଗୀଙ୍କୁ ବି ପଠାଯାଉଛି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ
- ସମସ୍ତ ବ୍ୟବସ୍ଥା ଯୋଗାଇ ଦେବାକୁ ଅଞ୍ଚଳ ବାସୀଙ୍କ ଦାବି

**ଫୁଲବାଣୀ,୧୬।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବହୁ ଅବ୍ୟବସ୍ଥା ରେ ଚାଲିଛି ବାହାରେ ଦେଖିଲେ ଚାକଚକ୍ୟ ଦେଖାଯାଉଥିବା ମେଡିକାଲ ଭିତରେ କିନ୍ତୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ରେ ଚାଲିଥିବା ଦେଖିବାକୁ ମିଳିଛି ଯାହାକୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଛି । ଜିଲ୍ଲାର ଦ୍ୱିତୀୟ ବୃହତମ ବ୍ଲକ ତଥା ୨୪ ଟି ପଞ୍ଚାୟତ ବିଶିଷ୍ଟ ବ୍ଲକ ର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହୋଇ ଜିଲ୍ଲା ଚିକିତ୍ସାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ବର୍ତମାନ ପରିସ୍ଥିତି ରେ ସାଧାରଣ ଭାବରେ ଡାକ୍ତର ମାନଙ୍କ ରହିବା ପାଇଁ ଠିକ ଭାବରେ ସରକାରୀ ଘର ନଥିବା ବେଳେ ଚାକଚକ୍ୟ ଦେଖାଯାଉଥିବା ମେଡିକାଲ ର ବାହାର ଅତି ସୁନ୍ଦର ଭାବରେ ଫୁଲ ଗଛ ସହ ପାର୍କ ଭଳି ସଜା ଯାଇଛି କିନ୍ତୁ ମେଡିକାଲ ରେ ରୋଗୀଙ୍କ ପାଇଁ କୌଣସି ସୁବିଧା ଉପଲବ୍ଧ ହୋଇ ପାରୁନାହିଁ । ଦୀର୍ଘ ବର୍ଷରୁ ମେଡିକାଲ କୁ ଉର୍ନ୍ନତ ମାନର ଏକ୍ସରେ ମେସିନ ଠାରୁ ଆରମ୍ଭ କରି ରକ୍ତ ପରୀକ୍ଷା ହେଉ କି ରୋଗ ନିଦାନ ମେସିନ ଭଳି ବିଭିନ୍ନ ମେସିନ ରୋଗୀଙ୍କ ସୁବିଧା ପାଇଁ ରଖାଯାଇଛି ଯାହାକି କାମରେ ନ ଲାଗି ଏବେ କିଛି ମେସିନ ପରିତ୍ୟକ୍ତ କୋଠା ଘରେ ପଡ଼ିରହିଛି । ବର୍ତମାନ ଉର୍ନ୍ନତ ମାନର ବ୍ୟୟ ବହୁଳ ଏକ୍ସରେ ମେସିନ ଆଣି ରଖାଯାଇଥଲେ ମଧ୍ୟ ତାହା ଚାଲୁନଥିବାରୁ ଦାୟିତ୍ୱ ରେ ଥିବା ଏକ୍ସରେ ଟେକନିସିଆନ କିଛି କାମ ନକରି ଦରମା ନେଉଥିବା ବେଳେ ରୋଗୀ ଜିଲ୍ଲା ଚିକିତ୍ସାଳୟ କିମ୍ବା ବାହାରେ ଏକ୍ସରେ କରି ଖର୍ଚ୍ଚ କରି ନହିନଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି କେବଳ ବାହାରେ ସଜେଇ ଚିକଣ କରି ଏକାଧିକ ଥର ଜିଲାରେ ପ୍ରଥମ ସ୍ଥାନ ପାଇଛି କିନ୍ତୁ ଚିକିତ୍ସା କ୍ଷେତ୍ରରେ ସାଧାରଣ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ସାଧାରଣ ଭାବରେ ଜ୍ୱର କିମ୍ବା ଖଣ୍ଡିଆ ହେଲେବି ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ରେ ପଡୁଛନ୍ତି ରୋଗୀ ଓ ସମ୍ପର୍କୀୟ ମାନ । ଡାକ୍ତର ଅଛନ୍ତି କିନ୍ତୁ ଆବଶ୍ୟକ ଅନୁସାରେ ଦାୟିତ୍ୱ ତୁଲାଉନଥିବା ବେଳେ ଜଣେ ଜଣେ ମାତ୍ର ବହିର ବିଭାଗ ରେ ବସୁଥିବାରୁ ଅଧିକାଂଶ ସମୟ ପ୍ରବଳ ଗହଳି ପରିଲକ୍ଷିତ ହେଉଛି ଯାହାଦ୍ୱାରା ରୋଗୀ ଚିକିତ୍ସା ନପାଇ ଫେରୁଥିବା ଭଳି ଅଭିଯୋଗ ହେଉଛି । ଏହି ପରିସ୍ଥିତି ରେ ଫିରିଙ୍ଗିଆ ମେଡିକାଲ ର ଏକ୍ସରେ ମେସିନ ଓ ଚିକିତ୍ସା ସେବା ପାଇଁ ଲାଗିଥିବା ମେସିନ ପାଇଁ ଟେକନିସିଆନ ନିଯୁକ୍ତି ଦେବା ସହ ତୁରନ୍ତ ସମସ୍ତ ମେସିନ କାର୍ଯ୍ୟକ୍ଷମ କରି ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାକୁ ଅଞ୍ଚଳ ବାସୀଙ୍କ ତରଫରୁ ଦାବୀ ହେଉଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ସମସ୍ତ ବ୍ୟବସ୍ଥା କରା ନଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି କିଛି ରାଜନେତା ଓ ଅଞ୍ଚଳ ବାସୀ ତେବେ ଏହି ଘଟଣା କୁ ନେଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରବୋଧ କୁମାର ପ୍ରଧାନ ଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେସିନ ଅଛି କିନ୍ତୁ ଜେନେରେଟର କି ଇନଭୋଟର ନଥିବାରୁ ଭୋଲ୍ଟେଜ ଅଭାବରୁ ତାହା ଚାଲି ପାରୁନାହିଁ ଏବଂ ଲେଖିକରି ଦେଇଛନ୍ତି ସିଡି ଓ ମ୍ କୁ ଅଧିକାଂଶ ମେସିନ ଥାଇ ମଧ୍ୟ ଟେକନିସିଆନ ନ ଥିବାରୁ ତାହା ଚାଲି ପାରୁନାହିଁ ଯାହାଦ୍ୱାରା ବାଧ୍ୟ ହୋଇ ରୋଗୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଉଥିବା କଥା କହିଛନ୍ତି ।

# ସାହସପୁରରୁ କଉଡ଼ିଖଣି ରାସ୍ତା ଅବସ୍ଥା ଶୋଚନୀୟ



**କଣାସ,୧୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିକାଶ ପାଇଁ ମୁଖ୍ୟତଃ ବିଭିନ୍ନ ଯୋଜନା କରି ରାସ୍ତା ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେରାସ୍ତା ନିର୍ମାଣ ପରେ ରକ୍ଷଣ ବେକ୍ଷଣ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁଁ କାମ କରାଯାଇଥିବା ରାସ୍ତା ଗୁଡିକ ଖୁବ କମ ଦିନରେ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। କଣାସ ବ୍ଲକ କାଦୁଆ ପଞ୍ଚାୟତର ସ କଉଡିଖଣି ରୁ ସାହସପୁର ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏକ ବର୍ଷ ହେବ ନିର୍ମାଣ କରାଯାଇଥିବା ଟାଇଲ ରାସ୍ତାରୁ ଟାଇଲ ଗୁଡିକ ଉଠି ଯାଇଥିବାରୁ ଦୈନୀୟଦିନ ଛୋଟବଡ ଦୁର୍ଘଟଣା ମାନ ଘଟିଛି। ଉକ୍ତ ରାସ୍ତା କାର୍ଯ୍ୟାଳୟ କଣାସଠାରେ ଥିଲେ ମଧ୍ୟ ୨୪ ଘଣ୍ଟା କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମବାସୀମାନେ ବାରମ୍ବାର ରାସ୍ତା ମରାମତି ସମ୍ପର୍କରେ ବିଡିଓଙ୍କ ନିକଟରେ ଦାବୀ କରିଆସୁଛନ୍ତି। ସେହିପରି ସାହସପୁରଠାରୁ ସାନଓରା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ କେତେକ ବ୍ୟକ୍ତି ଟ୍ରାକ୍ଟର ଯୋଗେ ମାଟି ବୋହୁଥିବାରୁ ରାସ୍ତା ସାରା ମାଟି ଖସି ରାସ୍ତାରେ ପଡ଼ିଥିବାବେଳେ ଦୁଇଦିନ ଧରି ବର୍ଷା ହୋଇଯିବାରୁ ଉକ୍ତ ରାସ୍ତାରେ ଚାଲିକରି ଯିବା କଷ୍ଟକର ହୋଇପଡ଼ିଥିବାବେଳେ ମଟର ସାଇକେଲ ଆରୋହୀମାନେ ଚକ ଖସିଯିବା ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଁତିପ୍ରତି ବିଭାଗୀୟ ଅଧିକାରୀମାନଙ୍କ କିପରି ଦୃଷ୍ଟି ପଡୁ ନାହିଁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି।

# ଥାଟରାଜା ରଣାର୍ଣ୍ଣବ ଦେବଙ୍କ ଦେହାନ୍ତ

**ନୀଳଗିରି,୧୬।୬ (ସଂଚାର ବ୍ୟୁରୋ):** ରବିବାର ରାତିରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥହୋଇ ଚିକିତ୍ସିତ ହେଉଥିଲେ। ହେଲେ ରବିବାର ରାତିରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣହୋଇଛି।ତାଙ୍କର ପୁତ୍ର ମୁଖାଗ୍ନି ଦେଇଛନ୍ତି। ଶ୍ରୀମନ୍ଦିର ରୋଷ ଘରୁ ଅଗ୍ନି ନେଇ ତାଙ୍କର ଶବସତ୍କାର କରାଯାଇଥିବା ସୂଚନା ମିଳିଛି।ରଣାର୍ଣ୍ଣବ ଦେବ ସାଧାରଣରେ ଥାଟରାଜା ଭାବେ ପରିଚିତ ଥିଲେ। ତାଙ୍କର ମାମୁଁଘର ବାଲେଶ୍ୱର ନୀଳଗିରିରେ ହୋଇଥିବାରୁ ସେ ପ୍ରାୟ ନୀଳଗିରିରେ ରହୁଥିଲେ। ପୁରୀ ଆସିଲେ ସେ ସେହି ରାଜନଅରରେ ରହୁଥିଲେ। ପୁରୀରେ ତାଙ୍କର ମୃତ୍ୟୁ ହୋଇଥିବାରୁ ରାଜ ପଂରପରା ଅନୁସାରେ ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଶ୍ରୀମନ୍ଦିର ରୋଷଶାଳାର ଅଗ୍ନିରେ ଶତ୍କାର କରାଯାଇଛି।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର,୧୬।୬ (ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ ଟି, ଆବାସ ଯୋଜନା ସମ୍ପର୍କୀୟ ୬ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ ଟି, ଭତ୍ତା ପାଇବା ପାଇଁ ୩ ଟି, ପୋଲିସ ସହାୟତା ପାଇବା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୩୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ରବିନାରାୟଣ ଜେଠୀ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ଆଶା କର୍ମିଙ୍କୁ ଦୁଷ୍କର୍ମ ଉଦ୍ୟମ,ପୁଲିସର କାର୍ଯ୍ୟାନୁଷ୍ଠାନ ଶୁନ

# ପ୍ରତିବାଦରେ ସିଏଚସି ଇନଚାର୍ଜ ଓ ପୁଲିସକୁ ଚେତାବନୀ ଦେଲେ ସଂଘ



**ଭବାନୀପାଟଣା,୧୬।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ କାର୍ଯ୍ୟରତ ଜଣେ ଆଶା କର୍ମି ଙ୍କୁ ଗତ ୨ ତାରିଖରେ କୋକସରା ସିଏଚସି ର ମହିଳା ଶୌଚାଳୟରେ ସିଏଚସିରେ ସ୍ୱିପର ଥିବା ଜଣେ କର୍ମଚାରୀ ଙ୍କ ପୁଅ ଜବରଦସ୍ତ ଶୌଚାଳୟରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ପିଡିତା ଆଶା କର୍ମି ଗତ ୪ ତାରିଖରେ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ତେବେ କୋକସରା ଥାନା ଅଧିକାରିଣୀ ସ୍ନିଗ୍ଧା ରାଣି ସୁନା ଅଭିଯୋଗ ର ୧୨ ଦିନ ପରେ ମଧ୍ୟ ଅଭିଯୁକ୍ତ କୁ ଗିରଫ କରିବାରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନଥିବା ନେଇ ଗତ ତାରିଖରେ ବ୍ଲକ ଆଶା ସଙ୍ଘ ପକ୍ଷରୁ ଥାନା ଆଇଆଇସି ଙ୍କୁ ଭେଟି ଶୀଘ୍ର ଅଭିଯୁକ୍ତ କୁ ଗିରଫ କରିବା ପାଇଁ ଦାବି କରିଥିଲେ। ତେବେ ଥାନା ଅଧିକାରିଣୀ ସ୍ନିଗ୍ଧାରାଣି ସୁନା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ କୁ ଗିରଫ କରିବାରେ ଅସମର୍ଥ ହୋଇଥିବା ବେଳେ ଆଶା କର୍ମି ଓ ସଙ୍ଘ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ସୋମବାର ଜିଲ୍ଲା ଆଶା କର୍ମି ସଙ୍ଘ ପକ୍ଷରୁ କୋକସରା ସିଏଚସି ଇନ ଚାର୍ଜ ଡ଼. ତତ୍ୱଦର୍ଶୀ ଦାସ ଙ୍କୁ ଭେଟି ଆଶାକର୍ମି ଙ୍କ ସୁରକ୍ଷା ପାଇଁ ଦାବି କରିବା ସହ ଡାକ୍ତରଖାନା ମଧ୍ୟରେ ଏମିତି ମହିଳା ଙ୍କୁ ଅସାଦାଚରଣ ଘଟଣା କୁ ନିନ୍ଦା କରିବା ସହ ସିକ୍ୟୁରିଟି ଗାର୍ଡ ମୁତୟନ ଥାଇ ମଧ୍ୟ ଡାକ୍ତରଖାନା ମଧ୍ୟରେ ଅସାମାଜିକ ଯୁବକ ଅବାଧ ପ୍ରବେଶ କରି ଜଣେ କାର୍ଯ୍ୟରତ ଆଶା କର୍ମି ଙ୍କୁ ଦୁଷ୍କର୍ମ ଉଦ୍ୟମ ପରେ ଘଟଣା ସମ୍ପର୍କରେ ଅବଗତ ଥାଇ ମଧ୍ୟ ସିଏଚସି ଇନଚାର୍ଜ କାହିଁକି ଚୁପ ରହିଛନ୍ତି, ମହିଳା ଙ୍କ ସୁରକ୍ଷା ପାଇଁ କାହିଁକି ପଦକ୍ଷେପ ନେଉ ନାହାଁନ୍ତି ବୋଲି ଅଭିଯୋଗ ହୋଇଛି। ଆଶା ସଙ୍ଘ ସହ ଭାରତୀୟ ମାନବ ଅଧିକାର କାଉନ୍ସିଲ ର ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା, ଜିଲ୍ଲା ସଭାପତି ଅନୀଲ କୁମାର ସାହୁ, ଧବଳେଶ୍ୱର ପାନ ବ୍ଲକ ଆଶା ସଂଘର କର୍ମକର୍ତ୍ତା ପ୍ରମୁଖ ସିଏଚସି ଇନଚାର୍ଜ ଡ଼. ଦାସ ଓ ଆଇ ଆଇ ସି ଅନୁପସ୍ଥିତରେ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେତାବନୀ ଦେଇଛନ୍ତି। ନ୍ୟାୟ ପାଇବା ଦାବିରେ କଳାହାଣ୍ଡି ଏସ୍ ପି ଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

# ଶ୍ରୀବିହାର ବାସିନ୍ଦା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ ପାଢ଼ୀ'ଙ୍କୁ ଜଣାଇଲେ ବହୁତ ବହୁତ ଧନ୍ୟବାଦ୍



ସଂଚାର ପ୍ରଭାବ

**ଯାଜପୁର ରୋଡ଼,୧୬।୬(ସଂଚାର ବ୍ୟୁରୋ):** ସଂଚାର ନ୍ୟୁଜ୍ ପେପର୍'ରେ ବିଗତ ୫ ଦିନ ପୂର୍ବେ ବ୍ୟାସନଗର ପୌରାଂଚଳ ସହରର ୱାର୍ଡ ନମ୍ବର -୧୬ ଉମାପଦା ସ୍ଥିତ ଶ୍ରୀ ଶ୍ରୀ ସାଇନାଥ ମନ୍ଦିର ଛକ'ର ଶ୍ରୀବିହାର କଲୋନୀ'କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପ୍ରବେଶ ମୁହଁ "ଡ୍ରେନ ଉପରେ ପଡ଼ିଥିବା ଏକ ସିଂମେଟ କଂକ୍ରିଟ ସ୍ଲାପ"ଟି ଭାଙ୍ଗିରୁଜି ଯାଇଥିବା ଖବର ବାହାରିଥିଲା। ଏହି ଖବର ପୌରନିର୍ବାହି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ ମହୋଦୟ ସାର୍ ଜାଣିବାକୁ ପାଇଥିଲେ। ଏପରି ଖବର'ରେ ରହିଥିବା ସମସ୍ୟାର ସମାଧାନ ଲିଗି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାପାଇଁ ପୌରସାନିଟାରୀ ସେକସନର ଅରୁଣ କୁମାର ଗୋଚ୍ଛାୟତ'ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଜି ପୌର କର୍ମଚାରୀମାନେ ଉକ୍ତ ଡ୍ରେନ ଉପରେ ଏକ ସିଂମେଟ କଂକ୍ରିଟ ସ୍ଲାପ ପକାଇଥିଲେ। ତେଣୁ ଉକ୍ତ ରାସ୍ତାରେ ଲୋକମାନଙ୍କ ଯାତାୟାତ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ପୌରନିର୍ବାହୀ ଅଧିକାରୀ ଶ୍ରୀ ପାଢ଼ୀ ସାର୍ ସମାଧାନ କରିଥିବା ଯୋଗୁଁ ତାଙ୍କୁ ଶ୍ରୀ ବିହାର ଅଂଚଳର ବାସିନ୍ଦା ଓ ଜନସାଧାରଣ ମାନେ ପ୍ରଶଂସା କରିବା ସହିତ ବହୁତ ବହୁତ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର,୧୬।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ଜିଲ୍ଲା ସନ୍ତରଣ ସଂଘର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିଜୁ ପଟ୍ଟନାୟକ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଉକ୍ତ ଚାମ୍ପିୟନ ସିପ୍‌କୁ ଏକ ବର୍ଣ୍ଣାଢ୍ୟ ପରିବେଶରେ ସମସ୍ତ ବର୍ଗର ପ୍ରତିଯୋଗୀମାନଙ୍କୁ ନେଇ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରତିଯୋଗିତା ଜୁନିୟର ଓ ସବଜୁନିୟର ବର୍ଗରେ କରାଯାଇ ଶ୍ରେଷ୍ଠ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀଙ୍କୁ ପୁରସ୍କୃତ କରାଯିବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିୟନ ସିପ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ଜିଲ୍ଲା ର ଶ୍ରେଷ୍ଠ ଟାଇମରମାନେ ଭୁବନେଶ୍ୱର ଠାରେ ଜୁଲାଇରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ବୈଠକ ଜିଲ୍ଲା ସନ୍ତରଣ ସଂଘର ସମ୍ପାଦକ ଜୟନାରାୟଣ ମେଣ୍ଡିଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସଂଘର ସଭ୍ୟ ବିଦ୍ୟାଧର ମିଶ୍ର, ଭକ୍ତି ରଞ୍ଜନ ଦଳେଇ, ପ୍ରକାଶ ମେହେର, ଶିବ ନାରାୟଣ ବେହେରା, ଦିଗାମ୍ବର ଶତପଥୀ, ଶ୍ରୀତମ ସାହୁ, ବିଶ୍ୱରଞ୍ଜନ ଦଳାଇ, ପ୍ରଦୀପ କୁମାର ମହାନ୍ତି, ମନୋରଞ୍ଜନ ମିଶ୍ର ଓ ସୁରଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ବିଶ୍ୱ ବରିଷ୍ଠ ଅତ୍ୟାଚାର ସଚେତନତା ଦିବସ' ପାଳିତ

**ସୁବର୍ଣ୍ଣପୁର,୧୬।୬ (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତି ଙ୍କ ଆଦେଶ ରେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ "ବିଶ୍ୱ ବରିଷ୍ଠ ଅତ୍ୟାଚାର ସଚେତନତା ଦିବସ" ଉପରେ ସଦର ସାନଝିଙ୍କି ଗ୍ରାମର ବରିଷ୍ଠ ନାଗରିକ ଆବାସ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ଦିବସ ର ମହତ୍ୱ ଏବଂ ନିଜର ଅନୁଭୂତି ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ ।

# ଏମ୍‌କେଏସ୍‌ପିରେ ରଜ ଉତ୍ସବ ପାଳିତ



**କନ୍ଧମାଳ,୧୬।୬ (ସଂଚାର ବ୍ୟୁରୋ):** ରଜପର୍ବ ହେଉଛି ପ୍ରତି ଓଡିଆ ମାନଙ୍କ ର ଗର୍ବ ଉଲ୍ଲାସ ର ଗଣ ଉତ୍ସବ । ପ୍ରତି ବର୍ଷ ଆସାଢ ମାସ ଆରମ୍ଭ ରେ ଏହି ପର୍ବ କୁ ପ୍ରତି ଟି ଓଡିଆ ବିଭିନ୍ନ ପିଠାପଣା ର ଆସର ସହିତ ଦୋଳି ଖେଳ, ପୁଚି ଖେଳ ଇତ୍ୟାଦି ମାଧ୍ୟମରେ ବଡ ଧୁମ୍ ଧାମ୍ ରେ ପାଳନ କରିଥାଆନ୍ତି । ସାଧାରଣତଃ ଏହା ପ୍ରଥମ ରଜ ବା ପହିଲି ରଜ, ରଜ ସଂକ୍ରାନ୍ତି ଓ ଶେଷ ରଜ ଏହିଭଳି ତିନିଦିନ ଧରି ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷି ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ, ରେଡିଓ, ସ୍ୱାତୀ, ରୋଟାରୀ କ୍ଲବ୍, ଜିଲ୍ଲା ଲେଖକ ସାମୁଖ୍ୟ, ବରିଷ୍ଠ ନାଗରିକ ସଂଘ ଓ ଇ-ପାଠାଗାର ଫୁଲବାଣୀ ଙ୍କ ମିଳିତ ସହଯୋଗ ରେ ଏମ୍.କେ.ଏସ୍.ପି. ଫୁଲବାଣୀ ଠାରେ ରଜ ଉତ୍ସବ -୨୦୨୫ ପାଳିତ ହୋଇଯାଇଛି । ଉଦ୍ଘାଟନୀ ଦିବସରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ସନ୍ତୋଷ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସଜ୍ଜିତ ଦୋଳି କୁ ଉଦ୍ଘାଟନ କରି ପରମ୍ପରା ର ନିଆରା ପର୍ବ କୁ ଏହିଭଳି ଆୟୋଜନ କରି ସମସ୍ତ ବର୍ଗ ର ଜନସାଧାରଣ ଙ୍କୁ ଯୋଡି ପାରିଥିବାରୁ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏବର୍ଷ ରଜ ଉତ୍ସବ କୁ ଫୁଲ ତିଡା ବଦଳରେ ଗଛ ରେ ପାଣି ଦେଇ ଏକ ନିଆରା ପରମ୍ପରା କୁ ଗ୍ରହଣ କରାଯାଇଥିଲା । ତତ୍ ସହିତ କନ୍ଧମାଳ ର ଚର୍ଚିତ ଜୋଡା ମୁଣ୍ଡ ଶିଶୁ ଜଗା ଓ ତାର ଭଉଣୀ ସୁଭଦ୍ରା ପ୍ରଥମେ ଦୋଳି ଖେଳି ଏହି ପର୍ବ କୁ ଆହୁରି ନିଆରା କରିଥିଲା। ଦୁଇଦିନ ଧରି ପାଳିତ ଏହି ଉତ୍ସବ ରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଙ୍କୁ ସାମିଲ କରିବାର ଚେଷ୍ଟା ରଖି ବାଳିକା, ମହିଳା ଓ ବୟସ୍କ ବ୍ୟକ୍ତି ଙ୍କ ପାଇଁ ପ୍ରତିଯୋଗିତା ଯଥା-ମ୍ୟୁଜିକ୍ ଚେୟାର, ପୁଚି ଖେଳ, ହୁଳ ହୁଳି, ଶଙ୍ଖ ବାଦନ, ରଜ ପିଠା ଆଦି ଆୟୋଜନ କରାଯାଇ କୃତି ପ୍ରତିଯୋଗି ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥର ରଜ ଉତ୍ସବ ର ଦିତ୍ୱୀୟ ଦିବସରେ ମୂଖ୍ୟ ଆକର୍ଷଣ ଥିଲା ରଜ ନନ୍ଦିନୀ ପ୍ରତିଯୋଗିତା ଯାହା ପ୍ରମିଳା ମାଣ୍ଡିଆ କୃତକାର୍ଯ୍ୟ ହୋଇ ଏଥରର ମୁକୁଟ ପିନ୍ଧିଥିଲେ । ତତ୍ସହିତ ଜିଲ୍ଲା ଲେଖକ ସାମୁଖ୍ୟ ଙ୍କ ଦ୍ୱାରା ସ୍ୱରଚିତ ରଜ ସଂପର୍କିତ କବିତା ପାଠ ଏବଂ ବରିଷ୍ଠ ନାଗରିକ ଙ୍କ ଦ୍ୱାରା ହସ କଥା ଉପସ୍ଥାପନା ଭଳି ନିଆରା କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା । ମଝିରେ ମଝିରେ ସ୍ୱାତୀ ଆନୁଷ୍ଠାନ ଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ପ୍ରସ୍ତୁତ ପକୋଡି, ସୁପ୍, ଆଳୁଚପ୍ ଇତ୍ୟାଦି ଦର୍ଶକ ମାନଙ୍କର ମନକୁ ଆକୃଷ୍ଟ କରିଥିଲା ।

## ଭିନ୍ନକ୍ଷମ ଶିବିରକୁ ଯାଇ ଚିକିତ୍ସିତ ହୋଇଥିଲେ

# ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ ଧନୁର୍ଯ୍ୟ



**ଖପ୍ରାଖୋଲ,୧୬।୬ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ତଥା ଗ୍ରାମର ଧନୁର୍ଯ୍ୟ ବାଗ(୫୭) ବିକଳାଙ୍ଗ ଅଟନ୍ତି । ସରକାରୀ ସହାୟତା ଓ ବିକଳାଙ୍ଗ ଭତ୍ତା ଆବେଦନ କରିବା ପାଇଁ ଖପ୍ରାଖୋଲ ବ୍ଲକ ଠାରେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ସାମଥ୍ୟ ଅଭିଯାନ ଶିବିର କୁ ଯାଇ ଚିକିତ୍ସା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିକଳାଙ୍ଗ ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ ଅଛନ୍ତି । ନିଜ ଜମିକୁ ଚାଷ କରିବାକୁ ପାଇଁ ଯାଉଥିବା ବେଳେ ଗୋଡ ଖସି ଯିବାରୁ ତାଙ୍କର ଡାହାଣ ଗୋଡ ଭାଙ୍ଗି ଯାଇଥିବାରୁ ସେ ରାଇପୁର ର ଏକ ହସ୍ପିଟାଲ ରେ ଚିକିତ୍ସା କରାଇଥିଲେ ହେଲେ ସେ ଗୋଡ ଆଉ କାମ ଦେଉନାହିଁ। ଭିନ୍ନକ୍ଷମ ହୋଇ ଘରେ ପଡିରହିଛନ୍ତି । ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ପାଇଁ ଅନଲାଇନ ରେ ଆବେଦନ କରିଛନ୍ତି ହେଲେ ମିଳିପାରିନାହିଁ । ପତ୍ନୀ ଲକ୍ଷ୍ମୀ ଦିନ ମଜୁରୀ କଲେ ପରିବାର ପେଟକୁ ଦାନା ଯୋଗାଡ଼ ହୁଏ । ଧନୁର୍ଯ୍ୟ ଙ୍କ ପତ୍ନୀ ଲକ୍ଷ୍ମୀ ବାଗ, ଗୋଟିଏ ପୁଅ ଓ ଝିଅ । ବିକଳାଙ୍ଗ ସାର୍ଟିଫିକେଟ୍ ମିଳିଲେ ତାଙ୍କ ପରିବାର ଉପକୃତ ହେବ ବୋଲି ଧନୁର୍ଯ୍ୟ କହିଛନ୍ତି । ତଥାପି କେହି ତାଙ୍କ ଗୁହାରି ଶୁଣୁନଥିବା ଅଭିଯୋଗ ହେଉଛି। ଏନେଇ ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହାୟତାର ହାତ ବଢାଇଲେ ଆଗକୁ ଧନୁର୍ଯ୍ୟ ଙ୍କ ଜୀବନର କିଛିଟା ସମସ୍ୟାର ସମାଧନ ହୋଇପାରିବ ବୋଲି ଆଶା କରାଯାଉଛି ।

# ହସ୍ପିଟାଲରୁ ଯୁବକଙ୍କ ମୃତଦେହ ଜବତ




**ଦିଗପହଣ୍ଡି,୧୬।୬ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୋମବାର ଦିଗପହଣ୍ଡି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ମୃତକ ହେଲେ ସାନଖେମୁଣ୍ଡି ବ୍ଲକ ଛଣମେରି ଗ୍ରାମ ବଡସାହିର ଜିତେନ୍ଦ୍ର ନାୟକ(୨୬)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୫) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ସାରେ ପରିବାର ଲୋକେ ଜିତେନ୍ଦ୍ରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ପୋଲିସକୁ ଜଣାଇଥିଲେ। ବିଷ ପ୍ରକ୍ରିୟାରେ ତାଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନା ଏସ୍ଆଇ ଦୁଷ୍ମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ସନ୍ଧ୍ୟା

# ଲୋକନୃତ୍ୟ ଓ ଲୋକସଙ୍ଗୀତ ଉପଭୋଗ କଲେ ଦର୍ଶକ



**ସୁବର୍ଣ୍ଣପୁର,୧୬।୬ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ "ବର୍ଷ ଏକ ଉପଲବ୍ଧି ଅନେକ" ଶୀର୍ଷକ ଜିଲ୍ଲାସ୍ତରୀୟ ବିକାଶ ମେଳା - ୨୦୨୫ ସୁବର୍ଣ୍ଣପୁରର ରୟାଲ ପଡ଼ିଆଠାରେ ଅନୁଷ୍ଠିତ ହେଉଛି। ବିକଶିତ ଓଡ଼ିଶାର ସଂକଳ୍ପ ସହ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଭିନ୍ନ ଯୋଜନାର ସଫଳତା ସହ ସରକାରଙ୍କ ଲୋକ ଯୋଜନାର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆୟୋଜିତ ହୋଇଥିବା ଏହି ବିକାଶ ମେଳାର ଚତୁର୍ଥ ସନ୍ଧ୍ୟା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବିଶିଷ୍ଟ ଅତିଥିଭାବେ ଡି ଆର ସି,ଏସ ସଞ୍ଜୟ କୁମାର ତ୍ରିପାଠୀ, ଜିଏମ ଡି ଆଇ ସି ରମେଶ କୁମାର ପଟେଲ, ଉପ ନିର୍ଦ୍ଦେଶକ ବୟନ ସନାତନ ବକ୍ସି, ଉପ ନିର୍ଦ୍ଦେଶକ ହସ୍ତତନ୍ତ ଓ ହସ୍ତଶିଳ୍ପ ବନମାଳୀ ଟପ୍ପୋ ପ୍ରମୁଖ ଯୋଗଦାନ କରି ବିଭାଗୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର କାର୍ଯ୍ୟନ୍ୱୟନ ଓ ଜନସାଧାରଙ୍କ ପାଇଁ ରହିଥିବା ସରକାରଙ୍କ ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ବିଭାଗୀୟ ସରକାରୀ ଲୋକଯୋଜନାର ପ୍ରଦର୍ଶନ କରାଯାଇଥିଲା। ଆଜି ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ। ଆଜି ବିକାଶ ର ବାର୍ତ୍ତା ବହନ କରି ଜିଲ୍ଲାର ୬ଟି ବ୍ଲକ ଅଞ୍ଚଳରେ ଭ୍ରାମ୍ୟମାଣ ବିକାଶ ବାହନ ସଚେତନତା ବାର୍ତ୍ତା ସହ ଗ୍ରାମ୍ୟାଞ୍ଚଳ ଜନସାଧାରଙ୍କୁ ସଚେତନ କରିବା ସହ ଜନସାଧାରଣଙ୍କୁ ତତ୍କାଳ ସରକାରଙ୍କ ପ୍ରୋତ୍ସାହନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗକୁ ବିଭିନ୍ନ ବିଭାଗ ଦ୍ୱାରା ପଞ୍ଚାୟତ ସ୍ତରରେ ଖୋଲାଯାଇଥିବା ଷ୍ଟଲ ମାଧ୍ୟମରେ ଉପଲବ୍ଧ କରାଯାଇଥିଲା ।

# ଭାଉଜଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ଦିଅର

**ଦିଗପହଣ୍ଡି,୧୬।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମର ଗାଣ୍ଡୁ ବେହେରାଙ୍କୁ ସୋମବାର ପାଟପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।ଥାନା ମାମଲା ନଂ.୪୨୭/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨୦୨୪ ସେପ୍ଟେମ୍ବର ୨୩ ତାରିଖ ଭୋରରେ ଗ୍ରାମର କାଳି ବେହେରା ନାମ୍ନୀ ଜଣେ ମହିଳା ଘର ସମ୍ମୁଖରେ ଝାଡୁ କରୁଥିବା ବେଳେ ମୁଖାପିନ୍ଧି ଥିବା କୌଣସି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଠେଙ୍ଗାରେ ବିବିଧ ମାଡ଼ ମାରି ଚମ୍ପଟ ମାରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଏନେଇ ଏତଲା ହେବା ପରେ ଥାନା ରେ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲିଥିଲା।